# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜୁନ୍ ୩/୨୦୨୪ (୧୪ ପୃଷ୍ଠା) Bhubaneswar, Monday, June 3/2024 Page 14 ₹ 7.00 BALASORE

୫୦ଶ ଭାଗ ୧୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 189 ମୂଲ୍ୟ₹୭/-



ଭାରତ ନିର୍ବାଚନ ଆୟୋଗ
Election Commission of India

चुनाव का पर्व
DESH KA GARV
LOK SABHA ELECTION 2024

## ଭାରତ ନିର୍ବାଚନ ଆୟୋଗ

ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବରେ ଅଂଶଗ୍ରହଣ କରିଥିବାରୁ ଆପଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ଏବଂ ନିମ୍ନଲିଖିତ ସମସ୍ତ ସହଭାଗୀଙ୍କୁ

# ଧନ୍ୟବାଦ

ଜଣାଉଛି



ଗର୍ବିତ ମତଦାତା

ରାଜନୈତିକ ଦଳ
ଏବଂ ପ୍ରାର୍ଥୀବୃନ୍ଦ

ମତଦାନ ଅଧିକାରୀ
ଏବଂ ଏଜେନ୍ସି

ସୁରକ୍ଷାକର୍ମୀ

ଗଣମାଧ୍ୟମ

ମତଦାତାଙ୍କ ପର୍ଯ୍ୟନ୍ତ ସୂଚନାକୁ ପହଞ୍ଚାଇବାରେ
ସହଭାଗୀ ସଂସ୍ଥା/ଏଜେନ୍ସି

CBC 52101/13/0036/2425



ଦେଖନ୍ତୁ: elections24.eci.gov.in

fb.com/ECI @ecisveep youtube.com/eci /company/election-commission-of-india-official @ecisveep Election Commission of India

# ସିକିମ୍‌ରେ ଏସ୍‌କେଏମ୍‌ର ଏକତରଫା ବିଜୟ

ଗ୍ୟାଙ୍ଗଟକ୍,୨।୬

ସିକିମ୍ ନିର୍ବାଚନରେ ଶାସକ ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ଏକତରଫା ବିଜୟ ଲାଭ କରିଛି। ରାଜ୍ୟ ବିଧାନସଭାର ୩୨ ଆସନ ମଧ୍ୟରୁ ଏସ୍‌କେଏମ୍ ୩୧ଟି ଦଖଲ କରି ଇତିହାସ ରଚିଛି। ଦୀର୍ଘ ୨୫ ବର୍ଷ ଧରି ରାଜ୍ୟକୁ ଶାସନ କରିଥିବା ବିରୋଧୀ ସିକିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏସ୍‌ଡିଏଫ୍) ମାତ୍ର ଗୋଟିଏ ଆସନରେ ସୀମିତ ହୋଇରହିଯାଇଛି। ଏପରି କି ରାଜ୍ୟରେ ସର୍ବାଧିକ ୫ ଥର (୧୯୯୪-୨୦୧୯) ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ଏସ୍‌ଡିଏଫ୍ ଅଧ୍ୟକ୍ଷ ପବନ କୁମାର ଚାମ୍‌ଲିଙ୍ଗଙ୍କୁ ଧୂଳି ଚାଟିବାକୁ ପଡ଼ିଛି। ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ୍ ରେନୋକ୍ ଏବଂ ସୋରେଙ୍ଗ-ଚାକୁଙ୍ଗ୍ ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଥିବାବେଳେ ଚାମ୍‌ଲିଙ୍ଗ୍ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଦୁଇଟିଯାକ ଆସନ ପୋକ୍‌ଲୋକ୍ କମରାଙ୍ଗ ଏବଂ ନାମ୍‌ଚେୟବୁଙ୍ଗ୍ ଆସନରେ ହାରିଯାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏସ୍‌କେଏମ୍‌ର ବିପୁଳ ବିଜୟ ପାଇଁ ତମାଙ୍ଗଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଏପ୍ରିଲ ୧୯ରେ ସିକିମ୍ ବିଧାନସଭାର ୩୨ ଏବଂ ଏକମାତ୍ର ଲୋକ ସଭା ଆସନ


ପ୍ରେମ୍ ସିଂ ତମାଙ୍ଗ୍

ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଧାନସଭା ନିର୍ବାଚନ ଫଳ ରବିବାର ପ୍ରକାଶ ପାଇଥିବାବେଳେ ଲୋକ ସଭା ଆସନର ଭୋଟ ଗଣତି ମଙ୍ଗଳବାର କରାଯିବ। ଏସ୍‌କେଏମ୍ ସୁପ୍ରିମୋ ପ୍ରେମ୍ ସିଂ ତମାଙ୍ଗ୍ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଫେରିବା ପରେ ଗ୍ୟାଙ୍ଗଟକ୍‌ର ପାଲ୍‌ଜୋର ଷ୍ଟାଡିୟମ୍‌ରେ ଦଳୀୟ କ୍ୟାଡରଙ୍କ କଠିନ ପରିଶ୍ରମ ଓ ତାଙ୍କ ସରକାର ପ୍ରତି ଲୋକଙ୍କ ଆସ୍ଥା ଯୋଗୁ ଏତେ ବଡ଼ ବିଜୟ ମିଳିପାରିଛି ବୋଲି କହିଛନ୍ତି। ଏହି ଅବସରରେ ସେ ନିଜ ସମର୍ଥକ ଓ ମତଦାତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ୨୦୧୯ ବିଧାନସଭା ନିର୍ବାଚନରେ ଏସ୍‌କେଏମ୍ ୧୭ ଆସନ ଦଖଲ କରି କ୍ଷମତାସୀନ ଏସ୍‌ଡିଏଫ୍‌କୁ ଗାଦିଚ୍ୟୁତ କରିଥିଲା। ଏହାର ୫ ବର୍ଷ ପରେ ଶାସକ ଦଳ ପ୍ରାୟ ଦୁଇଗୁଣ ଅଧିକ ଆସନ ଦଖଲ କରି ସମସ୍ତଙ୍କୁ ଚକିତ କରିଦେଇଛି। ରାଜ୍ୟରେ ପଦ୍ମ ଫୁଟିପାରି ନାହିଁ କି କଂଗ୍ରେସ ମଧ୍ୟ ଗୋଟିଏ ହେଲେ ଆସନ ଦଖଲ କରିବାରେ ସକ୍ଷମ ହୋଇନାହିଁ।

## ଏସ୍‌ଡିଏଫ୍ ସୁପ୍ରିମୋ ୨ ଆସନରେ ହାରିଲେ

ସିକିମ୍ ବିଧାନସଭା ନିର୍ବାଚନରେ ପୂର୍ବରୁ ୫ ଥର ମୁଖ୍ୟମନ୍ତ୍ରୀ ଥିବା ସିକିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏସ୍‌ଡିଏଫ୍) ସୁପ୍ରିମୋ ପଓ୍ୱନ କୁମାର ଚାମ୍‌ଲିଙ୍ଗ ଉଭୟ ପୋକ୍‌ଲୋକ କାମରଙ୍ଗ ଏବଂ ନାମଚେବୁଙ୍ଗ ଆସନରୁ ହାରିଯାଇଛନ୍ତି। ଚାମ୍‌ଲିଙ୍ଗ ପୂର୍ବରୁ ୮ ଥର ବିଧାୟକ ଥିଲେ। ସେ ପୋକ୍‌ଲୋକ ଆସନରେ ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ପ୍ରାର୍ଥୀ ଭୋଜରାଜ ରାୟଙ୍କଠାରୁ ୩,୦୬୩ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି। ରାୟ ୮,୦୩୭ ଖଣ୍ଡ ଭୋଟ ପାଇଥିବାବେଳେ ଚାମ୍‌ଲିଙ୍ଗଙ୍କୁ ୪,୯୭୪ ଖଣ୍ଡ ଭୋଟ ମିଳିଛି। ସେହିପରି ନାମଚେବୁଙ୍ଗ ଆସନରେ ଚାମଲିଙ୍ଗ ଏସ୍‌କେଏମ୍ ପ୍ରାର୍ଥୀ ରାଜୁ ବାସ୍‌ନେଟଙ୍କଠାରୁ ୨,୨୫୬ ଭୋଟରେ ପରାଜିତ ହୋଇଛନ୍ତି। ବାସ୍‌ନେଟ


ପଓ୍ୱନ କୁମାର ଚାମ୍‌ଲିଙ୍ଗ

୭,୧୯୫ ଭୋଟ ପାଇଥିବାବେଳେ ଚାମ୍‌ଲିଙ୍ଗଙ୍କୁ ୪,୯୩୯ ଖଣ୍ଡ ଭୋଟ ମିଳିଛି। ଚାମ୍‌ଲିଙ୍ଗ ୧୯୯୪ରୁ ୨୦୧୯ ଦୀର୍ଘ ୨୫ ବର୍ଷ ଧରି ସିକିମ ମୁଖ୍ୟମନ୍ତ୍ରୀ ରହିଥିଲେ। ୩୯ ବର୍ଷ ମଧ୍ୟରେ ସେ ପ୍ରଥମ ଥର ପାଇଁ ବିଧାନସଭା ଯିବାରୁ ବଞ୍ଚିତ ହୋଇଛନ୍ତି। ଏସ୍‌ଡିଏଫ୍ ସମସ୍ତ ୩୨ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ମାତ୍ର ଗୋଟିଏ ଆସନ ଜିତିବାରେ ସକ୍ଷମ ହୋଇଛି।

## ଅରୁଣାଚଳରେ ଭାଜପା ୪୬

ଇଟାନଗର,୨।୬

### ପେମା ଖାଣ୍ଡୁଙ୍କ ହ୍ୟାଟ୍ରିକ୍ ବିଜୟ

ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶରେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା)କୁ ହ୍ୟାଟ୍ରିକ୍ ବିଜୟ ମିଳିଛି। ୬୦ରୁ ୪୬ ଆସନରେ ଭାଜପା ଜିତିଛି। ଏଥିସହ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଲଗାତର ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନ ଦଖଲ କରିବାକୁ ଯାଉଛନ୍ତି। ଅରୁଣାଚଳ ପ୍ରଦେଶ ବିଧାନସଭାର ୬୦ ଆସନ ମଧ୍ୟରୁ ୧୦ଟିରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଗତ ଏପ୍ରିଲ ୧୯ରେ ଅବଶିଷ୍ଟ ୫୦ ବିଧାନସଭା ଏବଂ ୨ ଲୋକ ସଭା ଆସନରେ ନିର୍ବାଚନ ହୋଇଥିଲା। ଲୋକ ସଭା ଆସନର ଭୋଟ ଗଣତି ମଙ୍ଗଳବାର ହେବାକୁ ଥିବାବେଳେ ବିଧାନସଭା ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ତଦନୁସାରେ ଭାଜପା ବିନା ପ୍ରତିଦ୍ୱନ୍ଦ୍ୱିତାରେ ୧୦କୁ ମିଶାଇ ମୋଟ ୪୬ ଆସନ ଦଖଲ କରିଛି। ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)କୁ ୫, କଂଗ୍ରେସକୁ ଗୋଟିଏ ଆସନରେ ସଫଳତା ମିଳିଛି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି



(ଏନ୍‌ସିପି) ୩, ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ (ପିପିଏ) ୨ ଏବଂ ଅନ୍ୟ ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେମା ଖାଣ୍ଡୁଙ୍କୁ ଅଭିନନ୍ଦନ ଜଣାଇବା ସହ ଅରୁଣାଚଳ ପ୍ରଦେଶବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ୨୦୧୯ ବିଧାନସଭା ନିର୍ବାଚନ ବେଳେ ଭାଜପା ୪୧ ଆସନରେ ବିଜୟୀ ହୋଇଥିଲା।

## ସଂକ୍ଷେପରେ

### ତେଞ୍ଜିଙ୍ଗ୍ ନୋର୍ବୁ ଲାମ୍‌ଥା ଏସ୍‌ଡିଏଫ୍‌ର ଏକମାତ୍ର ବିଜୟୀ ପ୍ରାର୍ଥୀ



ଗାଙ୍ଗଟକ୍,୨।୬

ସିକିମ ବିଧାନସଭା ନିର୍ବାଚନରେ ସିକିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏସ୍‌ଡିଏଫ୍) ଶୋଚନୀୟ ପରାଜିତ ହୋଇଛି। ଦଳର ଏକମାତ୍ର ପ୍ରାର୍ଥୀ ଶ୍ୟାରି ଆସନରୁ ଲଢୁଥିବା ତେଞ୍ଜିଙ୍ଗ୍ ନୋର୍ବୁ ଲାମ୍‌ଥା ଏସ୍‌କେଏଫ୍‌ର କୁଙ୍ଗା ନିମା ଲେପ୍‌ଚାଙ୍କଠାରୁ ୧,୩୧୪ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୧୯୯୪ରୁ ୨୦୧୯ ମଧ୍ୟରେ ଏସ୍‌ଡିଏଫ୍ କ୍ରମାଗତ ଭାବେ ସବୁ ବିଧାନସଭା ନିର୍ବାଚନ ଜିତିଥିଲା। ୨୦୧୯ ନିର୍ବାଚନରେ ନବଗଠିତ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ବିଜୟୀ ହୋଇ କ୍ଷମତାକୁ ଆସିଥିଲା।

### ଇସିଙ୍କୁ ଭେଟିଲେ ଇଣ୍ଡିଆ ବ୍ଲକ୍ ନେତା

ନୂଆଦିଲ୍ଲୀ,୨।୬

ଲୋକ ସଭା ନିର୍ବାଚନ ଭୋଟଗଣତି ପୂର୍ବରୁ ବିରୋଧୀ ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ନେତାମାନେ ରବିବାର ନିର୍ବାଚନ କମିଶନ (ଇସି)ଙ୍କୁ ଭେଟିଛନ୍ତି। ସେମାନେ ଇସିଙ୍କ ସହ ଗଣତି ନିୟମାବଳୀ ଉପରେ ଆଲୋଚନା କରିବା ସହ ଧାର୍ଯ୍ୟ ପ୍ରକ୍ରିୟାଗୁଡ଼ିକ ଯେପରି ଅନୁପାଳନ ହୁଏ, ତାହା ସୁନିଶ୍ଚିତ କରିବାକୁ କହିଥିଲେ। ଶନିବାର ଇଣ୍ଡିଆ ବ୍ଲକ୍‌ର ନେତାମାନେ ନୂଆଦିଲ୍ଲୀରେ ବୈଠକ କରି ଗଣତି ଦିବସ ପାଇଁ ରଣକୌଶଳ ପ୍ରସ୍ତୁତ କରିଥିଲେ। ସମ୍ପୂର୍ଣ୍ଣ ଗଣତି ପ୍ରକ୍ରିୟା ଶେଷ ନ ହେବା ଯାଏ, ମେଣ୍ଟ ଦଳର କର୍ମୀମାନେ କାଉଣ୍ଟିଂ ହଲ୍ ଛାଡ଼ି ନ ଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

### ହଲ୍ଲା ଟୋମାସ୍‌ଡୋଟିର୍ ଆଇସ୍‌ଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ

କୋପେନହେଗେନ୍,୨।୬

ମହିଳା ବ୍ୟବସାୟୀ ହଲ୍ଲା ଟୋମାସ୍‌ଡୋଟିର୍ ଆଇସ୍‌ଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ବିଦାୟୀ



ରାଷ୍ଟ୍ରପତି ଗୁଡ୍‌ନୀ ଜୋହାନେସନ୍‌ଙ୍କ ସ୍ଥାନରେ ଦେଶର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ଟୋମାସ୍‌ଡୋଟିର୍ ୩୪.୩ ପ୍ରତିଶତ ଭୋଟ ସହ ଏହି ଆଳଙ୍କାରିକ ପଦବୀକୁ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ କାଟ୍ରିନ୍ ଜାକୋବ୍‌ସ୍‌ଡୋଟିର୍ ୨୫.୨ ପ୍ରତିଶତ ଭୋଟ ପାଇ ହାରିଯାଇଛନ୍ତି। ୫୫ ବର୍ଷୀୟା ଟୋମାସ୍‌ଡୋଟିର୍ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ପ୍ରଚାର କରିବା ସହ ମୌଳିକ ସମସ୍ୟାଗୁଡ଼ିକ ଉପରେ ଖୋଲା ଆଲୋଚନା କରୁଥିଲେ।



ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ନେତାମାନେ ରବିବାର ନିର୍ବାଚନ କମିଶନ (ଇସି)ଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। (ଫଟୋ: ଚମନ ଗୌତମ)

## ଗଣତି ପୂର୍ବରୁ ୧୫୦ ଜିଲାପାଳଙ୍କୁ ଶାହା ପ୍ରଭାବିତ କରିଛନ୍ତି: କଂଗ୍ରେସ

ନୂଆଦିଲ୍ଲୀ,୨।୬(ପି.ଟି.)

ଲୋକ ସଭା ନିର୍ବାଚନ ଭୋଟଗଣତି ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୧୫୦ ଜଣ ଜିଲାପାଳଙ୍କୁ ଫୋନ୍ କରି ପ୍ରଭାବିତ କରିଥିବା ନେଇ କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ ଆଣିଥିଲେ। ନିର୍ବାଚନ କମିଶନ ଏନେଇ ଜୟରାମଙ୍କୁ ବାସ୍ତବ ତଥ୍ୟ ମାଗିଛନ୍ତି। ରବିବାର ରାତି ୭ଟା ସୁଦ୍ଧା ସବିଶେଷ ତଥ୍ୟ ଦେବା ପାଇଁ ଜୟରାମଙ୍କୁ ଇସି ଏକ ପତ୍ର ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି। ଭୋଟଗଣତି ପ୍ରତ୍ୟେକ ରିଟର୍ନିଂ ଅଫିସରଙ୍କ ଉପରେ ନ୍ୟସ୍ତ ହୋଇଥିବା ଏକ ପବିତ୍ର କର୍ତ୍ତବ୍ୟ। ସର୍ବସାଧାରଣରେ କଂଗ୍ରେସ ନେତା ଏଭଳି ମନ୍ତବ୍ୟ ଦେଇ ଏହାକୁ ସନ୍ଦେହ ଘେରକୁ ଆଣିଛନ୍ତି। ବୃହତ୍ତର ସାଧାରଣ

### ତଥ୍ୟ ମାଗିଲେ ଇସି

ସ୍ୱାର୍ଥ ଦୃଷ୍ଟିରୁ ଏହାର ତୁରନ୍ତ ସମାଧାନ ହେବା ଆବଶ୍ୟକ ବୋଲି ଇସି ଜୟରାମଙ୍କୁ କହିଛନ୍ତି। ଆଦର୍ଶ ଆଚରଣ ବିଧି ବଳବତ୍ତର ରହିଥିବାରୁ ସମସ୍ତ ଅଫିସର କମିଶନଙ୍କ ଡେପୁଟେଶନରେ ରହିଛନ୍ତି। ସେମାନେ କୌଣସି ନିର୍ଦ୍ଦେଶର ସିଧାସଳଖ ରିପୋର୍ଟ କରୁଛନ୍ତି। ସେମାନଙ୍କୁ ଉପରେ କୌଣସି ଅନୈତିକ ପ୍ରଭାବ ପକାଯାଇଥିବାରୁ କୌଣସି ଜିଲାପାଳ ରିପୋର୍ଟ କରି ନ ଥିବା ଇସି ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ୧୫୦ ଜିଲାପାଳଙ୍କୁ ଶାହା ଫୋନ୍ କରିଥିବାର ସବିଶେଷ ତଥ୍ୟ ଦେବାକୁ ଇସି ପତ୍ର ଜରିଆରେ ଜୟରାମଙ୍କୁ ଅନୁରୋଧ କରିଛନ୍ତି।

## ଏମ୍‌ଭିଏକୁ ମିଳିପାରେ ୨୪ରୁ ୨୬ ଆସନ

ମୁମ୍ବାଇ,୨।୬

### ମହାରାଷ୍ଟ୍ର ଏକ୍‌ଜିଟ୍ ପୋଲ୍: ଜାତୀୟଠାରୁ ସ୍ଥାନୀୟ ଭିନ୍ନ

ମହାରାଷ୍ଟ୍ରରେ ଶିବସେନା ଏବଂ ଏନ୍‌ସିପିରେ ବିଭାଜନ ଏବଂ ଉଭୟ ଦଳରୁ ଗୋଟିଏ ଗୋଷ୍ଠୀ ଏକନାଥ ଶିନ୍ଦେଙ୍କ ସରକାରରେ ସାମିଲ ହୋଇଥିବା ସତ୍ତ୍ୱେ ସେଠାରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୨୦୧୯ ତୁଳନାରେ କମ୍ ଆସନ ପାଇବ ବୋଲି ଶନିବାର ପ୍ରକାଶିତ ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଥିଲା। ତେବେ ଜାତୀୟ ସ୍ତରର ବୁଥ୍ ବାହୁଡ଼ା ସର୍ଭେ ଏବଂ ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ପ୍ରକାଶିତ ସର୍ଭେ ମଧ୍ୟରେ ପାର୍ଥକ୍ୟ ଦେଖିବାକୁ ମିଳିଛି। ଶାସକ ମେଣ୍ଟ ସେଠାର ମହାବିକାଶ ଅଘାଡ଼ି (ଏମ୍‌ଭିଏ)ଠାରୁ ଅଧିକ ଆସନ ଜିତିବ ବୋଲି ଜାତୀୟ ଗଣମାଧ୍ୟମଗୁଡ଼ିକ ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରିଥିବାବେଳେ ଏମ୍‌ଭିଏକୁ ଅଧିକ ଆସନ ମିଳିବ ବୋଲି ସ୍ଥାନୀୟ ଗଣମାଧ୍ୟମ ଆକଳନ କରିଛି।

ସ୍ଥାନୀୟ ଚ୍ୟାନେଲଗୁଡ଼ିକର ପୂର୍ବାନୁମାନ ଅନୁଯାୟୀ, ମହାରାଷ୍ଟ୍ରର ୪୮ ଲୋକ ସଭା ଆସନ ମଧ୍ୟରୁ ଶାସକ ମେଣ୍ଟ ୨୨ରୁ ୨୩ ଆସନ ଜିତିବାକୁ ଥିବାବେଳେ ଏମ୍‌ଭିଏ ୨୪ରୁ ୨୬ ଆସନ ଜିତିବ। ଭାଜପାକୁ ୧୩ରୁ ୧୮ ଆସନ ମିଳିବାକୁ ଥିବାବେଳେ ଶିବସେନା ୪ରୁ ୬ ଏବଂ ଅଜିତ ପାଓ୍ୱାରଙ୍କ ଏନ୍‌ସିପି ୨ ଆସନ ପାଇବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୯ରୁ ୧୪, କଂଗ୍ରେସ ୩ରୁ ୮, ଏନ୍‌ସିପି(ଏସ୍‌ପି) ୪ରୁ ୬ ଏବଂ ସ୍ୱାଧୀନ ଗୋଟିଏ ଆସନ ଜିତିବ ବୋଲି ସ୍ଥାନୀୟ ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି। ଅନ୍ୟପକ୍ଷରେ ଜାତୀୟ ଗଣମାଧ୍ୟମଗୁଡ଼ିକର ଆକଳନ ଅନୁଯାୟୀ ଶାସକ ମେଣ୍ଟ ୩୦ରୁ ୩୫ ଆସନ ଜିତିବାକୁ ଥିବାବେଳେ ଏମ୍‌ଭିଏ ୧୫ରୁ ୧୮ ଆସନ ଜିତିବ। ଶରଦ ପାଓ୍ୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଜାତୀୟ ସ୍ତରର ସର୍ଭେ ଅବାସ୍ତବ ବୋଲି କହିଛି। ଇଣ୍ଡିଆ ମେଣ୍ଟ ଜାତୀୟ ସ୍ତରରେ ଅନ୍ୟୂନ ୩୦୦ ଆସନ ଏବଂ ମହାରାଷ୍ଟ୍ରରେ ୩୦ରୁ ଅଧିକ ଆସନ ଜିତିବ ବୋଲି ଏହି ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି।

## ଏକ୍‌ଜିଟ୍ ପୋଲ୍ 'ମୋଦି ମିଡିଆ ପୋଲ୍': ରାହୁଲ

ନୂଆଦିଲ୍ଲୀ,୨।୬

ଲୋକ ସଭା ନିର୍ବାଚନରେ ଭାଜପା ବିପୁଳ ବିଜୟ ହାସଲ କରିବ ବୋଲି ଏକ୍‌ଜିଟ୍ ପୋଲ୍‌ଗୁଡ଼ିକରେ ପୂର୍ବାନୁମାନ କରାଯିବାର ଦିନକ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ଅଗ୍ରାହ୍ୟ କରିଛନ୍ତି। ଏହା 'ମୋଦି ମିଡିଆ ପୋଲ୍' ବୋଲି ରାହୁଲ କହିଛନ୍ତି। ଜାତୀୟ ଗଣମାଧ୍ୟମଗୁଡ଼ିକ ଦ୍ୱାରା ପ୍ରସ୍ତୁତ ବୁଥ୍ ବାହୁଡ଼ା ସର୍ଭେ ପ୍ରଧାନମନ୍ତ୍ରୀଙ୍କ କଳ୍ପନାପ୍ରସୂତ ସର୍ଭେ। ଇଣ୍ଡିଆ ମେଣ୍ଟ ୨୯୫ ଆସନ ଜିତିବ ବୋଲି କଂଗ୍ରେସ ନେତା କହିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଏକ୍‌ଜିଟ ପୋଲ୍ ପୂର୍ବାନୁମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା କେତେ ମାସ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି।

## ପଶ୍ଚିମବଙ୍ଗରେ ଭାଜପା କର୍ମୀଙ୍କୁ ହତ୍ୟା

କୋଲକାତା, ୨।୬(ପି.ଟି.)

### ନିର୍ବାଚନ ପରବର୍ତ୍ତୀ ହିଂସା


ପଶ୍ଚିମବଙ୍ଗର ନଦିଆ ଜିଲାରେ ଶନିବାର ରାତିରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଘଟିଯାଇଛି। ଉତ୍ତ୍ୟକ୍ତ ଲୋକମାନେ ଜଣେ ଭାଜପା କର୍ମୀଙ୍କୁ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡକୁ ନେଇ ଭାଜପା ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। ଅନ୍ୟପକ୍ଷରେ ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ଟିଏମ୍‌ସି କହିଛି। ପୋଲିସ କହିବା ଅନୁଯାୟୀ ଶନିବାର ରାତିରେ ନଦିଆ ଜିଲାର କାଳିଗଞ୍ଜଠାରେ ଭାଜପା କର୍ମୀ ହଫିଜୁର ଶେଖ୍ ଅନ୍ୟମାନଙ୍କ ସହ କ୍ୟାରମ ଖେଳୁଥିଲେ। ଏହି ସମୟରେ ୧୦-୧୨ ଜଣ ମୋଟରସାଇକେଲ୍‌ରେ ଆସି ଶେଖ୍‌ଙ୍କୁ ପ୍ରଥମେ ଗୁଳି କରିବା ପରେ ହାଣି ହତ୍ୟା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସକୁ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ବହୁ ବୁଝାଶୁଝା ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଟିଏମ୍‌ସି ଗୁଣ୍ଡାମାନେ ଭାଜପା କର୍ମୀଙ୍କୁ ହତ୍ୟା କରିଥିବା ଦଳର ଉତ୍ତର ନଦିଆ ସଭାପତି ଅର୍ଜୁନ ବିଶ୍ୱାସ ଅଭିଯୋଗ କରିଛନ୍ତି।

## ଫୁର୍‌ସତ୍

## ସାଇକେଲ ଚଳାଇଲେ ସୁସ୍ଥ ରହେ ଶରୀର

### ବିଶ୍ୱ ସାଇକେଲ ଦିବସ

ପ୍ରତିବର୍ଷ ଜୁନ୍ ୩ରେ ବିଶ୍ୱ ସାଇକେଲ ଦିବସ ପାଳନ କରାଯାଏ। ଏହି ଦିବସ ପାଳନ କରିବାର କଳ୍ପନା ପ୍ରଥମେ ଆମେରିକାରେ କାର୍ଯ୍ୟ କରୁଥିବା ପୋଲାଣ୍ଡ-ଆମେରିକାର ସାମାଜିକ ବୈଜ୍ଞାନିକ ପ୍ରଫେସର ଲେସ୍‌ଜେକ ସିବିଲସ୍କିଙ୍କ ଦ୍ୱାରା କରାଯାଇଥିଲା। ଏହା ପରେ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ବିଶ୍ୱ ସାଇକେଲ ଦିବସ ପାଳନ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ଶେଷରେ ସେ ତୁର୍କମେନିସ୍ତାନ ଏବଂ ଅନ୍ୟ ୫୬ ଦେଶରୁ ସମର୍ଥନ ମିଳିଥିଲା। ଏପ୍ରିଲ ୨୦୧୮ରେ ମିଳିତ ଜାତିସଂଘର ସାଧାରଣ ସଭାରେ ଘୋଷଣା କରାଯାଇଥିଲା ଯେ, ପ୍ରତିବର୍ଷ ଜୁନ୍ ୩ରେ ବିଶ୍ୱ ସାଇକେଲ ଦିବସ ପାଳନ କରାଯିବ।



ସାଇକେଲ ହେଉଛି ଏକ ସରଳ, ସୁଲଭ, ପରିଷ୍କାର ଏବଂ ପରିବେଶ ପାଇଁ ସ୍ଥାୟୀ ପରିବହନର ମାଧ୍ୟମ। ଏହି ସାଇକେଲ ସ୍ୱଚ୍ଛ ବାୟୁ ଏବଂ କମ୍ ସମସ୍ୟାରେ ସହାୟକ ହୋଇଥାଏ। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅସୁରକ୍ଷିତ ଜନସଂଖ୍ୟା ପାଇଁ ଅଧିକ ସୁବିଧାଜନକ କରିଥାଏ। ଏକ ସ୍ଥାୟୀ ପରିବହନ ବ୍ୟବସ୍ଥା ଯାହା ଅର୍ଥନୈତିକ ଅଭିବୃଦ୍ଧିକୁ ବି ପ୍ରୋତ୍ସାହିତ କରିଥାଏ, ଅସମାନତାକୁ ହ୍ରାସ କରିଥାଏ ଏବଂ ଜଳବାୟୁ ପରିବର୍ତ୍ତନ ବିରୋଧରେ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମିଳିତ ଜାତିସଂଘ ତା'ର ଅଫିସିଆଲ ୱେବ୍‌ସାଇଟ୍‌ରେ ଲେଖିଛି।

ସାଇକେଲ ପରିବହନର ଏକ ସ୍ଥାୟୀ ଧାରା। ପରିବେଶ ଅନୁକୂଳ ଏବଂ ବ୍ୟାୟାମ ପାଇଁ ଅତ୍ୟନ୍ତ ଉତ୍ତମ। ପ୍ରତିଦିନ ସାଇକେଲ ଚଳାଇବା ଦ୍ୱାରା ମାଂସପେଶୀ ଶକ୍ତି ବୃଦ୍ଧି ପାଇଥାଏ। ସାଇକେଲ ଚଳାଇଲେ ମଣିଷ ଖୁସି ଅନୁଭବ କରିଥାଏ ଏବଂ ମନୋବଳ ବଢ଼ିଥାଏ। ବାୟୁ ପ୍ରଦୂଷଣରୁ ଏହା ଆମକୁ ସାହାଯ୍ୟ କରେ। ବିଶ୍ୱ ସାଇକେଲ ଦିବସ ପାଳନର ଅର୍ଥ ସାଇକେଲ ଚାଳନାର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା।

## ରବିନା ଟଣ୍ଡନଙ୍କ ଦୌରାତ୍ମ୍ୟ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଓ ତାଙ୍କ ଡ୍ରାଇଭର ୩ ଜଣ ମହିଳାଙ୍କୁ ମାରପିଟ କରିବାର ଅଭିଯୋଗ ଆସିଛି। ଶନିବାର ବିଳମ୍ବିତ ରାତ୍ରିରେ ବାନ୍ଦ୍ରାସ୍ଥିତ କାର୍ଟର ରୋଡରେ ରବିନାଙ୍କ ଗାଡ଼ି ୩ ଜଣ ମହିଳାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସମ୍ପୃକ୍ତ ୩ ମହିଳା ପ୍ରତିବାଦ କରିବାରୁ ରବିନା ଓ ତାଙ୍କ ଡ୍ରାଇଭର ଗାଡ଼ିରୁ ବାହାରି ଆସି ସେମାନଙ୍କୁ ଦୁର୍ବ୍ୟବହାର ଓ ମାରପିଟ କରିଥିଲେ। ସେତେବେଳେ ରବିନା ନିଶାସକ୍ତ ଅବସ୍ଥାରେ ଥିଲେ ବୋଲି ଉକ୍ତ ୩ ମହିଳା କହିଛନ୍ତି।

## ୟୁଟ୍ୟୁବ୍‌ରେ ମିଷ୍ଟର ବିଷ୍ଟଙ୍କ ସର୍ବାଧିକ ସବ୍‌ସ୍କ୍ରାଇବର

ନୂଆଦିଲ୍ଲୀ

ଭାରତୀୟ ମ୍ୟୁଜିକ କମ୍ପାନୀ ଟି-ସିରିଜ୍‌କୁ ପଛରେ ପକାଇ 'ମିଷ୍ଟର ବିଷ୍ଟ' ବିଶ୍ୱର ସର୍ବାଧିକ ସବ୍‌ସ୍କ୍ରାଇବର ଥିବା ୟୁଟ୍ୟୁବର ହୋଇପାରିଛନ୍ତି। ତାଙ୍କ ଚ୍ୟାନେଲର ସମୁଦାୟ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୨୬.୭ କୋଟିରେ ପହଞ୍ଚିଥିବାବେଳେ ଟି-ସିରିଜର ମୋଟ ୨୬.୬ କୋଟି ସବ୍‌ସ୍କ୍ରାଇବର ରହିଛନ୍ତି।

'ମିଷ୍ଟର ବିଷ୍ଟ' ୟୁଟ୍ୟୁବ୍ ଚ୍ୟାନେଲକୁ ଜିମି ଡୋନାଲ୍ଡସନ୍ ନାମକ ଜଣେ ୨୬ ବର୍ଷୀୟ ଯୁବକ ପରିଚାଳନା କରନ୍ତି। ଏହି ଅବସରରେ ସେ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସ'ରେ ଏକ ପୋଷ୍ଟ କରି ନିଜର ଏହି ଉପଲବ୍ଧି ଶେୟାର କରିଛନ୍ତି। ଏହି ପୋଷ୍ଟରେ ଟେସ୍‌ଲା ସିଇଓ ଏଲନ୍ ମସ୍କ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଜିମିଙ୍କ ଅନେକ ଫଲୋଅର୍ସ


ଜିମି ଡୋନାଲ୍ଡସନ୍

ମଧ୍ୟ କମେଣ୍ଟ ମାଧ୍ୟମରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ 'ମିଷ୍ଟର୍ ବିଷ୍ଟ' ଚ୍ୟାନେଲ ଲଗାତର ଗତ କିଛି ଦିନ ଧରି ୟୁଟ୍ୟୁବରେ ନଂ୧ରେ ରହିବା ପାଇଁ ଚେଷ୍ଟା ଜାରି ରଖିଥିଲା। ଏହି ଚ୍ୟାନେଲରେ ସାଧାରଣତଃ ବିଭିନ୍ନ ପ୍ରକାର ଚାଲେଞ୍ଜ, ପ୍ରତିଯୋଗିତା, ସ୍କିଡ୍ ଗେମ ଆଦି ଅନେକ ପ୍ରକାରର କଣ୍ଟେଣ୍ଟ ଦେଖିବାକୁ ମିଳିଥାଏ।

ଜିମି ୨୦୧୨ର ପ୍ରାରମ୍ଭରେ, ମାତ୍ର

### ଟି-ସିରିଜକୁ ପଛରେ ପକାଇଲେ

୧୩ ବର୍ଷ ବୟସରେ, ୟୁଟ୍ୟୁବରେ ନିଜର 'ମିଷ୍ଟର ବିଷ୍ଟ' ନାମକ ଚ୍ୟାନେଲ ଆରମ୍ଭ କରିଥିଲେ। ୨୦୧୭ରେ ପ୍ରଥମ ଥର ପାଇଁ ଏକ ଲକ୍ଷ ପର୍ଯ୍ୟନ୍ତ ଗଣିବାକୁ ଚେଷ୍ଟା କରିଥିବା ତାଙ୍କର ଏକ ଭିଡିଓ ଭାଇରାଲ ହୋଇଥିଲା। ସେବେଠାରୁ ସେ ଅଧିକ ଲୋକପ୍ରିୟ ହୋଇପାରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ମଧ୍ୟ ମିଷ୍ଟର ବିଷ୍ଟଙ୍କ ଫଲୋଅର୍ସଙ୍କ ସଂଖ୍ୟା ଟି-ସିରିଜଠାରୁ ଅଧିକ ରହିଛି। ମିଷ୍ଟର ବିଷ୍ଟଙ୍କ ଏକ୍ସ' ହ୍ୟାଣ୍ଡେଲରେ ସମୁଦାୟ ୨୯.୭ ମିଲିୟନ ଫଲୋଅର୍ସ ରହିଥିବାବେଳେ ଟି-ସିରିଜର ଅଫିସିଆଲ୍ ଏକ୍ସ' ହ୍ୟାଣ୍ଡେଲରେ ୨.୧ ମିଲିୟନ ଫଲୋଅର୍ସ ରହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜୁନ୍ ୩/୨୦୨୪ Bhubaneswar, Monday, June 3/2024




## ବିବାହ ବନ୍ଧନରେ ଭେଙ୍କଟେଶ

ଭାରତୀୟ କ୍ରିକେଟର ତଥା କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଖେଳୁଥିବା ଭେଙ୍କଟେଶ ଆୟର ରବିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

୧୦

୦୨

## 'ଲାହୋର ୧୯୪୭'ରେ ପ୍ରୀତିଙ୍କ ଶୁଟିଂ ଶେଷ

ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଏକ ଭିଡିଓ ଶେୟାର କରି 'ଲାହୋର ୧୯୪୭' ଫିଲ୍ମରେ ତାଙ୍କର ଶୁଟିଂ ଶେଷ ହୋଇଥିବା ନିଜ ପ୍ରଶଂସକଙ୍କୁ ଜଣାଇଛନ୍ତି।



# କାଳିମେଳାରେ ଡାକ୍ତର ଅପହୃତ

## ମାଓବାଦୀଙ୍କ ସମ୍ପୃକ୍ତି ସନ୍ଦେହ

ମାଲକାନଗିରି/ କାଳିମେଳା,୨।୬ (ଦୁର୍ଯ୍ୟୋଧନ ପାତ୍ର /ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅମ୍ଳାନ କୁମାର ଭୋଇ ସରକାରୀ କ୍ୱାର୍ଟର୍ସରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ତାଙ୍କୁ ମାଓବାଦୀମାନେ ଅପହରଣ କରିଥିବା ସନ୍ଦେହ କରାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କାଳିମେଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ କ୍ୱାର୍ଟର୍ସରୁ କେତେକ ଦାବି ସମ୍ବଳିତ ପୋଷ୍ଟର ଓ ଚିଠି ଜବତ କରିଛି।

ସୂଚନା ଅନୁଯାୟୀ, ଅମ୍ଳାନଙ୍କ ନିଜ ଘର କନ୍ଧମାଳ ଜିଲା ଟିକାବାଲି ବ୍ଲକ ଅଞ୍ଚଳରେ ହୋଇଥିବା ବେଳେ ସେ ୫ ମାସ ତଳେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିଲେ । ତାଙ୍କ ସରକାରୀ କ୍ୱାର୍ଟର୍ସରେ ହସ୍ପିଟାଲର ବିଭିନ୍ନ ସମସ୍ୟାକୁ ନେଇ କେତେକ ହାତଲେଖା ପୋଷ୍ଟର ଛଡ଼ାଯାଇଥିବା ଜଣାପଡ଼ିଛି। ସେହି ପୋଷ୍ଟରରେ ସିପିଆଇ ମାଓବାଦୀ ବୋଲି ଲେଖାଥିବା ଏକ ଚିଠି ଥିବାରୁ ଅମ୍ଳାନଙ୍କୁ ଅପହରଣରେ ମାଓବାଦୀଙ୍କ ସମ୍ପୃକ୍ତି ଥାଇପାରେ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ହେଲେ ପୋଲିସ ଏହାକୁ ଅସ୍ୱୀକାର କରିଛି। ସରକାରୀ କ୍ୱାର୍ଟର୍ସ ଭିତରେ ଡାକ୍ତରଙ୍କ ମୋବାଇଲ ଓ ଘର ବାହାରେ ବାଇକ୍ ରହିଥିବା ଦେଖିବାକୁ ମିଳିଛି। ଶୁକ୍ରବାର


ଅମ୍ଳାନ କୁମାର ଭୋଇ

ଛତିଶଗଡ଼ ସୁକ୍‌ମା ଜିଲା କୋଟା ଅଞ୍ଚଳର କେତେକ ଲୋକ ଜଣେ ମହିଳାଙ୍କୁ ଧରି ଚିକିତ୍ସା ପାଇଁ କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ଅମ୍ଳାନ ତାଙ୍କୁ ମୃତ ଘୋଷଣା କରିବା ସହ କାଳିମେଳା ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ କହିବାରୁ ଏହାକୁ କେନ୍ଦ୍ରକରି ଡାକ୍ତରଙ୍କ ସହ ସମ୍ପୃକ୍ତ ମହିଳାଙ୍କୁ ଆଣିଥିବା ଲୋକମାନଙ୍କର ପାଟିତୁଣ୍ଡ ହୋଇଥିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ବଚସା ହୋଇଥିଲା। ପରେ ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରି ସେମାନଙ୍କୁ ହସ୍ତାନ୍ତର କରିଥିଲେ। ☞ପୃଷ୍ଠା-୨


ହିମାଚଳ ପ୍ରଦେଶର ଲାହଉଲ ଓ ସ୍ପିତିରେ ମଙ୍ଗଳବାର ହେବାକୁ ଥିବା ଭୋଟ ଗଣତି ପୂର୍ବରୁ ନିର୍ବାଚନ ଅଧିକାରୀମାନେ ଇଭିଏମ୍ ଏବଂ ଅନ୍ୟ ସାମଗ୍ରୀ ଧରି ଯାଉଛନ୍ତି।

# ଅଂଶୁଘାତରେ ଗଲାଣି ୨୬ ଜୀବନ

ଭୁବନେଶ୍ୱର, ୨।୬(ଅସମାପିକା ସାହୁ)

ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ କଲବଲ କରୁଛି ତାତି। ପ୍ରବଳ ଖରାରେ ଏବେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ବି ବଢ଼ିବାରେ ଲାଗିଛି। ରାଜ୍ୟରେ ଚଳିତ ଖରାରେ ଏ ପର୍ଯ୍ୟନ୍ତ ମୋଟ ୨୬ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ରବିବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଏସ୍ଆର୍‌ସିଙ୍କ ସୂଚନାନୁସାରେ, ୧୪୧ଟି ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୨୬ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ଥାନୀୟ ଜିଲାପାଳମାନେ ସ୍ପଷ୍ଟ କରିଛନ୍ତି। ତେବେ ୮ ଜଣଙ୍କର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବାବେଳେ ଅବଶିଷ୍ଟ ୧୦୭ ଅଭିଯୋଗର ରିପୋର୍ଟ ଆସିନାହିଁ, ଯାହା ଏବେ ଜିଲାପାଳଙ୍କ ତଦନ୍ତ ପାଇଁ ଅଟକି ରହିଛି। ଗତ ୩୦ ତାରିଖ ମଧ୍ୟରେ ୪୨ଟି ଅଭିଯୋଗ ଆସିଥିବାବେଳେ ୬ ଜଣଙ୍କର ଅଂଶୁଘାତଜନିତ ମୃତ୍ୟୁ ଏବଂ ୬ ଜଣଙ୍କ ଅନ୍ୟ କାରଣରୁ ମୃତ୍ୟୁ ଘଟିଥିଲା। କିନ୍ତୁ ଗତ ୭୨ ଘଣ୍ଟାରେ ଅର୍ଥାତ ଗତ ମେ' ୩୧ରୁ ଜୁନ୍ ୨ ମଧ୍ୟରେ ୯୯ଟି ଅଭିଯୋଗ ଆସିଥିବାବେଳେ ୨୦ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ୨ ଜଣଙ୍କର ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବାବେଳେ ବାକି ଅଭିଯୋଗର ରିପୋର୍ଟ ଆସିନାହିଁ। ରାଜ୍ୟରେ ଗତ କିଛିଦିନ ହେବ ପାରଦ ଉପରମୁହାଁ ରହିଥିବାରୁ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି। ଅପରପକ୍ଷେ ରାଜ୍ୟରେ ଅସ୍ୱାଭାବିକ ମୃତ୍ୟୁସଂଖ୍ୟା ୩୧କୁ ବୃଦ୍ଧି ପାଇଛି। ଶନିବାର ସୁଦ୍ଧା ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ୨୮ ଜଣଙ୍କର ବ୍ୟବଚ୍ଛେଦ ସରିଥିବାବେଳେ ରାଉରକେଲାରେ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଆଉ ୩ ଜଣ ବ୍ୟକ୍ତିଙ୍କ ମୃତଦେହ ରବିବାର ବ୍ୟବଚ୍ଛେଦ ପାଇଁ ଆସିଥିବା ଜଣାପଡ଼ିଛି। ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଶୁକ୍ରବାର ଦିନ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ୧୬ ଜଣଙ୍କର ବ୍ୟବଚ୍ଛେଦ ହୋଇଥିଲା। ଶନିବାର ଆଉ ୧୨ ଜଣଙ୍କର ବ୍ୟବଚ୍ଛେଦ ହୋଇଛି। ରବିବାର ମଧ୍ୟ ସେଭଳି କିଛି ☞ପୃଷ୍ଠା-୨



## ସମ୍ବଲପୁରରେ ୫, ରାଉରକେଲାରେ ୬

ସମ୍ବଲପୁର/ରାଉରକେଲା/ ସୁନ୍ଦରଗଡ଼,୨।୬(ପ୍ରମୋଦ ବହିଦାର/ବିପ୍ଳବ ରଞ୍ଜନ ଦାଶ/ ଜୟ ନାରାୟଣ ମେଣ୍ଡୁଲୀ)

ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ଗତ ୩ଦିନ ମଧ୍ୟରେ ଅଂଶୁଘାତରେ ୨୦ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି। ସେଥିମଧ୍ୟରୁ ସମ୍ବଲପୁରରେ ୫ ଏବଂ ରାଉରକେଲାରେ ୬ଜଣଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସମ୍ବଲପୁରରେ ଗତ ମେ' ୨୯ରୁ ଜୁନ ୧ତାରିଖ ମଧ୍ୟରେ ଜିଲାରେ ଅସ୍ୱାଭାବିକଭାବେ ମୃତ୍ୟୁ ଘଟିଥିବା ୧୮ ଜଣଙ୍କ ମଧ୍ୟରୁ ୫ଜଣଙ୍କ ଅଂଶୁଘାତରୁ ଏବଂ ୨ଜଣଙ୍କ ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ରବିବାର ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟ ୧୧ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଜିଲା ଜରୁରିକାଳୀନ ଅଧିକାରୀ ରଶ୍ମି ଭୋଇ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମ୍ବଲପୁର ଜିଲାରେ ☞ପୃଷ୍ଠା-୨

# ଓଡ଼ିଶାରେ କଡ଼ା ଟକ୍କର, ଆନ୍ଧ୍ରରେ ଏନ୍‌ଡିଏ

## ଆକ୍ସିସ୍ ମାଇଁ ଇଣ୍ଡିଆ ଏକ୍‌ଜିଟ୍ ପୋଲ୍

ନୂଆଦିଲ୍ଲୀ,୨।୬

ଓଡ଼ିଶାରେ ଭାରତୀୟ ଜନତା ପାର୍ଟି (ଭାଜପା) ଅଧିକ ଲୋକ ସଭା ଆସନ ଦଖଲ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ ଭବିଷ୍ୟବାଣୀ କରିଥିବାବେଳେ ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳ (ବିଜେଡି)କୁ ଭାଜପା କଡ଼ା ଟକ୍କର ଦେଇଥିବା ଜଣାପଡ଼ିଛି। ଆକ୍ସିସ୍ ମାଇଁ ଇଣ୍ଡିଆ ପକ୍ଷରୁ ରବିବାର ପ୍ରକାଶିତ ଏକ୍‌ଜିଟ୍ ପୋଲ୍ ଅନୁସାରେ ବିଧାନସଭା ନିର୍ବାଚନରେ ଉଭୟ ଭାଜପା ଏବଂ ବିଜେଡି ୬୨ରୁ ୮୦ ଲେଖାଏ ଆସନ ଦଖଲ କରିବେ ଏବଂ କଂଗ୍ରେସ ମାତ୍ର ୫ରୁ ୮ ନିର୍ବାଚନମଣ୍ଡଳୀରେ ସୀମିତ ରହିବ। ଅନ୍ୟପକ୍ଷେ ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିବ ବୋଲି ଏହି ସର୍ବେକ୍ଷଣ ସଂସ୍ଥା ଆକଳନ କରିଛି।

ଓଡ଼ିଶାରେ ମେ' ୧୩ରୁ ଜୁନ୍ ୧ ମଧ୍ୟରେ ୪ ପର୍ଯ୍ୟାୟରେ ୨୧ ଲୋକ ସଭା ଓ ଏହା ଅଧୀନ ୧୪୭ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶନିବାର ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହେବା ପରେ ବିଭିନ୍ନ ସର୍ଭେ ସଂସ୍ଥା ପକ୍ଷରୁ ଲୋକ ସଭା ଭୋଟର ଏକ୍‌ଜିଟ୍ ପୋଲ୍ ପ୍ରକାଶ କରାଯାଇଥିଲା। ତଦନୁସାରେ ରାଜ୍ୟର ୨୧ ଆସନରୁ ଭାଜପା ୧୩ରୁ ୧୫ ଆସନ ଦଖଲ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ରେ ଦର୍ଶାଯାଇଥିଲା। କିନ୍ତୁ ରବିବାର ଆକ୍ସିସ୍ ମାଇଁ ଇଣ୍ଡିଆ ଭବିଷ୍ୟବାଣୀ କରିଛି ଯେ, ରାଜ୍ୟରେ ବିଜେଡି ପୂର୍ବାପେକ୍ଷା ବଡ଼ କ୍ଷତି ସହିବାକୁ ଯାଉଛି। କିନ୍ତୁ ଶାସକ ଦଳ ହାତରୁ କ୍ଷମତା ଛଡ଼ାଇନେଇ ବିଧାନସଭା ଦଖଲ କରିବା ଭାଜପା ପାଇଁ ସେତେଟା ସହଜ ହୋଇ ନ ପାରେ। ବିଜେଡି ୬୨-୮୦ ଏବଂ ଭାଜପା ୬୨-୮୦ ଆସନରେ ସଫଳ ହେବେ ବୋଲି ଏକ୍‌ଜିଟ୍ ପୋଲ୍‌ରେ କୁହାଯାଇଛି। ସେହିପରି ୫ରୁ ୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଜିତିପାରନ୍ତି। ଭୋଟ ହାରକୁ ଦେଖିଲେ ଉଭୟ ବିଜେଡି ଏବଂ ଭାଜପା ୪୨% ଲେଖାଏ ସମର୍ଥନ ପାଇଥିବା ଅନୁମାନ କରାଯାଉଛି। ସେହିପରି କଂଗ୍ରେସକୁ ୧୨% ଏବଂ ଅନ୍ୟ ପ୍ରାର୍ଥୀମାନଙ୍କୁ ୪ ପ୍ରତିଶତ ଭୋଟ ମିଳିଥିବା ଏକ୍‌ଜିଟ୍ ପୋଲ୍ କହୁଛି। ପ୍ରକାଶ ଯେ, ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡି ୧୧୨ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ପଞ୍ଚମ ଥର ପାଇଁ କ୍ଷମତାସୀନ ହୋଇଥିଲେ। ଭାଜପାକୁ ୨୩ ଏବଂ କଂଗ୍ରେସକୁ ୯ ଆସନ ମିଳିଥିଲା।

ଅନ୍ୟପକ୍ଷେ ଆକ୍ସିସ୍ ମାଇଁ ଇଣ୍ଡିଆର ଆକଳନ ଅନୁସାରେ ଆନ୍ଧ୍ରପ୍ରଦେଶରେ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ୍ ରେଡ୍ଡୀଙ୍କୁ ବଡ଼ ଝଟ୍‌କା ଲାଗିପାରେ। ଜଗନ୍‌ମୋହନ୍‌ଙ୍କ ୱାଇଏସ୍ଆର୍‌ସିପି ୨୫ ଲୋକ ସଭା ଏବଂ ବିଧାନସଭାର ସମସ୍ତ ୧୭୫ ଆସନରେ ନିର୍ବାଚନ ଲଢ଼ିଥିବାବେଳେ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏନ୍‌ଡିଏ ମେଣ୍ଟକୁ ଫେରିଛନ୍ତି। ତେଲୁଗୁ ଷ୍ଟାର୍ ପବନ କଲ୍ୟାଣଙ୍କ ଜନସେନା ପାର୍ଟି (ଜେଏସ୍‌ପି) ମଧ୍ୟ ଏନ୍‌ଡିଏରେ ସାମିଲ ହୋଇଛି। ଟିଡିପି ୧୪୪, ଜେଏସ୍‌ପି ୨୧ ଏବଂ ଭାଜପା ୧୦ ବିଧାନସଭା ଆସନରେ ଲଢ଼ିଥିଲେ। ଏକ୍‌ଜିଟ୍ ପୋଲ୍ ଅନୁସାରେ ୱାଇଏସ୍ଆର୍‌ସିପିକୁ ହରାଇ ଚନ୍ଦ୍ରବାବୁ ୫ ବର୍ଷ ☞ପୃଷ୍ଠା-୨

## ବଜ୍ରପାତରେ ୨ ଶ୍ରମିକଙ୍କ ସମେତ ୫ ମୃତ

ଦିଗପହଣ୍ଡି/ପାଟପୁର/ହିଞ୍ଜିଳିକାଟୁ/ ଭଞ୍ଜନଗର/ରାଇକିଆ/ଜି.ଉଦୟଗିରି,୨।୬(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ/ଦ୍ୱିତୀକୃଷ୍ଣ ସାହୁ/ବାବୁଲା ପ୍ରଧାନ/ପ୍ରଦୀପ ବେହେରା/ଶିଶିର ପଟ୍ଟନାୟକ)

ଗଞ୍ଜାମ ଓ କନ୍ଧମାଳ ଜିଲାରେ ରବିବାର ବଜ୍ରପାତରେ ୨ ଶ୍ରମିକ ଓ ଜଣେ ମଇଁଷି ଚରାଳିଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟିଛି। ସାନଖେମୁଣ୍ଡି ବ୍ଲକ ପାଟପୁରରେ ଦୁଇ ଶ୍ରମିକ ପୋଲସରା ଥାନା ଚଢ଼ିଆପଦା ଗ୍ରାମର ସନ୍ୟାସୀ ସାହୁ ଓ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଆଲିପଡା ଗ୍ରାମର ଡୁଗୁଲା ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳେ ହିଞ୍ଜିଳି ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମରେ ମଇଁଷି ଚରାଳି ☞ପୃଷ୍ଠା-୨


### ଆଜିର ସମ୍ପାଦକୀୟ

ଅଂଶୁଘାତର ବିପଦ

# ଚନ୍ଦ୍ରର ଦକ୍ଷିଣ ମେରୁରେ ଚାଇନା ମହାକାଶଯାନ

ବେଜିଂ,୨।୬(ପି.ଟି.)

ଚାଇନାର ଏକ ମହାକାଶ ଯାନ ଚାଙ୍ଗ୍'ଇ-୬ ରବିବାର ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିଛି। ଚନ୍ଦ୍ରର ଏହି ଦୂରବର୍ତ୍ତୀ ପାର୍ଶ୍ୱରୁ ମୃତ୍ତିକା ଓ ଶିଳା ନମୁନା ସଂଗ୍ରହ କରି ଆଣିବା ପାଇଁ ଏହା ପ୍ରଥମ ପ୍ରୟାସ। ବେଜିଂ ସମୟ ସକାଳ ୬ଟା ୨୩ ମିନିଟ୍‌ରେ ଚାଙ୍ଗ'ଇ-୬ ଚନ୍ଦ୍ର ଦକ୍ଷିଣ ମେରୁ-ଐତକେନ୍ (ଏସ୍‌ପିଏ) ବେସିନ୍‌ର ନିର୍ଦ୍ଧାରିତ ସ୍ଥାନରେ ଅବତରଣ କରିଥିଲା। ମାନବ ଇତିହାସରେ ଏହା ପ୍ରଥମ ଘଟଣା ବୋଲି ଚାଇନା ଜାତୀୟ ମହାକାଶ ପ୍ରଶାସନ (ସିଏନ୍‌ଏସ୍ଏ) ପକ୍ଷରୁ କୁହାଯାଇଛି। ଚାଙ୍ଗ'ଇ-୬ରେ ଅର୍ବିଟର, ରିଟର୍ନର, ଲ୍ୟାଣ୍ଡର ଏବଂ ଆସେଣ୍ଡର ରହିଛି। ଗତ ମେ' ୩ରେ ଏହାକୁ ମହାକାଶକୁ ଛଡ଼ାଯାଇଥିଲା। ମେ' ୩୦ରେ ଲ୍ୟାଣ୍ଡର-ଆସେଣ୍ଡର ଯୋଡ଼ି ଅର୍ବିଟର-ରିଟର୍ନର କମ୍ବିନେଶନ୍‌ରୁ ଅଲଗା ହୋଇଥିଲେ। ଅବତରଣ ବେଳର ପ୍ରତିବନ୍ଧକଗୁଡ଼ିକୁ ସ୍ୱତଃ ଚିହ୍ନଟ କରିବା ପାଇଁ ସେଥିରେ ଲାଗିଥିବା ସ୍ୱୟଂକ୍ରିୟ ଭିଜୁଆଲ ଅବଷ୍ଟାକଲ୍ ଆଭଏଡାନ୍ସ ସିଷ୍ଟମକୁ ବ୍ୟବହାର କରାଯାଇଥିଲା। ଚନ୍ଦ୍ରପୃଷ୍ଠର ଉଜ୍ଜ୍ୱଳତା ଏବଂ ଅନ୍ଧକାର ଆଧାରରେ ଉକ୍ତ ସିଷ୍ଟମ୍‌ର କ୍ୟାମେରା ତୁଳନାତ୍ମକ ଭାବେ ନିରାପଦ ଅବତରଣ ସ୍ଥଳ ଚୟନ କରିଥିଲା। ଚନ୍ଦ୍ରର ଦୂରବର୍ତ୍ତୀ ପାର୍ଶ୍ୱରୁ ନମୁନା ସଂଗ୍ରହ କରି ଫେରିଆସିବା ଲାଗି ଚାଙ୍ଗ'ଇ-୬କୁ ଦାୟିତ୍ୱ ଦିଆଯାଇଛି। ଗତବର୍ଷ ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡରକୁ ସଫଳତାର ସହ ଅବତରଣ କରାଇଥିଲା। ତେବେ ଚାଙ୍ଗ'ଇ-୬ର ଅବତରଣ ସ୍ଥଳ ଏସ୍‌ପିଏ ବେସିନ୍ ଅନ୍ତର୍ଗତ ଆପୋଲୋ ବେସିନ୍। କୌଣସି ଗ୍ରହାଣୁପିଣ୍ଡ ବା ଉଲ୍‌କା ମାଡ଼ରେ ଏହି ଗର୍ତ୍ତ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ବୈଜ୍ଞାନିକ ଆବିଷ୍କାର ପାଇଁ ଏହି ସ୍ଥଳକୁ ଚୟନ କରାଯାଇଛି। ଏଥିସହିତ ଅବତରଣ ସ୍ଥଳର ସ୍ଥିତି, ଯୋଗାଯୋଗ, ଟେଲିମେଟ୍ରି ସ୍ଥିତି ଆଦି ସମ୍ପର୍କରେ ଏହି ଯାନ ତଥ୍ୟ ସଂଗ୍ରହ କରିବ ବୋଲି ଚାଇନା ଏରୋସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କର୍ପୋରେଶନ୍‌ର ମହାକାଶ ବିଶେଷଜ୍ଞ ହୁଆଙ୍ଗ ହାଓ କହିଛନ୍ତି।



# ଜେଲକୁ ଫେରିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୨।୬(ପି.ଟି.)

ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଅନ୍ତରୀଣ ଜାମିନ ମିଆଦ ଜୁନ୍ ୧ରେ ଶେଷ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ତିହାର ଜେଲରେ ଆତ୍ମସମର୍ପଣ କରିଛନ୍ତି। ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ ସର୍ବୋଚ୍ଚ ଅଦାଲତ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ଆତ୍ମସମର୍ପଣ ପୂର୍ବରୁ କେଜ୍‌ରିୱାଲ ମହାତ୍ମା ଗାନ୍ଧୀଙ୍କ ସମାଧି ସ୍ଥଳ ରାଜଘାଟ ଯାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହା ପରେ ସେ କନ୍ନଟ ପ୍ଲେସ୍‌ସ୍ଥିତ ହନୁମାନ ମନ୍ଦିରରେ ପୂଜା କରିଥିଲେ ଏବଂ ଦଳୀୟ କାର୍ଯ୍ୟାଳୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ଦୁର୍ନୀତିରେ ସମ୍ପୃକ୍ତି ନେଇ ଜେଲ ଯାଉ ନାହାନ୍ତି, ବରଂ ଏକଛତ୍ରବାଦ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ତାଙ୍କୁ ଜେଲ ଯିବାକୁ ପଡୁଛି ବୋଲି କହିଥିଲେ। ସୁପ୍ରିମକୋର୍ଟ ଦେଇଥିବା ୨୧ ଦିନିଆ ଜାମିନ ଅଭୁଲା ରହିବ। ସେଥିରୁ ସେ ଗୋଟିଏ ମିନିଟ ବି ବରବାଦ କରିନାହାନ୍ତି। ଦେଶକୁ ରକ୍ଷା କରିବା ପାଇଁ ସେ ☞ପୃଷ୍ଠା-୨


ଜେଲ୍ ଯିବା ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦଳୀୟ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ ମେଧାବୀ ଅଭିନନ୍ଦନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶା ପକ୍ଷରୁ ହାଇସ୍କୁଲ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: କଳିଙ୍ଗ ବୁଦ୍ଧ ମନ୍ଦିର, ସଭାଗୃହ ପରିସର, ୟୁନିଟ୍-୯, ସମୟ: ଅପରାହ୍ନ ୨ଟା ୩୦।
- ଭୁବନେଶ୍ୱର- ଶ୍ରୀଶ୍ରୀଶନିଶ୍ଚର ପୀଠରେ ୨ୟ ବାର୍ଷିକ ମହାଯଜ୍ଞ, ସ୍ଥାନ: ଫକୀରପଡ଼ା, ବାରଙ୍ଗ, ସମୟ: ସନ୍ଧ୍ୟା ୬ଟା।
- କଲ୍‌ଚରାଲ ଆଉଟ୍‌ରିଚ ପ୍ରୋଗ୍ରାମ 'ଘୁଙ୍ଗୁରି ନାଟ', ସ୍ଥାନ: ମୁକ୍ତ ମଞ୍ଚ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପୋଲିସ ମୁଖ୍ୟାଳୟ ଘେରାଉ, ସ୍ଥାନ: ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୁଣା ତିଗିରିଆସ୍ଥିତ ପାଇକିଆଁରା ଗ୍ରାମରେ ଭୈରବୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠାର ଅନ୍ତିମ ପର୍ବ, ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ପାଇକିଆଁରା ଗ୍ରାମ,ସମୟ: ଅପରାହ୍ନ ୩ଟା।

## ପୁରୀ
- ଅଷ୍ଟମ ଗୁରୁ ପ୍ରଣାମ ସମ୍ମାନ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଭୋଟ ଗଣତିରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ ଗଣତି ପାଇଁ ଏଜେଣ୍ଟଙ୍କୁ ଭାଜପା ପକ୍ଷରୁ ପ୍ରଶିକ୍ଷଣ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଇଭିଏମ ଟ୍ରେନିଂ ଫର୍ କାଉଣ୍ଟିଂ, ସ୍ଥାନ: ଡି.ଏନ. ହାଇସ୍କୁଲ, କେନ୍ଦୁଝର, ସମୟ: ସକାଳ ୮ଟା।
- ରଜପର୍ବ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳାଦ୍ରି, ବଡ଼ବିଲ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ ଟା।

## ବ୍ରହ୍ମପୁର
- ଭାଷା ସାହିତ୍ୟ, କଳା ଓ ସଂସ୍କୃତି ବିକାଶ ପରିଷଦର ବୈଠକ, ସ୍ଥାନ: ଜଳସେଚନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୫ଟା।
- ପଦ୍ମଶ୍ରୀ ସ୍ୱର୍ଗତ ମୋହନ ନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ସବରେଜିଷ୍ଟ୍ରାର ଅଫିସ ଛକ, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ଭରଦ୍ୱାଜ ପ୍ରତିଷ୍ଠା, ହରିହର ନଗର, ସମୟ: ସକାଳ ୮ଟା ୩୦।

## ଗଞ୍ଜାମ
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ ଟା।
- ଭଜନ ସନ୍ଧ୍ୟା, ସ୍ଥାନ :ଭଞ୍ଜନଗର ସହର ଭେଜିପୁଟ ଶିବ ମନ୍ଦିର ପଡ଼ିଆ, ସମୟ: ରାତି ୮ ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ଆରମ୍ଭ,ସ୍ଥାନ:ବୁଗୁଡା ବ୍ଲକ, ଭୋଗଡା ଗ୍ରାମ,ସମୟ:ସକାଳ ୮ଟା।

## କନ୍ଧମାଳ
- ମା' ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ନାରାୟଣୀ ଯାତ୍ରା ମଣ୍ଡପ, ସମୟ:ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ପୋର୍ଟ ବଣିକସଂଘର ସାଧାରଣ ବୈଠକ,ସ୍ଥାନ: ବଣିକସଂଘ କାର୍ଯ୍ୟାଳୟ, ବଡ଼ପଡ଼ିଆ ପାରାଦୀପ, ସମୟ: ସକାଳ ୧୦ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ରଙ୍ଗବଲ୍ଲଭଙ୍କ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ:ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଯାଜପୁର ଲୋକ ସଭା ଓ ୭ ବିଧାନସଭା ଆସନର ଭୋଟ ଗଣତି ପାଇଁ ପ୍ରସ୍ତୁତି, ସ୍ଥାନ: ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ରାମଚରିତ ମାନସ ପାରାୟଣର ଅଷ୍ଟମ ଦିବସରେ ଅଭିଷେକ ଓ କାକ ଭୂଷଣ୍ଡି ଗରୁଡ଼ ସମ୍ବାଦ, କଳିଯୁଗ ବର୍ଣ୍ଣନା ଉପରେ ପ୍ରବଚନ, ସ୍ଥାନ: ନୟାଗଡ଼ ମାଛିପଡା ତିନି ଦୋଳ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ରାୟଗଡ଼ା, ବିଷମକଟକ ବିଧାନ ସଭା ଆସନର ଭୋଟ ଗଣତି ପାଇଁ ପ୍ରସ୍ତୁତି କାର୍ଯ୍ୟର ଜିଲାପାଳଙ୍କ ସମୀକ୍ଷା, ସ୍ଥାନ:ଏକଲବ୍ୟ ଆଦର୍ଶ ବିଦ୍ୟାଳୟ, ଜିସିଡି ହାଇସ୍କୁଲ, ରାୟଗଡ଼ା, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ଭୋଟ କାଉଁଣ୍ଟିଂ ଏଜେଣ୍ଟ, ସୁପରଭାଇଜର, ମାଇକ୍ରୋ ଅବଜର୍ବରଙ୍କୁ ତାଲିମ, ସ୍ଥାନ: ଆରସିଡି ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ
ଜିଲାସ୍ତରୀୟ ମହିଳା ଉଦ୍ୟୋଗୀ ବୈଠକ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ କୋରାପୁଟ ସମୟ : ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସମ୍ବଲପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀଙ୍କ ସମୀକ୍ଷା ବୈଠକ, ସ୍ଥାନ : ବୀରସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ଶୀଲା ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- କେପିଏଲ ଧମାକାର ନବମ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା, ସମୟ:ସକାଳ ୭ଟା।
- ନବାହ୍ନ ପାରାୟଣର ନବମ ଦିବସ, ସ୍ଥାନ: ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଚାଷୀଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ କୃଷକ ସଂଗଠନ ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ବେଦବ୍ୟାସ କଲେଜ ପକ୍ଷରୁ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ,ସ୍ଥାନ: ବେଦବ୍ୟାସ,ସମୟ: ସକାଳ ୮ଟା।
- ରାଉରକେଲା ମାନବାଧିକାର ସଂଗଠନର ଅତିରିକ୍ତ ଜିଲାପାଳଙ୍କ ଠାରେ ଫେରାଦ,ସ୍ଥାନ: ଉଦିତ ନଗର, ସମୟ:ପୂର୍ବାହ୍ନ ୧୦ଟା ।

## ସୁନ୍ଦରଗଡ଼
- ବିସ୍ଥାପିତ ଗାଡି ମାଲିକ ସଂଘର ନବନିର୍ମିତ ଅଫିସ କୋଠା ଉଦ୍‌ଘାଟନ ସମାରୋହ,ସ୍ଥାନ: ଛତାବର,ବେଦାନ୍ତ ରୋଡ, ସମୟ:ପୂର୍ବାହ୍ନ୧୦ଟା।

## ବରଗଡ଼
- ଯୋଦ୍ଧା ପରିବାର ପକ୍ଷରୁ ଚାରା ବଣ୍ଟନ, ସ୍ଥାନ: ଗାନ୍ଧୀଛକ, ବରଗଡ଼, ସମୟ: ସକାଳ ୭ଟା।
- ଫସଲବୀମା ପ୍ରସଙ୍ଗରେ ତ୍ରିପାକ୍ଷିକ ବୈଠକ, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା।
- ନୃତ୍ୟ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପଦ୍ମପୁର ରାଜାଜୀ ଟାଉନହଲ, ସମୟ: ସକାଳ ୯ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ବୁଢ଼ିକୋମନା ପଞ୍ଚାୟତ ଧୂମାଭଟା ଗାଁ, ସମୟ: ସକାଳ ୯ଟା।

## ବୌଦ୍ଧ
- ଇନ୍ଦ୍ରପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଇନ୍ଦ୍ରପୁର ଗ୍ରାମ୍ୟମଣ୍ଡପ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା ।
- ବରଗାଁ ଶ୍ରୀ ରଘୁନାଥ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଓ ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି , ସ୍ଥାନ: ବରଗାଁ, କଣ୍ଟାମାଳ ବ୍ଲକ, ସମୟ: ସକାଳ ୯ ଟା

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି କନକ ଦୁର୍ଗା ମନ୍ଦିର ପରିସର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଭୋଟ ଗଣନା ପାଇଁ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଭୋଟ ଗଣନା ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ ଗଣନା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆର୍ଥିକ ଅଭିବୃଦ୍ଧି ସକାଶେ ଅନୁକୂଳ ପରିବେଶ ସୃଷ୍ଟି ହେବ। କାର୍ଯ୍ୟସିଦ୍ଧି ସାଙ୍ଗକୁ ଶିକ୍ଷା କ୍ଷେତ୍ରରେ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହେବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କିମ୍ବା ଘର ଲୋକଙ୍କୁ କୈଫିୟତ ଦେବାକୁ ପଡିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ଉପରେ ନିର୍ଭର ନ କରି ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା କରିପାରନ୍ତି।

**ବୃଷ** ଦୂର ଯାତ୍ରା ପାଇଁ ପୂର୍ବପ୍ରସ୍ତୁତି କିମ୍ବା ମନୋରଞ୍ଜନ କାର୍ଯ୍ୟକ୍ରମ ସକାଶେ ବ୍ୟସ୍ତ ରହିପାରନ୍ତି। ସୁନ୍ଦର ସ୍ୱାସ୍ଥ୍ୟ, ଆଦର୍ଶ ପାରିବାରିକ ଜୀବନକୁ ଅଙ୍ଗେ ନିଭାଇ ଖୁସି ରହିବେ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ମନରେ କୁହୁଳୁଥିବା ଅଶାନ୍ତି ପରିସ୍ଥିତିକୁ ବିଗାଡି ଦେଇପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇବେ।

**ମିଥୁନ** ଆଜି ଦୂରଯାତ୍ରା ସହ ବନ୍ଧୁମିଳନ ଘଟିପାରେ। ଆର୍ଥିକ ସହାୟତାର ଅଭାବ ରହିବ ନାହିଁ। ପାରିବାରିକ ସମସ୍ୟା ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି। ସାମୟିକ କେତେକ କାରଣକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** ଆଜି ପ୍ରତ୍ୟେକ କାମ ସୁରୁଖୁରୁରେ ସମାପନ ହୋଇପାରିବା ସହ ଅର୍ଥ ଓ ସମ୍ମାନ ପାଇବେ। ପରିବହନ କ୍ଷେତ୍ରରେ, କ୍ରୀଡା ଓ ଚଳଚ୍ଚିତ୍ରରେ, ନିର୍ମାଣ କ୍ଷେତ୍ରରେ, ସଭାସମିତିରେ ସଫଳତା ହାସଲ କରିପାରିବେ। ପରିବାରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ସରକାରୀ ସ୍ତରରେ ଅଟକି ରହିଥିବା କାମ ପାଇଁ ଟେନ୍ସନ ଦୂରୀଭୂତ ହେବ।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟଙ୍କୁ ତାହା କିଞ୍ଚିତ ମନେ ହେବ। ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ, ଯାହାକି ମାନସିକ ଅସୁସ୍ଥତାର କେନ୍ଦ୍ରବିନ୍ଦୁ ପାଲଟି ଯିବ। ସ୍ୱାର୍ଥକୁ ଜାବୁଡି ଧରି ଆତ୍ମୀୟମାନେ ଶତ୍ରୁତା କରିବେ। ଆଲୋଚନା ପରିସରରେ ସତର୍କରେ ନ ଚଳିଲେ ବିବାଦରେ ପଡିପାରନ୍ତି।

**କନ୍ୟା** ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ମଧ୍ୟରେ ଅଟକି ରହୁଥିବାରୁ ଚିନ୍ତା କ୍ରମଶଃ ବୃଦ୍ଧି ପାଇବ। ଆଜି ଆପଣଙ୍କର ଘର କାମ ସାଙ୍ଗକୁ ଅଫିସ୍ କାମ ବଳିଯିବ। ପ୍ରବାସୀ ବ୍ୟକ୍ତିମାନଙ୍କର ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ମନ ଚାହୁଁଥିବା କାମ ଯଥାସମୟରେ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ପାରିବାରିକ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସମସ୍ୟା ସମାଧାନ କରି ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଆକସ୍ମିକ ଭାବରେ ସମ୍ପର୍କୀୟଙ୍କ ସାହାଯ୍ୟ ପାଇ ଟେନ୍ସନ ମୁକ୍ତ ହେବେ। କୌଣସି ଜିନିଷ ପାଇବା ଅଭିଳାଷ କ୍ଷେତ୍ରରେ ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି। ଅଫିସ୍ କାମରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନ୍‌ସନ ବଢିପାରେ।

**ଧନୁ** କୌଣସି ଅସୁବିଧା ନ ଥିଲେ ମଧ୍ୟ ଦୀର୍ଘଦିନ ହେଲା ପ୍ରିୟଜନଟିକୁ ନ ଦେଖି ମନରେ ଭାବାନ୍ତର ସୃଷ୍ଟି ହେବ। ବନ୍ଧୁମାନଙ୍କୁ ମନାଇ କାମ ହାସଲ କରିବେ। ନୂତନ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ସନ୍ଧ୍ୟା ସମୟରେ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି।

**ମକର** ପରିବାରର ଆବଶ୍ୟକ ଅର୍ଥ ସକାଶେ କରଜ କରି କାମ ତୁଲାଇ ନେବେ। ନିକଟତମ ବନ୍ଧୁଙ୍କୁ କିଛି ସାହାଯ୍ୟ ମାଗିବେ ଏହି ଭାବନାରେ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ। କଚେରି ମାମଲା ଅମିମାଂସିତ ରହିବା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବା ଆଶଙ୍କା ରହିଛି।

**କୁମ୍ଭ** ଆର୍ଥିକ ଦିଗରୁ ଆଜିର ଦିନଟି ବହୁତ ଭଲ, ମୁହଁ ଖୋଲିଲେ କୌଣସି ଅଭାବ ରହିବ ନାହିଁ। ଯେ କୌଣସି କାମ ହେଉନା କାହିଁକି ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଏହା ସାଙ୍ଗକୁ ପାରିବାରିକ କ୍ଷେତ୍ରରେ ମଧ୍ୟ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ ହେବେ।

**ମୀନ** ଆଜି ଆପଣଙ୍କ କୌଣସି କାମ ଅଟକି ରହିବ ନାହିଁ ଏବଂ ଯେମିତି ଆଶା କରୁଛନ୍ତି ଠିକ୍ ସେହିପରି ହିଁ ପାଇ ଖୁସି ରହିବେ। ଆପଣଙ୍କ କାମର ଦାୟିତ୍ୱ ନେଇଥିବା ବନ୍ଧୁମାନେ କାର୍ଯ୍ୟ ସମ୍ପନ୍ନ କରିବାରେ ହେଳା କରିପାରନ୍ତି। ବ୍ୟବସାୟରେ ବାକି ରହିଥିବା ଅର୍ଥ କୌଶଳର ସହ ଆଦାୟରେ ସକ୍ଷମ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ଜୁନ୍ ୩ ତାରିଖ, ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ ସୋମବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ରାଶି, ନକ୍ଷତ୍ର- ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୧ ଗତେ ଘ.୧୦।୨୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬।୪୯ ଗତେ ଘ.୦୮।୨୭ ମଧ୍ୟେ ରାହୁକାଳ ।

# ପ୍ରଥମ ପୃଷ୍ଠାରୁ...

## ବଜ୍ରପାତରେ ୨ ...
ସଞ୍ଜୟ କୁମାର ଗୌଡ଼ଙ୍କ ଜୀବନ ଯାଇଛି। ସେହିପରି ବଡଗଡ ଥାନା ଅନ୍ତର୍ଗତ ନୂଆଗାଁରେ ଚାଷୀ ଲମ୍ବୋଦର ପାଣିଗ୍ରାହୀ ଜମିରେ ଟଳି ପଡ଼ିଛନ୍ତି। କନ୍ଧମାଳ ଜିଲା ଜି. ଉଦୟଗିରି ବ୍ଲକ କତିଙ୍ଗିଆ ପଞ୍ଚାୟତର ଅମ୍ରିତା ପ୍ରଧାନ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଛନ୍ତି। ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମରେ ଠାକୁରାଣୀ ଯାତ୍ରା ସକାଶେ ମୀନା ବଜାର ପଡ଼ିଥିଲା। ରବିବାର ଯାତ୍ରା ସରିବା ପରେ ସେଠାରେ କାମ କରୁଥିବା ଦୁଇ ଶ୍ରମିକ ସନ୍ନ୍ୟାସୀ ଓ ଡୁଗୁଲା ବିଶ୍ରାମ ନେବାପାଇଁ ମହାଲକ୍ଷ୍ମୀ ମନ୍ଦିର ନିକଟ ଆମ୍ବଗଛ ଛାଇକୁ ଆସିବା ସହ ମୋବାଇଲ୍ ଫୋନ ବ୍ୟବହାର କରୁଥିଲେ। ଏହି ସମୟରେ ହଠାତ୍ କଳାମେଘ ଢ଼ାଙ୍କି ଆସି ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଉଭୟେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପାଟପୁର ଥାନା ପୋଲିସ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ସେହିପରି ହିଞ୍ଜିଳି ଥାନା ଅଧୀନ ଚାନ୍ଦୁଲିରେ ସଞ୍ଜୟ ମଇଁଷି ଚରାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ. ୧୭/୨୪) ରୁଜୁ କରିଛି। ଅନ୍ୟପଟେ ବଜ୍ରପାତରେ ଆଙ୍କୋରଡା ଗ୍ରାମର ଦରମରି ବେହେରା ଘର ବାରିପଟେ ବସିଥିବା ବେଳେ ବଜ୍ରପାତରେ ଆହତ ହୋଇଥିଲେ। ପରିବାର ଲୋକ ତାଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବଡଗଡ ଥାନା ନୂଆଗାଁର ଚାଷୀ ଲମ୍ବୋଦର ଜମିକୁ କାମ କରିବାକୁ ଯାଇଥିବା ବେଳେ ଅପରାହ୍ନ ପ୍ରାୟ ୩ଟାରେ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେ ଅଚେତ ହୋଇ ପଡିଥିଲେ। ଗ୍ରାମବାସୀ ଉଦ୍ଧାର କରି ବଡଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଲମ୍ବୋଦରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜି. ଉଦୟଗିରି ବ୍ଲକ କତିଙ୍ଗିଆ ପଞ୍ଚାୟତର କତିଙ୍ଗିଆ ଛକ ନିବାସୀ ଅମ୍ରିତା ଆମ୍ବ ଗୋଟାଇବାକୁ ଜଙ୍ଗଲକୁ ଯାଇ ଫେରୁଥିବା ସମୟରେ ପ୍ରବଳ ପବନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଅମ୍ରିତା କତିଙ୍ଗିଆ ଏଟିଏମ ନିକଟ ଆମ୍ବ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତରେ ଟଳି ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅଂଶୁଘାତରେ ଗଲାଣି ....
ଅସ୍ୱାଭାବିକ ମୃତ୍ୟୁ ଅଭିଯୋଗ ଆସିଛି। ଏସବୁ କେସ୍‌କୁ ସିଧାସଳଖ ଅଂଶୁଘାତ ସହ ଲିଙ୍କ୍ କରାଯାଇପାରିବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ପାରିପାର୍ଶ୍ୱିକ ଯାଞ୍ଚ ପରେ ମୃତ୍ୟୁର ପ୍ରକୃତ କାରଣ କୁହାଯାଇପାରିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ସମ୍ବଲପୁରରେ ୫, ...
ଅଂଶୁଘାତରେ ଆକ୍ରାନ୍ତ ହୋଇ ୩ ଜଣ ବ୍ୟକ୍ତି ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଭର୍ତ୍ତି ହୋଇ ଚିକିତ୍ସାଧୀନ ରହିଛନ୍ତି। ତେବେ ଗତ ଏପ୍ରିଲ୍ ୧ରୁ ଜୁନ ୨ ତାରିଖ ମଧ୍ୟରେ ଜିଲାରେ ୨୮୨ ଜଣ ଅଂଶୁଘାତରେ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ସମସ୍ତେ ସୁସ୍ଥ ହୋଇ ଡିସଚାର୍ଜ ହୋଇଥିବା ବେଳେ ବର୍ତ୍ତମାନ ମାତ୍ର ୩ ଜଣ ଚିକିତ୍ସାଧୀନ ରହିଛନ୍ତି ବୋଲି ସେ କହିଛନ୍ତି। ସେହିପରି ରାଉରକେଲାରେ ଅଂଶୁଘାତ ଯୋଗୁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ରବିବାର ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅନ୍ୟ ୩୫ ଜଣଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସି ନାହିଁ। ସେପଟେ ୫ ପରିବାର ବ୍ୟବଚ୍ଛେଦ ନ କରି ମୃତଦେହ ନେଇଯାଇଥିବା ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଆରଜିଏଚ୍ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାସ ଜିଲାପାଳ ପରାଗ ହର୍ଷଦ ଗାଭାଲି ଏବଂ ତହସିଲଦାରଙ୍କୁ ପ୍ରଥମ ଦିନରୁ ବର୍ତ୍ତମାନ ସୁଦ୍ଧା ଅଂଶୁଘାତ ପ୍ରକୋଷ୍ଠରେ ମୃତ୍ୟୁବରଣ କରିଥିବା ୨୨ଜଣଙ୍କ ମୃତ୍ୟୁକାଳୀନ ରିପୋର୍ଟ ପ୍ରଦାନ କରିଛନ୍ତି। ଏବେ ଆର୍‌ଜିଏଚ୍ ଅଂଶୁଘାତ ପ୍ରକୋଷ୍ଠରେ ମୋଟ ୨୨ ଜଣ ଚିକିତ୍ସାଧୀନ ଥିବାବେଳେ ୪ ଜଣ ଡିସ୍‌ଚାର୍ଜ ହୋଇ ସାରିଛନ୍ତି। ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ମାମଲା ସାମାନ୍ୟ ରହିଥିବା ବେଳେ ରାଉରକେଲାରେ ଜଟିଳ ରହିଥିବା ସିଡିଏମ୍‌ଓ ଡା. କାହ୍ନୁଚରଣ ନାଏକ ସୂଚନା ଦେଇଛନ୍ତି। ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ୫୫ଟି ଶଯ୍ୟା ପ୍ରସ୍ତୁତ କରାଯାଇଛି। ଅଂଶୁଘାତ ପ୍ରକୋଷ୍ଠରେ ୫୫ଟି କୁଲର ବ୍ୟବସ୍ଥା ହୋଇଛି। ରବିବାର ୩ଜଣିଆ ରାଜ୍ୟ ବିଶେଷଜ୍ଞ ଡାକ୍ତରୀ ଟିମ ସୁନ୍ଦରଗଡରେ ପହଞ୍ଚି ଥିଲେ। ଏହି ଟିମ୍ ଶନିବାର ଆର୍‌ଜିଏଚ ପରିଦର୍ଶନ କରିଥିଲେ। ବୁର୍ଲା ଭିମସାର ମେଡିସିନ ବିଭାଗର ପ୍ରଫେସର ବୁଦ୍ଧକେଶ୍ୱର ପ୍ରଧାନ,ଡାକ୍ତର ଅଶୋକ କୁମାର ପାଇକରାୟ,ଡାକ୍ତର ଅର୍ଘ୍ୟ ପ୍ରଧାନ ଟିମରେ ସାମିଲ ଥିଲେ।

## ଜେଲକୁ ଫେରିଲେ ...
ପ୍ରଚାର କରିଛନ୍ତି। ପ୍ରଥମେ ଦେଶ, ତା' ପରେ ଦଳ ବୋଲି କେଜ୍‌ରିୱାଲ କହିଥିଲେ। ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଏକ୍‌ଜିଟ ପୋଲ୍‌ରେ କରାଯାଇଥିବା ପୂର୍ବାନୁମାନକୁ ସେ ଜାଲିଆତି ବୋଲି କହିଛନ୍ତି।

## ଓଡ଼ିଶାରେ କଡ଼ା ...
ପରେ ପୁଣି ଥରେ କ୍ଷମତାକୁ ଫେରୁଛନ୍ତି। ଏନ୍‌ଡିଏ ବିଧାନସଭାର ୯୮ରୁ ୧୨୦ ଆସନ ଏବଂ ଲୋକ ସଭାର ୨୧-୨୩ ଆସନ ଦଖଲ କରିବ। ବିଧାନସଭାରେ ଏନ୍‌ଡିଏ ପାଇବାକୁ ଥିବା ଶତାଧିକ ଆସନରୁ ଟିଡିପି ୭୮-୯୬ ଦଖଲ କରିପାରେ। ୱାଇଏସ୍‌ଆର୍‌ସିପି ୨୦୧୯ରେ ୧୫୧ ଆସନ ଦଖଲ କରିଥିବାବେଳେ ଏଥର ୫୫-୭୭ ଆସନରେ ସୀମିତ ରହିପାରେ। କେବଳ ଭାଜପାକୁ ୪-୬ ଆସନରେ ସଫଳତା ମିଳିପାରେ। ଭୋଟ ହାରକୁ ଦେଖିଲେ ୱାଇଏସ୍‌ଆର୍‌ସିପି ୪୪% ସମର୍ଥନ ସହ ସବୁଠୁ ବଡ଼ ଦଳ ହୋଇ ରହିବ, ଯାହାକି ପୂର୍ବ ନିର୍ବାଚନ ତୁଳନାରେ ୨% ଅଧିକ। କିନ୍ତୁ ଭାଜପାର ୨% ଏବଂ ଜନସେନା ପାର୍ଟିର ୭% ଭୋଟ ଏନ୍‌ଡିଏକୁ ସହାୟକ ହେବ। କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ରାଜ୍ୟରେ ୦-୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସର୍ବାପୁରାତନ ଦଳ ଏଠାରେ ମାତ୍ର ୨% ଭୋଟ ପାଇପାରେ। ତେବେ ଏକ୍‌ଜିଟ୍ ପୋଲ ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ମତାମତ, ଯାହାକି ସବୁବେଳେ ସତ ହୋଇ ନ ଥାଏ। ତେଣୁ ଜୁନ୍ ୪ ମଙ୍ଗଳବାର ଭୋଟ ଗଣତି ପରେ ବାସ୍ତବ ଚିତ୍ର ସାମ୍ନାକୁ ଆସିବ।

## କାଳିମେଳାରେ ଡାକ୍ତର ...
ଏହି ଘଟଣାକୁ କେନ୍ଦ୍ରକରି ଡାକ୍ତରଙ୍କୁ ଅପହରଣ କରାଯାଇ ଥାଇପାରେ ବୋଲି ଅନୁମାନ କରାଯାଉଛି।

କାଳିମେଳା ପୋଲିସ ଓ ଏସ୍‌ଡିପିଓ ସଚିନ ପଟେଲ ରବିବାର ମେଡିକାଲକୁ ଯାଇ ତଦନ୍ତ ସହ କ୍ୱାର୍ଟର୍ସ ନିକଟରୁ ପୋଷ୍ଟର ସହ ଚିଠି ଜବତ କରିଛନ୍ତି। ଉକ୍ତ ପୋଷ୍ଟରରେ ଆଦିବାସୀ ଶୋଷଣ ବନ୍ଦ,ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା ଷ୍ଟାଫ୍‌ଙ୍କୁ ବଦଳି, ସିଷ୍ଟମ ପରିବର୍ତ୍ତନ ସହିତ କର୍ମଚାରୀମାନେ ଟଙ୍କା ଲୁଟୁଥିବା ବିଷୟରେ ଉଲ୍ଲେଖ ରହିଛି।

ଡାକ୍ତରଙ୍କୁ ମାଓବାଦୀ ନା ଅନ୍ୟ କେହି ଅପହରଣ କରିଛନ୍ତି ସେ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ମାଲକାନଗିରି ଏସ୍‌ପି ନିତେଶ ୱାଧ୍ୱାନୀଙ୍କୁ ପଚାରିବାରୁ ଏହା ମାଓବାଦୀଙ୍କ କାର୍ଯ୍ୟ ନୁହେଁ । ଡାକ୍ତର ନିଜ ଇଚ୍ଛାରେ କେଉଁଆଡେ ଯାଇଥାଇ ପାରନ୍ତି କିମ୍ବା ତାଙ୍କୁ ଅନ୍ୟ କେହି ଅପହରଣ କରିନେଇ ଥାଇପାରେ। ପୋଷ୍ଟର ଓ ଚିଠିରୁ ଯାହା ଜଣାପଡୁଛି, ଏହା ମାଓବାଦୀଙ୍କ ଲେଖା ନୁହେଁ। କେହି ଦୁର୍ବୃତ୍ତ ଡରାଇବା ପାଇଁ ଏପରି ଲେଖି ଥାଇପାରେ, ଏହାର ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ଡାକ୍ତରଙ୍କ ନିଖୋଜ ସମ୍ପର୍କରେ ଜଣାପଡ଼ିବ ବୋଲି ଏସ୍‌ପି କହିଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି, ଖବର ଜଣାପଡ଼ିବା ପରେ ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏହାର ତଦନ୍ତ ପାଇଁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଏ. ହୁସେନଙ୍କୁ କାଳିମେଳା ପଠାଯାଇଥିବା ସେ କହିଛନ୍ତି।

# 'ଲାହୋର ୧୯୪୭'ରେ ପ୍ରୀତିଙ୍କ ଶୁଟିଂ ଶେଷ



ମୁମ୍ବାଇ: ଫିଲ୍ମ 'ଦିଲ୍ ସେ' ରୁ କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ପ୍ରୀତି ଜିଣ୍ଟା ବଲିଉଡ୍‌ର ଏକ ଜଣାଶୁଣା ନାମ ଭାବେ ବେଶ୍ ପରିଚିତ। ସେ ବଲିଉଡ୍‌ରେ 'ଦିଲ୍ ଚାହତା ହେ', 'କଲ୍ ହୋ ନା ହୋ', 'ବୀର୍‌ଜାରା', 'କଭି ଅଲ୍‌ବିଦା ନା କେହନା' ଭଳି ଅନେକ ହିଟ୍ ଫିଲ୍ମରେ ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ଦୀର୍ଘ ସମୟ ଧରି ଅଭିନୟ ଜଗତରୁ ଦୂରରେ ଥିବା ପ୍ରୀତି ଖୁବ୍‌ଶୀଘ୍ର ବଡ଼ ପରଦାରେ ପୁଣିଥରେ ନିଜ ଜଲ୍‌ୱା ଦେଖାଇବାକୁ ଯାଉଛନ୍ତି। ଆମିର ଖାନଙ୍କ ଦ୍ୱାରା ନିର୍ମିତ ଚଳଚ୍ଚିତ୍ର 'ଲାହୋର ୧୯୪୭' ସହ ଦୀର୍ଘ ସମୟ ପରେ ପ୍ରୀତି ବଡ ପରଦାକୁ ଫେରିବେ। ସମ୍ପ୍ରତି ଏହି ଚଳଚ୍ଚିତ୍ରରେ ପ୍ରୀତିଙ୍କର ଶୁଟିଂ ଶେଷ ହୋଇଛି, ଯାହାକୁ ନେଇ ସେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ 'ଲାହୋର ୧୯୪୭'ର ସ୍କ୍ରିପ୍ଟ ଏବଂ ଫିଲ୍ମ ଶୁଟିଂ ବେଳର ଝଲକ୍ ଦେଖାଇଛନ୍ତି। ତେବେ ଏହି ଅବସରରେ 'ଲାହୋର ୧୯୪୭' ତାଙ୍କର ସବୁଠାରୁ କଷ୍ଟସାଧ୍ୟ ଚଳଚ୍ଚିତ୍ର ହୋଇଥିବା ପ୍ରୀତି କହିଛନ୍ତି। ଏହି ଭିଡିଓ ଶେୟାର କରି ପ୍ରୀତି କ୍ୟାପ୍‌ଶନରେ ଲେଖିଛନ୍ତି, ''ଲାହୋର ୧୯୪୭ରେ ମୋର ଶୁଟିଂ ସମାପ୍ତ ହୋଇଛି ଏବଂ ଏଥିରୁ ମିଳିଥିବା ଚମତ୍କାର ଅନୁଭୂତି ପାଇଁ ଫିଲ୍ମ ନିର୍ମାତାଙ୍କ ସମେତ ସମଗ୍ର କାଷ୍ଟଙ୍କ ନିକଟରେ ମୁଁ କୃତଜ୍ଞ ହୋଇ ରହିବି। ମୁଁ ଆନ୍ତରିକତାର ସହିତ ଆଶା କରୁଛି ଯେ ଆପଣ ସମସ୍ତେ ଏହି ଚଳଚ୍ଚିତ୍ରକୁ ପ୍ରଶଂସା କରିବେ ଏବଂ ଉପଭୋଗ କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ କରିଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ଏହି ଚଳଚ୍ଚିତ୍ର ସବୁଠାରୁ କଷ୍ଟସାଧ ହୋଇଥିବା ମନେ କରୁଛି। ଗତ କିଛି ମାସ ମଧ୍ୟରେ କଠିନ ପରିଶ୍ରମ ଏବଂ ଧୈର୍ଯ୍ୟର ସହ ମୁଁ ଏହାର ଶୁଟିଂ ଶେଷ କରିଛି।'' ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ 'ଲାହୋର ୧୯୪୭' ଚଳଚ୍ଚିତ୍ରରେ ଦୀର୍ଘ ସମୟ ପରେ ଅଭିନେତା ସନ୍ନି ଦେଓଲ୍‌ଙ୍କ ସହ ପ୍ରୀତି ମୁଖ୍ୟ ଭୂମିକାରେ ନଜର ଆସିବେ। ସେହିପରି ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ବଲିଉଡ୍ ସୁପରଷ୍ଟାର ଆମିର ଖାନ, ଅଭିନେତା ଭିକି କୌଶଲ, ମିଥୁନ ଚକ୍ରବର୍ତ୍ତୀ ମଧ୍ୟ ଅଭିନୟ କରୁଥିବାର ନଜର ଆସିବେ। ଏହାପୂର୍ବରୁ ଉଭୟ ପ୍ରୀତି ଏବଂ ସନ୍ନି 'ହିରୋ: ଲଭ୍ ଷ୍ଟୋରି ଅଫ୍ ଏ ସ୍ପାଇ', 'ଫର୍ଜ୍' ଏବଂ 'ଭୟାଜୀ ସୁପରହିଟ୍' ଆଦି ଚଳଚ୍ଚିତ୍ରରେ ଏକାଠି କାମ କରିଛନ୍ତି। ପ୍ରୀତିଙ୍କୁ ଶେଷ ଥର ପାଇଁ ୨୦୧୮ରେ ମୁକ୍ତିଲାଭ କରିଥିବା 'ଭୟାଜୀ ସୁପରହିଟ୍' ଫିଲ୍ମରେ ଦେଖିବାକୁ ମିଳିଥିଲା।

# ହାତୀ ଆକ୍ରମଣରେ ମହିଳା ମୃତ

**ଭାପୁର,୨।୬(ରାଜକୁମାରି ପ୍ରଧାନ)** ଢେଙ୍କାନାଳ ଜିଲା ସଦର ରେଞ୍ଜ ଭାପୁର ଅଞ୍ଚଳର ଚନ୍ଦ୍ରଶେଖରପ୍ରସାଦ ଗ୍ରାମ ଭରତିଆ ପାଳ ଜୁଆଙ୍ଗ ସାହିର ପିଙ୍କି ପ୍ରଧାନ(୪୦) ରବିବାର ସକାଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ପିଙ୍କି ଗ୍ରାମ ନିକଟ ଆମ୍ବ ତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଭାପୁର ବନପାଳ ଶରତ ମଲ୍ଲ, ଭାପୁର ଫାଣ୍ଡି ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ, ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ବାରମ୍ବାର ମାଇକ୍ ଯୋଗେ ପ୍ରଚାର ମାଧ୍ୟମରେ ସକାଳ ସମୟରେ କାଜୁ, ଆମ୍ବ ଗୋଟାଇ ଯିବାକୁ ବରଣ କରାଯାଉଛି। ବାରଣ ସତ୍ତ୍ୱେ ନ ମାନିବାରୁ ଏଭଳି ଘଟଣା ଘଟୁଥିବା ବନପାଳ ଶରତ କହିଛନ୍ତି।



ପୁରୀ ବଡ଼ଦାଣ୍ଡ ରଥଖଳାରେ ରଥର ଅଖ ନିର୍ମାଣ ପାଇଁ କାଠଗୁଡ଼ିକୁ ମହାରଣା ସେବକମାନେ ଚଉପଟ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଶେଷ ପର୍ଯ୍ୟାୟ ଭୋଟହାର ୭୪% ଟପିଲା

ଭୁବନେଶ୍ୱର,୨।୬(ସୁନୀତ୍ ମିଶ୍ର)

ଓଡ଼ିଶାରେ ଶେଷ ପର୍ଯ୍ୟାୟରେ ଶନିବାର ୬ ଲୋକ ସଭା ଆସନ ଏବଂ ଏହା ଅଧୀନ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ ହୋଇଥିବାବେଳେ ମତଦାନ ହାର ୭୪% ଟପିଛି। ଭାରତର ନିର୍ବାଚନ କମିଶନଙ୍କ ତଥ୍ୟ ମୁତାବକ ରବିବାର ରାତି ୧୦ଟା ସୁଦ୍ଧା, ରାଜ୍ୟରେ ଶେଷ ପର୍ଯ୍ୟାୟ ଭୋଟହାର ୭୪.୪୧% ରହିଛି।

ବାଲେଶ୍ୱର ଲୋକ ସଭା ଆସନରେ ଭୋଟହାର ୭୫.୪୨% ରହିଛି। ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ଆସନ ମଧ୍ୟରୁ ବଡ଼ସାହିରେ ୭୫.୯୩%, ବାଲେଶ୍ୱରରେ ୭୬.୦୨%, ବସ୍ତାରେ ୭୭.୧୪%, ଭୋଗରାଇରେ ୭୫.୩୮%, ଜଳେଶ୍ୱରରେ ୭୬.୮୮%, ନୀଳଗିରିରେ ୭୭.୫୬% ଏବଂ ରେମୁଣାରେ ୭୮.୩୭% ମତଦାନ ହୋଇଛି। ଭଦ୍ରକ ଲୋକ ସଭା କ୍ଷେତ୍ରରେ ୭୩.୨୩% ଭୋଟର ମତଦାନ କରିଛନ୍ତି। ଏହା ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ବାସୁଦେବପୁରରେ ୭୨.୭%, ଭଦ୍ରକରେ ୭୧.୪୬%, ଭଣ୍ଡାରିପୋଖରୀରେ ୭୬.୭୯%, ଚାନ୍ଦବାଲିରେ ୭୬.୬୧%, ଧାମନଗରରେ ୭୨.୮୮%, ସିମୁଳିଆରେ ୭୧.୧୧% ଏବଂ ସୋରରେ ୭୧.୨୫% ମତଦାନ ହୋଇଛି। ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ଭୋଟହାର ରହିଛି ୭୫.୪୮%। ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ଆସନ ମଧ୍ୟରୁ ବାଲିକୁଦା-ଏରସମାରେ ୭୪.୮୫%, ଜଗତ୍‌ସିଂହପୁରରେ ୭୬.୯୬%, କାକଟପୁରରେ ୭୩.୬୨%, ନିଆଳିରେ ୭୬.୨୩%, ନିମାପଡ଼ାରେ ୭୯.୩%, ପାରାଦୀପରେ ୭୪.୨୨% ଏବଂ ତିର୍ତ୍ତୋଲରେ ୭୩.୨୧% ମତଦାନ ହୋଇଛି। ଯାଜପୁର ଲୋକ ସଭା ଆସନରେ ୭୪.୪୭% ମତଦାନ ହୋଇଥିବାବେଳେ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବଡ଼ଚଣାରେ ୭୪.୪୮%, ବରୀରେ ୬୯.୯୨%, ବିଞ୍ଝାରପୁରରେ ୬୫.୮୮%, ଧର୍ମଶାଳାରେ ୭୯.୬୧%, ଯାଜପୁରରେ ୭୨.୯୯%, କୋରେଇରେ ୭୮.୫୮% ଏବଂ ସୁକିନ୍ଦାରେ ୮୦.୬୬% ମତଦାନ ହୋଇଛି। କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀରେ ୭୧.୨୨% ଲୋକ ଭୋଟ ଦେଇଥିବାବେଳେ ଏହି ଆସନ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ଆଳିରେ ୬୩.୬୭%, କେନ୍ଦ୍ରାପଡ଼ାରେ ୬୭.୬୬%, ମହାକାଳପଡ଼ାରେ ୭୫.୩୨%, ମାହାଙ୍ଗାରେ ୭୬.୦୮%, ପାଟକୁରାରେ ୭୨.୭୨%, ରାଜନଗରରେ ୬୬.୩୩% ଏବଂ ସାଲେପୁରରେ ଭୋଟହାର ୭୭.୦୪% ମତଦାନ ହୋଇଛି। ମୟୂରଭଞ୍ଜ ଲୋକ ସଭା ଆସନରେ ୭୫.୭୯% ମତଦାନ ହୋଇଥିବାବେଳେ ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବାଙ୍ଗିରିପୋଷିରେ ୭୮.୦୮%, ବାରିପଦାରେ ୭୨%, ଯଶୀପୁରରେ ୭୭.୩୫%, ମୋରଡ଼ାରେ ୭୭.୨୩%, ରାଇରଙ୍ଗପୁରରେ ୭୩.୭୩%, ସାରସକଣାରେ ୭୫.୦୮% ଏବଂ ଉଦଳାରେ ୭୭.୧୭% ମତଦାନ ହୋଇଛି।

## ଆହୁରି ୪୮ ଘଣ୍ଟା ହିଟ୍‌ୱେଭ୍

ଭୁବନେଶ୍ୱର,୨।୬
(ଅସମାପିକା ସାହୁ)

ରାଜ୍ୟରେ ଖରାତାତି ସହ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ଗୁରୁତର ପ୍ରଭାବିତ କରୁଛି। ରବିବାର ଟିଟିଲାଗଡ଼ରେ ସର୍ବାଧିକ ଦିନତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀର ଓ ସୋନପୁରରେ ୪୨.୩, ବୌଦ୍ଧ ୪୨.୧, ଭବାନିପାଟଣା ୪୦.୫, ନୂଆପଡ଼ା ୪୦.୫, ଝାରସୁଗୁଡ଼ା ୪୦.୪, ସମ୍ବଲପୁରରେ ୪୦ ଡିଗ୍ରୀ ରହିଥିଲା। ତେବେ ଆହୁରି ୪୮ ଘଣ୍ଟା ହିଟ୍‌ୱେଭ୍ ବା ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ବଲାଙ୍ଗୀର ଓ ବରଗଡ଼ ଜିଲାକୁ ଦୁଇଦିନ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ କଳାହାଣ୍ଡି, ନୂଆପଡ଼ା, ସୋନପୁର ଏବଂ ସମ୍ବଲପୁରରେ ଜିଲାରେ ୟେଲୋ ୱାର୍ନିଂ ଜାରି ହୋଇଛି। ସେପଟେ ତାତି ସାଙ୍ଗକୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଗୁଳୁଗୁଳି ଲାଗି ରହିବ। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଭଳି ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ସରପଞ୍ଚଙ୍କ ଖଣ୍ଡା ଚୋଟରେ ଭାଜପା କର୍ମୀ ଗୁରୁତର




ଚାନ୍ଦବାଲି ଥାନା ସମ୍ମୁଖରେ ଭାଜପା କର୍ମୀମାନେ।

### ଚାନ୍ଦବାଲିରେ ନିର୍ବାଚନ ପରବର୍ତ୍ତୀ ହିଂସା

ଚାନ୍ଦବାଲି,୨।୬(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଖେରଙ୍ଗ ପଞ୍ଚାୟତରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଛି। ମତଦାନ ସରିବା ପରେ ଶନିବାର ରାତିରେ ଖେରଙ୍ଗ ବୁଥ୍ ନିକଟରେ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ବିଜେଡି କର୍ମୀ ସଂଘବଦ୍ଧ ଭାବେ ଭାଜପା କର୍ମୀ ଟିକମ ମାଝୀଙ୍କୁ ଆକ୍ରମଣ କରିଛନ୍ତି। ସରପଞ୍ଚଙ୍କ ଖଣ୍ଡା ଚୋଟରେ ଟିକମ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ରବିବାର ଟିକମଙ୍କ ବଡ଼ଭାଇ କାଳନ୍ଦୀ ଚାନ୍ଦବାଲି ଥାନାରେ ସରପଞ୍ଚ ଜିତେନ୍ଦ୍ରଙ୍କ ସମେତ ୨୧ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୩୭/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ ଓ ବରିଷ୍ଠ ନେତା କାହ୍ନୁଚରଣ ବେହେରା ଚେତାବନୀ ଦେଇଛନ୍ତି।

ପ୍ରକାଶଥାଉ କି, ନିର୍ବାଚନ ପୂର୍ବରୁ ଘଣ୍ଟେଶ୍ୱର ଅଞ୍ଚଳରେ ବିଜେଡି କର୍ମୀଙ୍କ ଆକ୍ରମଣରେ ଭାଜପାର ଗଞ୍ଜାମ ଜିଲା ସଭାପତି ସୁବାସ ସାହୁଙ୍କ ସମେତ ୪ ଜଣ ଆହତ ହୋଇଥିଲେ। ସେହିପରି ପ୍ରଚାରର ଶେଷଦିନରେ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଓ ତାଙ୍କ ସହଯୋଗୀଙ୍କୁ ଧାମରା କରଞ୍ଜମାଳଠାରେ ବିଜେଡି କର୍ମୀମାନେ ଆକ୍ରମଣ କରିଥିଲେ।

## ଯୁକ୍ତ୩ ନାମଲେଖା: ଆଜିଠୁ ଆବେଦନ

ଭୁବନେଶ୍ୱର,୨।୬
(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ସୋମବାର ଅପରାହ୍ନ ୪ଟାରୁ ଅନ୍‌ଲାଇନ୍ ମାଧ୍ୟମରେ ଆରମ୍ଭ ହେବ। ଛାତ୍ରୀଛାତ୍ର samso-disha.gov.in ୱେବ୍‌ସାଇଟ ମାଧ୍ୟମରେ ଆବେଦନ କରିପାରିବେ। ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଏହି ଆବେଦନ ଚାଲିବ। ୧୮ରୁ ୧୯ ତାରିଖ ମଧ୍ୟରେ ଆବେଦନ ଫର୍ମରେ ତ୍ରୁଟି ସୁଧାରି ପାରିବେ। ୨୫ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୨୫ରୁ ୨୮ ତାରିଖ ଯାଏ ଛାତ୍ରୀଛାତ୍ର ସ୍ଲାଇଡ ଅପ୍‌ସନ ଚୟନ କରିପାରିବେ। ୨୬ରୁ ୨୯ ତାରିଖ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ଜୁଲାଇ ୫ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୬ରୁ ୯ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଜୁଲାଇ ୧୫ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ।

## କୂଅରୁ ଭାଲୁଛୁଆ ଉଦ୍ଧାର

ନୀଳଗିରି,୨।୬(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଗୁଜୁଡ଼ିହା ଗ୍ରାମରେ ଥିବା ଖୋଲାକୂଅରୁ ଏକ ଭାଲୁଛୁଆ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ମା' ଭାଲୁ ସହିତ ଖାଦ୍ୟ ଅନ୍ୱେଷଣରେ ଆସି ଛୁଆଟି କୂଅରେ ପଡ଼ିଯାଇଥିଲା। ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ମିଶି ତାହାକୁ ଉଦ୍ଧାର କରିଥିଲେ। ପରେ ଭାଲୁଛୁଆଟି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିବା ସୂଚନା ମିଳିଛି।

## ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

 କୁଳିଅଣା,୨।୬(ଆଦିକନ୍ଦ ସାହୁ)

### ସମ୍ପର୍କୀୟ କକା ଗିରଫ

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ତାଙ୍କ ସମ୍ପର୍କୀୟ କକା ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୦୦/୨୪) ରୁଜୁ କରି ଅଭିଯୁକ୍ତ ରାମେଶ୍ୱର ଦେହୁରୀ(୨୨)ଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗତ ୩୦ ତାରିଖରେ ପଶ୍ଚିମବଙ୍ଗ ଝାଡ଼ଗ୍ରାମ ଜିଲା ବିନପୁର ଥାନା ଅଞ୍ଚଳର ଏକ ଦମ୍ପତି ତାଙ୍କ ୭ ବର୍ଷର ଝିଅାରୀଙ୍କୁ ସାଥିରେ ନେଇ କୁଳିଅଣା ଥାନା ଅଞ୍ଚଳରେ ଥିବା ମାମୁଶ୍ୱଶୁରଙ୍କ ଘରକୁ ବୁଲିବାକୁ ଆସିଥିଲେ। ଶନିବାର ଅପରାହ୍ନ ୩ଟାରେ ମାମୁଶ୍ୱଶୁରଙ୍କ ପୁଅ ରାମେଶ୍ୱର ଚଡ଼େଇ ଧରିବା ବାହାନାରେ ଶିଶୁକନ୍ୟାଙ୍କୁ ଘର ପାଖ ପଳପଳା ନଦୀପଠାକୁ ନେଇ ବଳାତ୍କାର ପରେ ହତ୍ୟା କରି ମୃତଦେହ ଛାଡ଼ି ପଳାଇ ଆସିଥିଲେ। ଦୀର୍ଘ ସମୟ ଧରି ଶିଶୁକନ୍ୟା ନ ଫେରିବାରୁ ତାଙ୍କୁ ଖୋଜାଖୋଜି କରାଯାଇଥିଲା। ଗ୍ରାମର କେତେଜଣ ପ୍ରତ୍ୟକ୍ଷଦର୍ଶୀ ରାମେଶ୍ୱର ଉକ୍ତ ଶିଶୁକନ୍ୟାଙ୍କୁ ନଦୀପଠାକୁ ନେଇଯାଇଥିବା ସୂଚନା ଦେଇଥିଲେ। ପରେ ରାମେଶ୍ୱରଙ୍କୁ ପଚାରିବାରୁ ସେ ସତ ମାନିଥିଲେ। ଖବର ପାଇ ପୋଲିସ ପହଞ୍ଚି ନଦୀପଠାରେ ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଶିଶୁକନ୍ୟା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନା ଆଇଆଇସି ପ୍ରିୟଦର୍ଶିନୀ ଖଟୁଆ ଘଟଣାର ତଦନ୍ତ କରୁଛନ୍ତି।

## ପାରାଦୀପ ବନ୍ଦର: ପ୍ରଥମ ତ୍ରୈମାସିକ କାରବାର ୫.୫୧% ଅଭିବୃଦ୍ଧି

### ଜାହାଜରୁ ସର୍ବବୃହତ୍ ରେଫରର କଣ୍ଟେନର ଖଲାସ

ପାରାଦୀପ,୨।୬(ଶରତ ରାଉତ)




ପାରାଦୀପ ବନ୍ଦରର ପିଆଇସିଟି ବର୍ଥରେ ରେଫରର କଣ୍ଟେନର ଖଲାସ କରାଯାଉଛି।

ପାରାଦୀପ ବନ୍ଦର ରବିବାର ୨ଟି ସଫଳତା ହାସଲ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ କାରବାର(ଏପ୍ରିଲ ୧ ରୁ ଜୁନ ୧)ରେ ୨୫ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକ ଟନ୍)ପଣ୍ୟ କାରବାର କରିଛି। ଫଳରେ ପୂର୍ବବର୍ଷ ତୁଳନାରେ ଏହି କାରବାରରେ ୫.୫୧% ଅଭିବୃଦ୍ଧି ଘଟିଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ସଫଳତା ଦେଶର ବୃହତ୍ ବନ୍ଦରଗୁଡିକ ମଧ୍ୟରେ ସର୍ବାଧିକ। ଏପରି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ସମସ୍ତ ବ୍ୟବହାରକାରୀ ସଂସ୍ଥା, କର୍ମଚାରୀ, ଶ୍ରମିକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଗତ ଶନିବାର ବନ୍ଦରର ପିଆଇସିଟି ବର୍ଥରେ ଏମ୍‌ଭି ଜୁଏନିତା ଜାହାଜରୁ ସଫଳତାର ସହ ସର୍ବବୃହତ ରେଫରର କଣ୍ଟେନର ଖଲାସ କରାଯାଇଛି। ଏହା ଆଉ ଏକ ସଫଳତା ବୋଲି କୁହାଯାଇଛି।

## ମୃତ ଦିବ୍ୟରଞ୍ଜନଙ୍କ ଠିକଣା ମିଳୁନି

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

### ପୁରୀ ବାଣ ବିସ୍ଫୋରଣ ଘଟଣା

ପୁରୀ ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଦିବ୍ୟରଞ୍ଜନ ସାହୁଙ୍କ ଶନିବାର ମୃତ୍ୟୁ ଘଟିଥିଲା। ହେଲେ ସେ ମେଡିକାଲରେ ଭର୍ତ୍ତି ହେବା ଦିନଠାରୁ ତାଙ୍କର କେହି ସମ୍ପର୍କୀୟ ଏଠାକୁ ଆସିନାହାନ୍ତି। ଏପରିକି ଦିବ୍ୟରଞ୍ଜନ ନିଜ ନାମ ଡାକ୍ତରଙ୍କୁ କହିଥିବାବେଳେ ଠିକଣା କହିପାରିନାହାନ୍ତି। ଏଭଳି ସ୍ଥିତିରେ ଦିବ୍ୟରଞ୍ଜନଙ୍କ ମୃତଦେହ ମେଡିକାଲରେ ରଖାଯାଇ ତାଙ୍କ ସମ୍ପର୍କୀୟଙ୍କୁ ଅପେକ୍ଷା କରାଯାଇଛି। ଏଥିସହ କଟକ ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟରଞ୍ଜନଙ୍କ ଠିକଣା ଜାଣିବା ପାଇଁ ଗଣମାଧ୍ୟମରେ ଖବର ପ୍ରକାଶ କରିବା ନେଇ ଅନୁରୋଧ କରାଯାଇଛି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଦିବ୍ୟରଞ୍ଜନଙ୍କ ମୃତଦେହ ମେଡିକାଲରେ ରଖାଯାଇଛି। ତାଙ୍କ ପରିବାର ଲୋକେ ଆସିବା ପାଇଁ ଅପେକ୍ଷା କରାଯାଇଛି। ସେମାନେ ଆସି ଠିକ୍ ପରିଚୟ ଦେଲେ ମୃତଦେହ ବ୍ୟବଚ୍ଛେଦ କରାଯିବ।

## 'ଅଗ୍ନିବୀରମାନେ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତୁ'

### ଆଇଏନ୍‌ଏସ୍ ଚିଲିକା ପରିଦର୍ଶନ କଲେ ଜେନେରାଲ ଅନିଲ ଚୌହାନ

ବାଲୁଗାଁ,୨।୬(ସଂଗ୍ରାମ ପାଇକରାୟ)



ଜେନେରାଲ ଅନିଲ ଚୌହାନ

ଭାରତର ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଅନିଲ ଚୌହାନ ଶନିବାର ଅଗ୍ନିବୀରଙ୍କ ନିମନ୍ତେ ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ର ତଥା ଆଇଏନ୍‌ଏସ୍ ଚିଲିକା ପରିଦର୍ଶନ କରିଛନ୍ତି। ଏହି ଅବସରରେ ଚୌହାନଙ୍କୁ ପ୍ରଶିକ୍ଷଣ କେନ୍ଦ୍ର ଆଇଏନଏସ୍ ଚିଲିକା ବିଷୟରେ ଅବଗତ କରାଯାଇଥିଲା। ଏଥିସହ ନୂତନ କରି ପ୍ରଶିକ୍ଷଣ ପ୍ରାପ୍ତ କରୁଥିବା ଅଗ୍ନିବୀରଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିବରଣୀ ପ୍ରଦାନ କରାଯାଇଛି। ସଶକ୍ତ ଭାରତ ବର୍ଷ ନିର୍ମାଣ ପରିପ୍ରେକ୍ଷୀରେ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ ସହ ଦେଶ ସୁରକ୍ଷା କ୍ଷେତ୍ରରେ ନିୟୋଜିତ ହେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ ହୋଇଛି। ସଶସ୍ତ୍ର ବାହିନୀରେ ସାମିଲ ହୋଇ ଦେଶ ସେବା ନିମନ୍ତେ ଇଚ୍ଛୁକ ଯୁବପିଢ଼ିଙ୍କୁ ଏହା ଏକପ୍ରକାର ପ୍ରୋତ୍ସାହନ ଏବଂ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଜେନେରାଲ ମୁଖ୍ୟ ଚୌହାନ ପରିଦର୍ଶନ ସମୟରେ ପ୍ରଶିକ୍ଷଣ ଲାଭ କରୁଥିବା ଅଗ୍ନିବୀରଙ୍କ ସହ ସାକ୍ଷାତ କରି କଥୋପକଥନ କରିଥିଲେ। ସେ ଉଦ୍‌ବୋଧନ ଦେଇ କହିଥିଲେ, ଅଗ୍ନିବୀର ଯୋଜନାର କାର୍ଯ୍ୟକାରିତା ହେତୁ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଜଣେ ଜଣେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବୋଧତା ଏବଂ ସଚ୍ଚୋଟ ନାଗରିକଭାବେ ଦେଶ ସୁରକ୍ଷାରେ ସାମିଲ ହେବା ସହ ପ୍ରତିରକ୍ଷା କ୍ଷେତ୍ରରେ ସୁଧାର ଆସିବ। ଅଗ୍ନିବୀରମାନେ ପ୍ରଶିକ୍ଷଣକୁ ଗୁରୁତ୍ୱ ଦେଲେ ବୈଷୟିକ କ୍ଷେତ୍ରରେ ଦକ୍ଷ ସାମୁଦ୍ରିକ ଯୋଦ୍ଧା ହୋଇପାରିବେ ବୋଲି ଚୌହାନ କହିଥିଲେ। ଏହି ଅବସରରେ ସେ ଅଗ୍ନିବୀରଙ୍କୁ ସେମାନଙ୍କର ପ୍ରଶିକ୍ଷଣ ସମୟ ମଧ୍ୟରେ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଅଗ୍ନିବୀରଙ୍କ ପ୍ରଶିକ୍ଷଣ ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ଆଇଏନ୍‌ଏସ୍ ଚିଲିକାର ବିଭିନ୍ନ ଭିତ୍ତିଭୂମି ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ଶେଷରେ ଅଗ୍ନିବୀରଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ଦେଇ ଏକ କୁଶଳ ସାମୁଦ୍ରିକ ଯୋଦ୍ଧାଭାବେ ଗଢ଼ିବାରେ ମୁଖ୍ୟ ଭୂମିକା ବହନ କରୁଥିବା ଆଇଏନ୍‌ଏସ୍ ଚିଲିକାକୁ ଚୌହାନ ପ୍ରଶଂସା କରିଥିଲେ।

## ଶୈଳବାଳାରେ ଏମ୍‌ବିଏ ପାଠ୍ୟକ୍ରମକୁ ଅନୁମୋଦନ

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମାଷ୍ଟର ଅଫ୍ ବିଜନେସ୍ ଆଡମିନିଷ୍ଟ୍ରେଶନ (ଏମ୍‌ବିଏ) ପାଠ୍ୟକ୍ରମକୁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦନ ମିଳିଛି। ୨୦୨୩-୨୪ ଶିକ୍ଷାବର୍ଷରେ ନାମଲେଖା ହୋଇଥିବାବେଳେ ପରିଷଦର ଅନୁମୋଦନ ନ ଥିଲା। ଏହି ମାନ୍ୟତା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଇଥିଲା। ୯୬ଟି ସିଟ୍‌ବିଶିଷ୍ଟ ଏହି ପାଠ୍ୟକ୍ରମ ପାଇଁ ଚଳିତ ଶିକ୍ଷାବର୍ଷଠାରୁ ଅନୁମୋଦନ ପ୍ରଦାନ କରାଯାଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ କହିଛନ୍ତି, ଏହି ପାଠ୍ୟକ୍ରମ ପାଇଁ ଅନୁମୋଦନ ମିଳିବା ଦ୍ୱାରା ମହାବିଦ୍ୟାଳୟ ଗୁଣବତ୍ତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ।

## କାଉଣ୍ଟିଂ ସେଣ୍ଟରରେ ୯୫ କମ୍ପାନୀ ସିଏପିଏଫ୍ ମୁତୟନ ରହିବେ: ସିଇଓ


ଭୁବନେଶ୍ୱର, ୨।୬(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ଲାଗି ଦେଶରେ ୭ଟି ଏବଂ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ୨୧ ଲୋକ ସଭା ଓ ୧୪୭ ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ ଗତ ୧ ତାରିଖ ସୁଦ୍ଧା ଶେଷ ହୋଇସାରିଛି। ଆସନ୍ତା ୪ ତାରିଖ ଅର୍ଥାତ୍ ଆଉ ଦିନକ ପରେ ଏହିସବୁ ଆସନ ଲାଗି ଭୋଟ୍ ଗଣତି କରାଯିବ। ଏବେ ସବୁ ଇଭିଏମ୍ ମେଶିନ ଷ୍ଟ୍ରଙ୍ଗ ରୁମ୍‌ରେ କଡ଼ା ସୁରକ୍ଷା ଭିତରେ ରଖାଯାଇଛି। ହେଲେ ଇଭିଏମ୍ ମେଶିନର ସୁରକ୍ଷା ଏବଂ ଗତ ନିର୍ବାଚନୀ ସମୟର ହିଂସାତ୍ମକ ଘଟଣାକୁ ଦେଖିବା ପରେ ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯିବା ନେଇ ସୂଚନା ଦିଆଯାଇଛି। ରବିବାର ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ କୁମାର ଧଳ କହିଛନ୍ତି ଯେ, ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ସୁରକ୍ଷା ପାଇଁ ଏଥର ଓଡ଼ିଶାରେ ରେକର୍ଡ ସଂଖ୍ୟକ ସିଏପିଏଫ୍ କମ୍ପାନୀ(୧୮୫) ମୁତୟନ ହୋଇଥିଲେ। ରାଜ୍ୟରେ ଚାରି ପର୍ଯ୍ୟାୟ ମତଦାନ ହୋଇସାରିବା ପରେ ଏହା ମଧ୍ୟରୁ କେବଳ ୨୫ କମ୍ପାନୀ ସିଏପିଏଫ୍ ଇଭିଏମ୍ ଷ୍ଟ୍ରଙ୍ଗରୁମ୍, କାଉଣ୍ଟିଂ ସେଣ୍ଟରରେ ମୁତୟନ ହୋଇ ରହିବା ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏବେ ଓଡ଼ିଶାରେ ନିର୍ବାଚନ ପରବର୍ତ୍ତୀ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଏବଂ ପ୍ରତ୍ୟେକ କାଉଣ୍ଟିଂ ସେଣ୍ଟରର ସୁରକ୍ଷା ପାଇଁ ଆହୁରି ୭୦ କମ୍ପାନୀ ସିଏପିଏଫ୍ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ମୁତୟନ ରହିବେ ବୋଲି ସେ ସୂଚନା ଦେଇଛନ୍ତି।

STATE INSTITUTE OF HOTEL MANAGEMENT
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)
SIHM
SPOT ADMISSION
NCHMCT
FOR HOTEL MANAGEMENT COURSES
FOR 10+2 PASSOUT CANDIDATES WITH ENGLISH ONE OF THE SUBJECTS (MINIMUM 50% MARKS)
DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN
Age: No age limit
Duration - 03 Years & For Honors - 04 Years
FOR 10+2 PASSOUT CANDIDATES
DIPLOMA IN HOTEL MANAGEMENT
Trade: 1. Food Production (only vegetarian option available)
2. Housekeeping Operation 3. Food & Beverage Service
4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months
FOR CLASS 10 PASSOUT CANDIDATES
CERTIFICATE COURSE IN FOOD PRODUCTION/VEGETARIAN
Age: No age limit
Duration - 1 Year & 6 Months
&
CERTIFICATE COURSE IN FOOD & BEVERAGE SERVICE
Age: No age limit
Duration - 6 Months
FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031, 9348849484

# ଅଂଶୁଘାତର ବିପଦ

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମଣିଷଜାତି ପାଇଁ ଏହା ବଡ଼ ବିପଦ ଭାବେ ଉଭା ହେଲାଣି। ଅନ୍ୟପଟେ ଜଳବାୟୁ ପରିବର୍ତ୍ତନ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସକାଶେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ପ୍ରତିବାଦର ଏକ ନୂଆ ଢଙ୍ଗ ଆରମ୍ଭ ହୋଇଛି; ଯେଉଁଥିରେ ମୋଟର ଗାଡ଼ି ଚଳାଚଳକୁ ରୋକିବା, ଉଡ଼ାଜାହାଜ ପଡ଼ିଆରେ ଏହାର ବିମାନ ଉଡ୍ଡାଣ ଉପରେ ଅଭିନବ ପ୍ରତିବାଦ, ଅତ୍ୟନ୍ତ ମୂଲ୍ୟବାନ ପେଣ୍ଟିଂ ଓ ପ୍ରତିମୂର୍ତ୍ତିକୁ ଅନେକେ ନଷ୍ଟ କରୁଛନ୍ତି। ତାହା ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ବିରକ୍ତିଭାବ ଦେଖାଦେଉଛି ପଛେ କୌଣସି ପରିବର୍ତ୍ତନ ଘଟୁନାହିଁ। ଏଭଳି ବିଷୟରେ ପ୍ରତିବାଦକାରୀମାନେ ସଚେତନ ରହିବା ଦରକାର। ସାଧାରଣ ନାଗରିକଙ୍କ ଜୀବନଯାପନରେ ବାଧା ସୃଷ୍ଟିକଲେ ସେଥିରୁ ନକାରାତ୍ମକ ସ୍ଥିତି ଗଢ଼ିଉଠେ। ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ଦେଖି ଉପରୋକ୍ତ ପଦକ୍ଷେପ ନିଆଯାଉଛି। କିନ୍ତୁ ପ୍ରତିବାଦର ତରିକା କଠିନ ହୋଇଯାଉଛି। ବାସ୍ତବରେ ଦେଖିଲେ ଯେଉଁଭଳି ଭାବେ ଜଳବାୟୁ ପରିବର୍ତ୍ତନ ଘଟିଚାଲିଛି, ତାହା ଦ୍ୱାରା ପ୍ରତ୍ୟେକ ମଣିଷ ଓ ପ୍ରାଣୀଜଗତ ଘୋର ପ୍ରଭାବିତ ହେଉଛନ୍ତି। ଓଡ଼ିଶାରେ ଗତ କିଛି ଦିନ ହେବ ତାପମାତ୍ରା ବୃଦ୍ଧି ପାଇବା ସହ ଯେଉଁଭଳି ଭାବେ ଗୁଳୁଗୁଳି ଅନୁଭୂତ ହେଉଛି, ତାହା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ନିର୍ବାଚନ ଚାଲିଥିବା ବେଳେ ଅସହ୍ୟ ଗୁଳୁଗୁଳି ସହି ନ ପାରି ଡ୍ୟୁଟିରେ ଥିବା କେତେ ଜଣ କର୍ମଚାରୀଙ୍କ ସହ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସୂଚନା ଅନୁସାରେ ଏ ଯାଏଁ ରାଜ୍ୟରେ ୧୪୧ ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୨୬ ଜଣଙ୍କ ପ୍ରାଣହାନି ଅଂଶୁଘାତରୁ ହୋଇଥିବା ସ୍ଥାନୀୟ ଜିଲାପାଳମାନେ ସ୍ପଷ୍ଟ କରିଛନ୍ତି। ଏଭଳି ସ୍ଥଳେ ଦେଖିଲେ ଓଡ଼ିଶାର ରାଉରକେଲା ସତେଯେମିତି ଏକ ଜନ୍ତା ଚୁଲି ପାଲଟିଗଲାଣି। ସମଗ୍ର ବିଶ୍ୱର ମାନଚିତ୍ରକୁ ଦୃଷ୍ଟି ପକାଇଲେ ମନେ ହେଉଛି ଯେପରି ଓଡ଼ିଶା ଓ ତା'ର ଆଖପାଖ ଅଞ୍ଚଳରେ ଦିନକୁ ଦିନ ସବୁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଆଜିର ମଣିଷ ଓଡ଼ିଶାକୁ ଏକ ମାନଚିତ୍ରରେ ଦେଖିଲେ ତାହା ପ୍ରଶାସନିକ ସୀମା ଭିତରେ ସୀମିତ ବୋଲି ଚିନ୍ତା କରୁଥାଇପାରେ। କିନ୍ତୁ ଗତ ମାସର ତାପମାତ୍ରା ଦେଖିଲେ ବିଶ୍ୱର ସର୍ବାଧିକ ଉତ୍ତପ୍ତ ୧୦ଟି ସହର ମଧ୍ୟରୁ ୫ଟି ଭାରତର ଥିଲା। ସେଗୁଡ଼ିକ ହେଲା ଝାଡ଼ଖଣ୍ଡର ଜାମସେଦପୁର, ପଶ୍ଚିମବଙ୍ଗର ମିଦିନାପୁର, ଓଡ଼ିଶାର ବାରିପଦା, ବାଲେଶ୍ୱର ଓ ଭୁବନେଶ୍ୱର। ତେବେ ସର୍ବାଧିକ ତାପମାତ୍ରାରେ ଯଥାକ୍ରମେ ବାରିପଦା, ବାଲେଶ୍ୱର, ଜାମସେଦପୁର, ମିଦିନାପୁର ଓ ଭୁବନେଶ୍ୱର ରହିଥିଲେ। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଏସବୁ ପୂର୍ବାଞ୍ଚଳ ବିଶେଷକରି ଓଡ଼ିଶା ଓ ତା' ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଥିଲା। ଏହା ସୂଚାଉଛି ଯେ, ମଣିଷ ଜାତି ପାଇଁ ପ୍ରାକୃତିକ ବିପଦ ମୁଣ୍ଡ ଉପରେ ଆସି ବସିପଡ଼ିଲାଣି। ଏହା ଭବିଷ୍ୟବାଣୀ ନୁହେଁ। ରାଉରକେଲା ଦର୍ଶାଉଛି ଏହି ମୁହୂର୍ତ୍ତଠାରୁ ସଚେତନତାମୂଳକ କାର୍ଯ୍ୟକ୍ରମ କଲେ ହୁଏତ ସମସ୍ତେ ବଞ୍ଚିବା ସମ୍ଭବପର ହୋଇପାରନ୍ତା। କେବଳ ମନ୍ତ୍ରୀ କିମ୍ବା ଅମଲାତନ୍ତ୍ରୀ ରାଉରକେଲା ଯାଇ ମୃତକଙ୍କ ପରିବାରକୁ ଆଶ୍ୱାସନା ସହିତ କ୍ଷତିପୂରଣ ଦେଲେ ଏଭଳି ବିରାଟକାୟ ସମସ୍ୟାର ସମାଧାନ ହେବନାହିଁ।



**ମଣିଷ ଜାତି ପାଇଁ ପ୍ରାକୃତିକ ବିପଦ ମୁଣ୍ଡ ଉପରେ ଆସି ବସିପଡ଼ିଲାଣି। ଏହା ଭବିଷ୍ୟବାଣୀ ନୁହେଁ। ରାଉରକେଲା ଦର୍ଶାଉଛି ଏହି ମୁହୂର୍ତ୍ତଠାରୁ ସଚେତନତାମୂଳକ କାର୍ଯ୍ୟକ୍ରମ କଲେ ହୁଏତ ସମସ୍ତେ ବଞ୍ଚିବା ସମ୍ଭବପର ହୋଇପାରନ୍ତା। କେବଳ ମନ୍ତ୍ରୀ କିମ୍ବା ଅମଲାତନ୍ତ୍ରୀ ରାଉରକେଲା ଯାଇ ମୃତକଙ୍କ ପରିବାରକୁ ଆଶ୍ୱାସନା ସହିତ କ୍ଷତିପୂରଣ ଦେଲେ ଏଭଳି ବିରାଟକାୟ ସମସ୍ୟାର ସମାଧାନ ହେବନାହିଁ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 1 | | |
| | 6 | 3 | 9 | | | 7 | | 4 |
| | 5 | | | | 2 | | | |
| | | | | | | 3 | | 5 |
| | 9 | 2 | 3 | | | | | |
| | | 5 | | 9 | 8 | | | |
| 6 | | | | 8 | | | | |
| | | | 1 | | | | | 9 |
| 4 | 1 | | | | 7 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 2 | 1 | 8 | 9 | 6 | 7 |
| 2 | 6 | 7 | 9 | 5 | 3 | 4 | 8 | 1 |
| 1 | 8 | 9 | 4 | 6 | 7 | 2 | 3 | 5 |
| 9 | 1 | 3 | 5 | 4 | 6 | 8 | 7 | 2 |
| 8 | 2 | 6 | 3 | 7 | 1 | 5 | 4 | 9 |
| 7 | 5 | 4 | 8 | 9 | 2 | 3 | 1 | 6 |
| 3 | 9 | 1 | 7 | 8 | 5 | 6 | 2 | 4 |
| 5 | 7 | 8 | 6 | 2 | 4 | 1 | 9 | 3 |
| 6 | 4 | 2 | 1 | 3 | 9 | 7 | 5 | 8 |

ଗତକାଲିର ଉତ୍ତର

# ସୂର୍ଯ୍ୟ ତିଳକ ଓ ପୁରାତନ ମନ୍ଦିର



ପ୍ର.ରମେଶ ଚନ୍ଦ୍ର ପରିଡ଼ା

ବିଗତ ରାମନବମୀ ଦିନ(୧୭ ଏପ୍ରିଲ ୨୦୨୪) ଅଯୋଧ୍ୟାଠାରେ ନବନିର୍ମିତ ରାମମନ୍ଦିରରେ ସ୍ଥାପିତ ରାମଲାଲାଙ୍କ ବିଗ୍ରହର କପାଳରେ ଖଚିତ ତିଳକ ଉପରେ ଉଦିତ ସୂର୍ଯ୍ୟର ପ୍ରଥମ କିରଣକୁ ପତିତ ହେବାକୁ ଦିଆଯାଇଥିଲା। ଏଥିପାଇଁ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକସ୍'ର ବୈଜ୍ଞାନିକମାନେ ବିଭିନ୍ନ ଆକୃତିର ୪ଟି ଦର୍ପଣ ଏବଂ ୨ଟି ଯବକାଚକୁ ଏପରି ଅବସ୍ଥାପିତ କରିଥିଲେ ଯେ ତହିଁରେ ଆଲୋକର ପ୍ରତିଫଳନ ଏବଂ ପ୍ରତିସରଣ ଘଟି ତାହା ସେଠାରେ ୬ ମିନିଟ୍ ଧରି ଏ ପ୍ରକ୍ରିୟା ସାଧନ କରିଥିଲା। ପ୍ରତିବର୍ଷ ଏହି ଉପଲକ୍ଷେ ଏହାର ପୁନରାବୃତ୍ତି କରାଯିବ ବୋଲି କୁହାଯାଉଛି। ଅବଶ୍ୟ କେତେକ ଏହାକୁ ସ୍କୁଲପିଲାଙ୍କ ବିଜ୍ଞାନ ପ୍ରୋଜେକ୍ଟ ସହିତ ତୁଳନା କରି ସରଳ ଓ ଗୁରୁତ୍ୱହୀନ ବୋଲି ଅଭିହିତ କରିଛନ୍ତି। ତେବେ ସାମଗ୍ରିକ ଭାବେ ଜନସାଧାରଣ ଏହାକୁ ଗ୍ରହଣ କରିଛନ୍ତି ଏକ ଐତିହାସିକ ଘଟଣାରୂପେ। ସେମାନଙ୍କ ମାନସରେ ଏହା ପୁନର୍ଜୀବିତ କରିଛି ପୁରାତନ ହିନ୍ଦୁ ମନ୍ଦିର ନିର୍ମାଣରେ କିପରି ଧର୍ମ ଓ ବିଜ୍ଞାନ ପରସ୍ପର ସହିତ ଜଡ଼ିତ ହୋଇଥିଲେ।

ବୈଜ୍ଞାନିକମାନେ ସ୍ୱୀକାର କରନ୍ତି ଯେ, ସେ ସବୁ ଥିଲା 'ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଦର୍ପଣ' ଏବଂ ତାହାର ନିର୍ମାଣରେ ବ୍ୟବହୃତ ହୋଇଥିଲା। ଏପରି କି ଏବେ ମଧ୍ୟ ଉଚ୍ଚକୋଟୀର ଏବଂ ବିକଶିତ ବୋଲି ମନେ କରାଯାଉଥିବା କାରିଗରି କୌଶଳ, ଜ୍ୟୋତିର୍ବିଜ୍ଞାନ ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟା। 'ସ୍ଥାପତ୍ୟ ବେଦ' (ଭାରତୀୟ ପାରମ୍ପରିକ ସ୍ଥାପତ୍ୟବିଦ୍ୟା)ରେ ମଧ୍ୟ ଏହା ସୂଚିତ କରାଯାଇଛି। ଅତଏବ ଆମ ଦେଶର ଛୋଟବଡ଼ ଅନେକ ମନ୍ଦିରରେ ଏଭଳି ଘଟଣା ନିୟମିତ ଘଟୁଛି ସ୍ୱତଃସ୍ଫୂର୍ତ୍ତଭାବେ। ସେଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନିୟମିତ ପତିତ ହେଉଛି ଉଦିତ ସୂର୍ଯ୍ୟର କିରଣ।

ଏହା ମଧ୍ୟରୁ ଆମ ରାଜ୍ୟର ସୁପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିରକୁ ପ୍ରଥମ ବୋଲି ଧରାଯାଏ। କଥିତ ଅଛି ଯେ, ୧୩ଶ ଶତାବ୍ଦୀରେ ନିର୍ମିତ ଏହି ଐତିହାସିକ ସ୍ମାରକୀଟିର ପ୍ରତ୍ୟେକ ଏକାନ୍ତରିକ ଶିଳାଖଣ୍ଡ ମଧ୍ୟରେ ଖଞ୍ଜା ଯାଇଥିଲା ଖଣ୍ଡିଏ ଲେଖାଏ ଲୌହ ଫଳକ ଏବଂ ଚୂଡ଼ାଦେଶରେ ଏକ ବିଶାଳ ଚୁମ୍ବକ। ତାହାର ନିମ୍ନଭାଗ ତଥା ଚତୁଃପାର୍ଶ୍ୱରେ ମଧ୍ୟ ଚୁମ୍ବକମାନ ଖଞ୍ଜା ଯାଇଥିଲା। ଏଗୁଡ଼ିକ ଆସ୍ଥାନ ଉପରେ ସୂର୍ଯ୍ୟଦେବତାଙ୍କ ବିଗ୍ରହକୁ ବାୟୁରେ ଭାସମାନ ଅବସ୍ଥାରେ ଏପରି ଅବସ୍ଥିତିରେ ରଖୁଥିଲା ଯେ ତାଙ୍କ ମୁକୁଟରେ ଖଚିତ ହୀରାଖଣ୍ଡରେ ପତିତ ହେଉଥିଲା ଉଦିତ ସୂର୍ଯ୍ୟର ପ୍ରଥମ ରଶ୍ମି। କଥିତ ଅଛି ଯେ ମନ୍ଦିର ଚୂଡ଼ାରେ ସ୍ଥାପିତ ଶକ୍ତିଶାଳୀ ଚୁମ୍ବକ ବଙ୍ଗୋପସାଗର ଦେଇ ଯାତାୟାତ କରୁଥିବା ଜାହାଜମାନଙ୍କର କମ୍ପାସ ବା ଦିଗବାରେଣୀ ଯନ୍ତ୍ରକୁ ପ୍ରଭାବିତ କରୁଥିଲା। ସେଥିପାଇଁ ପର୍ତ୍ତୁଗୀଜ ବଣିକମାନେ ତାହାକୁ ଭାଙ୍ଗି ନେଇ ଯାଇଥିଲେ। ଫଳରେ ମନ୍ଦିରଟି ଭୁଶୁଡ଼ି ପଡ଼ିଲା।

କୋଣାର୍କ ମନ୍ଦିର ଏକ ରଥ ଆକୃତିରେ ନିର୍ମିତ ହୋଇଥିଲା। ଏଥିରେ ଲାଗିଥିଲେ ପ୍ରସ୍ତର ଖୋଦିତ ଅଶ୍ୱ ଏବଂ ୧୨ ହଳ ଚକ। ମନେହେଉଥିଲା ସତେଯେପରି



ତାହା ଆଗକୁ ଗତି କରୁଛି। ଏହି ଚକଗୁଡ଼ିକ ସମ୍ପର୍କରେ କିମ୍ବଦନ୍ତୀମାନ ରହିଛି। ତନ୍ମଧ୍ୟରୁ ଗୋଟିକ ଅନୁସାରେ ୧୨ ହଳ ଚକ ବର୍ଷକର ୧୨ ମାସର ପ୍ରତିନିଧିତ୍ୱ କଲାବେଳେ ପ୍ରତ୍ୟେକ ୨୪ଟି ଚକ ଦିନକର ୨୪ ଘଣ୍ଟାକୁ ସୂଚିତ କରୁଥିଲେ। ସେହିପରି ପ୍ରତିଚକରେ ଥିବା ୮ଟି କରି ବଡ଼ ବଡ଼ ଅଖ ଥିଲେ ଗୋଟିଏ ଗୋଟିଏ 'ପ୍ରହର'। ଆମ ପାରମ୍ପରିକ ଗଣନାନୁସାରେ ତହିଁରୁ ଗୋଟିଏ ହେଲା ୩ ଘଣ୍ଟା। ଏହାବ୍ୟତୀତ ଏହାର ମୁଖଶାଳାରେ ଥିଲା ହାତୀ ଏବଂ ସିଂହମାନଙ୍କ ମୂର୍ତ୍ତି। ଏ ସମସ୍ତ ଜୀବମାନଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ଅନୁପାତ ଥିଲା ସେହି ପ୍ରକୃତ ସଜୀବ ପ୍ରାଣୀମାନଙ୍କ ସହିତ ସମାନ।

ଆମ ଦେଶରେ ଏପ୍ରକାର ଅନ୍ୟ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମଟି ରହିଛି ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ୍ ନିକଟସ୍ଥ ଆରାବଲୀଠାରେ। ଏହି ସୂର୍ଯ୍ୟମନ୍ଦିରରେ ଗ୍ରୀଷ୍ମ ବା ଉତ୍ତର ଅୟନାନ୍ତ ଦିବସ (୨୧ ଜୁନ୍) ଏବଂ ଶୀତ ବା ଦକ୍ଷିଣ ଅୟନାନ୍ତ ଦିବସ (୨୨ ଡିସେମ୍ବର)ରେ ଉଦିତ ସୂର୍ଯ୍ୟରଶ୍ମି ବିଗ୍ରହର ପାଦଦେଶରେ ପତିତ ହୁଏ (ଏହି ଦୁଇ ଦିନରେ ସୂର୍ଯ୍ୟ ବିଷୁବ ରେଖାର ଉତ୍ତର ଏବଂ ଦକ୍ଷିଣରେ ଦୂରତମ ବିନ୍ଦୁରେ ଅବସ୍ଥାନ କରେ)। ପଦ୍ମପୁରାଣ ଅନୁସାରେ କଶ୍ୟପ ମୁନୀ ଆରାବଲୀଠାରେ ସୂର୍ଯ୍ୟଙ୍କର ପ୍ରତିମାଟିଏ ପ୍ରତିଷ୍ଠା କରିଥିଲେ। ତେବେ ତତ୍ପରେ ୭ମ ଶତାବ୍ଦୀରେ ପୂର୍ବ ଦିଗର କଳିଙ୍ଗ ରାଜାମାନେ ଏଠାରେ ମନ୍ଦିରଟି ନିର୍ମାଣ କଲେ। ସେହିପରି ଗୁଜରାଟର ମେହସାନା ଜିଲାର ମୋଧେରାଠାରେ ମଧ୍ୟ ସୂର୍ଯ୍ୟ ମନ୍ଦିରଟିଏ ଥିଲା। ସୋଲାଙ୍କି ବଂଶର ରାଜା ଭୀମଦେବ–୧ ଏହାକୁ ୧୧ଶ ଶତାବ୍ଦୀରେ ନିର୍ମାଣ କରିଥିଲେ। ଏଥିରେ ନିୟୋଜିତ ହୋଇଥିଲା ନିର୍ଭୁଲ ଜ୍ୟୋତିର୍ବିଜ୍ଞାନ। ଏଣୁ ସମଦିବାରାତ୍ରି ବା କ୍ରାନ୍ତିପାତ କାଳରେ ପ୍ରଥମ ସୌରରଶ୍ମି ଏହାକୁ ଆଲୋକିତ କରୁଥିଲା ଏବଂ ଏଥିରେ ସ୍ଥାପିତ ସୂର୍ଯ୍ୟଦେବତାଙ୍କ ବିଗ୍ରହ ଉପରେ ପତିତ ହେଉଥିଲା (ସମଦିବାରାତ୍ରି ବର୍ଷକୁ ଦୁଇଥର ହୋଇଥାଏ– ଶାରଦୀୟ କ୍ରାନ୍ତିପାତ, ସେପ୍ଟେମ୍ବର ୨୨ ପାଖାପାଖି ଏବଂ ବାସନ୍ତୀ କ୍ରାନ୍ତିପାତ, ମାର୍ଚ୍ଚ ୨୨ ପାଖାପାଖି)। ଏ ମନ୍ଦିରଟିକୁ ଧ୍ୱଂସ କରିଦେଇଥିଲା ଆଲ୍ଲାଉଦ୍ଦିନ ଖିଲିଜି।

ଆନ୍ଧ୍ରପ୍ରଦେଶର ତିରୁପତି ନିକଟସ୍ଥ ବଡ଼ନାରାୟଣ ସ୍ୱାମୀ ମନ୍ଦିରରେ ପୂଜା ପାଆନ୍ତି ମତ୍ସ୍ୟ ଅବତାର ଧାରଣ କରିଥିବା ଦେବତା ବିଷ୍ଣୁ। ଫାଲ୍‌ଗୁନ ମାସର ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ଦିବସରେ ଏହି ପିତୁଳାଙ୍କ ଭିନ୍ନ ଭିନ୍ନ ଅଙ୍ଗରେ ପତିତ ହୋଇଥାଏ ଉଦିତ ସୂର୍ଯ୍ୟକିରଣ। ପ୍ରଥମ ଦିନରେ ଏହା ତାଙ୍କ ପାଦରେ ପଡିଲା ବେଳେ ଦ୍ୱିତୀୟ ଦିନରେ ବକ୍ଷ ଉପରେ ଏବଂ ତୃତୀୟ ଦିନ କପାଳରେ ପଡେ। ପ୍ରତିବର୍ଷ ଏପରି ଘଟେ।

ପବିତ୍ର ଗୁମ୍ଫାମାନ ନିର୍ମାଣ ପାଇଁ ମଧ୍ୟ ଜ୍ୟୋତିର୍ବିଜ୍ଞାନର ଏତାଦୃଶ ବ୍ୟବହାର କରାଯାଉଥିଲା। ଅତଏବ ତନ୍ମଧରେ ସୂର୍ଯ୍ୟ କିରଣ କ୍ରୀଡା କରୁଥିଲା ନାନାଦି ଚିତ୍ତାକର୍ଷକ ରୂପେ। ଉଦାହରଣ ସ୍ୱରୂପ ଗୁପ୍ତ ବଂଶର ଶାସନକାଳରେ, ତୃତୀୟରୁ ପଞ୍ଚମ ଶତାବ୍ଦୀ ମଧ୍ୟରେ ମଧ୍ୟପ୍ରଦେଶର ବିଦିଶ ଜିଲାରେ ନିର୍ମିତ ଉଦୟଗିରି ଗୁମ୍ଫାର ବୈଜ୍ଞାନିକ ଅଧ୍ୟୟନରୁ ଏକଥା ଜଣାପଡିଛି। ଐତିହାସିକ ତଥା ସ୍ଥପତି ଡକ୍ଟର ମୀରା ଈଶ୍ୱର ଦାସ ଏବଂ କାନପୁରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକ ସ୍ୱର୍ଗତ ଆର୍. ବାଲ୍ ସୁବ୍ରମନିୟମ୍ ଏହା ଉପରେ ଗଭୀର ଅନୁଧ୍ୟାନ କରିଛନ୍ତି।

ପରସ୍ପର ସହିତ ସଂଯୁକ୍ତ ଦୁଇଟି ପାହାଡ଼ର ସଙ୍ଗମସ୍ଥଳରେ ପ୍ରାୟତଃ ୨୩.୫ ଡିଗ୍ରୀ ଅକ୍ଷାଂଶସ୍ଥିତ କର୍କଟକ୍ରାନ୍ତି ଉପରେ ନିର୍ମିତ ଏବର ଗୁମ୍ଫାର ମନ୍ଦିରରେ ରହିଛି ଅନନ୍ତ ଶଯ୍ୟାରେ ଶୟନ କରିଥିବା ବିଷ୍ଣୁଙ୍କ ପ୍ରତିମା। ଏହା ପୂର୍ବ– ପଶ୍ଚିମ ହୋଇ ସ୍ଥାପିତ ହୋଇଥିଲା। ଗ୍ରୀଷ୍ମ ଅୟନାନ୍ତ ଦିବସର ଠିକ୍ ପୂର୍ବ ଏବଂ ପରେ ତାଙ୍କ ଉପରେ ପତିତ ହୁଏ ଉଦିତ ସୂର୍ଯ୍ୟଙ୍କ କିରଣ। ପୁନଶ୍ଚ ଏହାର ଦ୍ୱାର ଦେଶରେ ଥିଲା ଏକ ବିଶାଳ ଧାତବସ୍ତମ୍ଭ, ଯାହାର ଛାୟା ଲମ୍ବିଯାଉଥିଲା ବିଗ୍ରହଙ୍କ ପର୍ଯ୍ୟନ୍ତ। ଏବେ ଏହା ଦିଲ୍ଲୀସ୍ଥିତ କୁତବମିନାରଠାରେ ସ୍ଥାପନ କରାଯାଇଛି। ଏଥିରେ କଦାପି କଳଙ୍କି ଲାଗେ ନାହିଁ।

ଅତୀତରେ ହିନ୍ଦୁ ସଂସ୍କୃତି ବିସ୍ତାର ଲାଭ କରିଥିବା ଅନ୍ୟ କେତେକ ଦେଶରେ ମଧ୍ୟ ଏ ପ୍ରକାର ମନ୍ଦିରମାନ ରହିଛି। ଉଦାହରଣସ୍ୱରୂପ କାମ୍ବୋଡିଆସ୍ଥିତ ପୃଥିବୀର ସର୍ବବୃହତ୍ ହିନ୍ଦୁ ମନ୍ଦିର କଥା ବିଚାରକୁ ନିଆଯାଇପାରେ। 'ଆଙ୍ଗକୋର୍–ଭଟ୍ଟ' ନାମରେ ବିଦିତ ଏବର ମନ୍ଦିରଟି ଏକ ମାନ ମନ୍ଦିର ରୂପେ ମଧ୍ୟ କାର୍ଯ୍ୟ କରୁଥିଲା। ତହିଁରେ କ୍ରାନ୍ତିପାତ (ସମଦିବାରାତ୍ରି) ଏବଂ ଅୟନାନ୍ତ ଦିବସମାନଙ୍କରେ ଦକ୍ଷିଣ ଦ୍ୱାର ଦେଇ ଉଦିତ ସୂର୍ଯ୍ୟ ରଶ୍ମିକୁ ପ୍ରବେଶ କରିବାକୁ ଦିଆଯାଉଥିଲା। ପୁନଶ୍ଚ ବିଭିନ୍ନ ଋତୁରେ ସୂର୍ଯ୍ୟୋଦୟ ପର୍ଯ୍ୟବେକ୍ଷଣ କରିବାକୁ ଏଥିରେ ଅନେକଗୁଡିଏ ରେଖା ମଧ୍ୟ ଥିଲା। ଏହା ଏବେ ପ୍ରାୟତଃ ଧ୍ୱଂସପ୍ରାପ୍ତ।

ସେହିପରି ପାକିସ୍ତାନର ଅନ୍ତର୍ଭୁକ୍ତ ହୋଇଥିବା ମୁଲତାନଠାରେ ମଧ୍ୟ ଥିଲା ଏକ ଅନୁରୂପ ସୂର୍ଯ୍ୟ ମନ୍ଦିର। ସେତେବେଳେ ଏ ସ୍ଥାନକୁ ମୁଲାସ୍ଥାନ ବୋଲି କୁହାଯାଉଥିଲା। ଜନୈକ ଗ୍ରୀକ୍ ପରିବ୍ରାଜକଙ୍କ ସୂଚନା ଅନୁସାରେ ଏଥିରେ ମଧ୍ୟ ସୂର୍ଯ୍ୟବିଗ୍ରହ ଶୂନ୍ୟରେ ଝୁଲି ରହୁଥିଲା। ଏବେ ଏହା ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ।

ଏ ସମସ୍ତ କଥା ବିଚାରକୁ ନେଲେ ଆମ ଦେଶର ପ୍ରାଚୀନ ହିନ୍ଦୁ ସ୍ଥପତିମାନଙ୍କର ନିର୍ମାଣ ବିଦ୍ୟା ସଙ୍ଗେ ସଙ୍ଗେ ଜ୍ୟୋତିର୍ବିଜ୍ଞାନ ମଧ୍ୟକୁ କିପରି ଅନୁପ୍ରବେଶ ଥିଲା ତାହା ସହଜରେ ଅନୁମେୟ ହୋଇଥାଏ। ଏବେ ରାମ ନବମୀ ପାଳନ ଅବସରରେ ଅଯୋଧ୍ୟାରେ ରାମଲାଲାଙ୍କ କପାଳରେ 'ସୂର୍ଯ୍ୟତିଳକ' ଭିନ୍ନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ସୃଷ୍ଟି କରାଯାଇଥିଲେ ହେଁ ତାହା ଜନମାନସରେ ସେହି ଗୌରବମୟ ସ୍ମୃତିକୁ ପୁନଃ ଜାଗ୍ରତ କରିଛି।

–ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ: ୯୯୩୭୩୦୧୪୬୦

# ଶାନ୍ତି ପାଇଁ ଜଳ





ଡ. ପ୍ରମୋଦ କୁମାର ପଣ୍ଡା | ଡ. ଅର୍ଜମାଦତ୍ତ ଷଡ଼ଙ୍ଗୀ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱର

ଜଳ ବିନା ସୃଷ୍ଟି ଅସମ୍ଭବ। ସେଥିପାଇଁ ତ କୁହାଯାଏ ଜଳ ହିଁ ଜୀବନ। ବିଶ୍ୱସ୍ତର ହେଉ କିମ୍ବା ରାଷ୍ଟ୍ରସ୍ତର କିମ୍ବା ରାଜ୍ୟସ୍ତର ଅଥବା ଆଞ୍ଚଳିକସ୍ତର, ସବୁଠି ବାର୍ଷିକ ମୁଣ୍ଡ ପିଛା ଜଳ ଉପଲବ୍ଧତା ହ୍ରାସ ଏକ ବଡ଼ ଚିନ୍ତାର କାରଣ। ଜଳବାୟୁ ପରିବର୍ତ୍ତନ ଜନିତ ଅନିୟମିତ ବର୍ଷା, ସ୍ୱଳ୍ପକାଳୀନ ଅତିବୃଷ୍ଟି ଓ ଭୂତଳ ଜଳର କ୍ରମାଗତ ହ୍ରାସ ଆମ ଦେଶର ଜଳ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ସେଥିପାଇଁ ତ ଆମ ଦେଶର ବିଭିନ୍ନ ରାଜ୍ୟ ମଧ୍ୟରେ ଜଳ ବିବାଦ ଉଗ୍ରରୂପ ଧାରଣ କରୁଛି। ପଞ୍ଜାବ ଓ ହରିୟାଣା ମଧ୍ୟରେ ଜଳ ବିବାଦ ହେଉ କିମ୍ବା ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ଥିବା ଜଳ ବିବାଦ କିମ୍ବା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଜଳ ବିବାଦ କିମ୍ବା ଓଡ଼ିଶା– ଆନ୍ଧ୍ରପ୍ରଦେଶ ଜଳ ବିବାଦ ଦୀର୍ଘ ବର୍ଷ ହେବ ଅଦାଲତର କାଠଗଡ଼ାରେ ଭାଗ୍ୟ ନିର୍ଣ୍ଣୟ ପାଇଁ ପ୍ରତିଯୋଗିତା କରୁଛନ୍ତି। ଫଳ ସ୍ୱରୂପ ବିଭିନ୍ନ ରାଜ୍ୟର ଜନସାଧାରଣଙ୍କ ମନରେ ହିଂସା ଓ ଦ୍ୱେଷର ବାତାବରଣ ସୃଷ୍ଟି କରି ଶାନ୍ତି ଭଙ୍ଗ ମଧ୍ୟ କରୁଛି। ସେହିପରି ଅନ୍ତର୍ଜାତୀୟ ସ୍ତରରେ ଆମ ଦେଶର ବାଂଲାଦେଶ ସହିତ ଜଳ ବିବାଦ ଥିବା ବେଳେ ଭାରତ ଓ ପାକିସ୍ତାନ ଏବଂ ଭାରତ ଓ ଚାଇନା ମଧ୍ୟରେ ମଧ୍ୟ ଜଳ ବିବାଦ ଅନେକ ଦିନରୁ ଚାଲିଆସିଛି। ଏହି ଜଳ ବିବାଦ ଅନେକ ସମୟରେ ଦୁଇ ଦେଶରେ ବାସ କରୁଥିବା ଲୋକଙ୍କ ଜୀବନ ଶୈଳୀକୁ ପ୍ରଭାବିତ କରୁଛି ଏବଂ ଶାନ୍ତି ଭଙ୍ଗ କରି ହିଂସା ଓ ଦ୍ୱେଷର ବୀଜ ବପନ କରୁଛି। ଅମ୍ଳଜାନ ପରି ମଧ୍ୟ ଜଳ ଏକ ବିଶ୍ୱ ସମ୍ପଦ। ଏହା ସମଗ୍ର ଜୀବଜଗତ ପାଇଁ ଉଦ୍ଦିଷ୍ଟ। ବିଶ୍ୱସ୍ତରରେ ପାଖାପାଖି ୩୦୦ କୋଟି ଲୋକ ଅଛନ୍ତି, ଯେଉଁମାନେ ଅନ୍ୟ ଦେଶରୁ ଆସୁଥିବା ଜଳ ଉପରେ ନିର୍ଭର କରି ବଞ୍ଚନ୍ତି। କିନ୍ତୁ ଦୁଃଖର କଥା, କେବଳ ମାତ୍ର ୨୪ଟି ଦେଶ ମଧ୍ୟରେ ଜଳ ବଣ୍ଟନ ଚୁକ୍ତି ସାକ୍ଷରିତ। ପ୍ରାୟ ପାଖାପାଖି ୨୨୦ କୋଟି ଲୋକଙ୍କ ପାଖରେ ଶୁଦ୍ଧ ପାନୀୟ ଜଳ ଉପଲବ୍ଧ ନାହିଁ। ସେହିପରି ମୋଟ ୧୧.୫ କୋଟି ଲୋକ ଆଜି ବି ଭୂପୃଷ୍ଠରେ ଥିବା ଖୋଲା ଜଳାଶୟରୁ ପାଣି ନେଇ ପିଉଛନ୍ତି। ଆଇପିସିସି ୨୦୨୨ ତଥ୍ୟ ଅନୁସାରେ ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଲୋକ ବର୍ଷର କୌଣସି ନା କୌଣସି ସମୟରେ ଜଳ ସଙ୍କଟ ଅନୁଭବ କରୁଛନ୍ତି। ତେଣୁ ଆମ ସମସ୍ତଙ୍କୁ ଜଳ ସମ୍ପଦର ଉପଲବ୍ଧତା ବିଷୟରେ ସଚେତନ ହୋଇ କିପରି ତା'ର ଅପଚୟ ବନ୍ଦ ହେବ ଓ ଜଳ ସମ୍ପଦର ସଦୁପଯୋଗ ସବୁଦିନ ପାଇଁ ହୋଇପାରିବ, ସେ ବିଷୟରେ କାର୍ଯ୍ୟ କରିବାକୁ ପଡିବ। ଆମେ ଯଦି ଜଳ ଚକ୍ରର ସନ୍ତୁଳନ ବଜାୟ ରଖି ନ ପାରିବା, ଆମ ପରିସଂସ୍ଥା ଓ ସେଥିରେ ବାସ କରୁଥିବା ଜୀବଜଗତ ପ୍ରତି ବିପଦ ମାଡି ଆସିବାର ଯଥେଷ୍ଟ ସମ୍ଭାବନା ମଧ୍ୟ ଅଛି।

ସମଗ୍ର ବିଶ୍ୱରେ ଉପଲବ୍ଧ ଜଳ ସମ୍ପଦର ସିଂହ ଭାଗ ଅର୍ଥାତ୍ ଶତକଡା ୯୭.୩ ଭାଗ ଲବଣାକ୍ତ ଜଳ ଓ ମାତ୍ର ଶତକଡା ୨.୭ ଭାଗ ମଧୁର ଜଳ। ତେଣୁ ମଧୁର ଜଳର ମହତ୍ତ୍ୱ ସହଜରେ ଅନୁମେୟ। ଏହି ମଧୁର ଜଳକୁ ଆମେ ବର୍ଷା ମାଧ୍ୟମରେ ପାଉଥିବାରୁ, ବର୍ଷା ଜଳ ସଂରକ୍ଷଣ ଓ ତା'ର ସଦୁପଯୋଗ ଉପରେ ଅଧିକ ଧ୍ୟାନ ଦେବାକୁ ହେବ। ଭୂତଳ ଜଳ ହ୍ରାସ ମଧ୍ୟ ଆଉ ବଡ ଚିନ୍ତାର କାରଣ। ଆମର ଯୋଜନାକାରୀଙ୍କୁ ମଧ୍ୟ ବୁଝିବାକୁ ହେବ ଯେ ବର୍ଷା ଜଳକୁ ସଂରକ୍ଷିତ କରି ନ ରଖିଲେ ଭୂତଳ ଜଳ ଭରଣା ହୋଇପାରିବ ନାହିଁ। ଭୂତଳ ଜଳ ଭରଣା ଉତ୍ତୋଳନରୁ କମ୍ ହେଲେ ଭୂଜଳ ସରିଯିବାର ଭୟ ରହିଛି। କୌଣସି ସ୍ଥାନରେ ଭୂଜଳ ସରିଗଲେ, ସେଠାରେ ଥିବା ସବୁଦିନିଆ ବୃକ୍ଷ ମଣ୍ଡଳ ଉଭେଇ ଯିବାର ଭୟ ମଧ୍ୟ ରହିଛି। ତତ୍‌ସହିତ ଜଳ ଯୋଗାଣ ଖର୍ଚ୍ଚ ବୃଦ୍ଧିର ମଧ୍ୟ ସମ୍ଭାବନା ରହିଛି, ଯାହାଦ୍ୱାରା ଜନଜୀବନ ଗଭୀର ଭାବରେ ପ୍ରଭାବିତ ହେବ। ୧୯୫୧ ମସିହା ବେଳକୁ ଆମ ଦେଶର ବାର୍ଷିକ ମୁଣ୍ଡ ପିଛା ଜଳ ୫୧୭୭ ଘନମିଟର ଥିଲା ଏବଂ ଆମର ଜନସଂଖ୍ୟା ବୃଦ୍ଧି ଓ ଜଳ ସମ୍ପଦର କୁପରିଚାଳନା ଯୋଗୁ, ବାର୍ଷିକ ମୁଣ୍ଡ ପିଛା ଜଳ ଉପଲବ୍ଧତା କ୍ରମଶଃ ହ୍ରାସ ପାଇବାରେ ଲାଗିଲା। ୨୦୨୩ ମସିହା ବେଳକୁ ଆମର ବାର୍ଷିକ ମୁଣ୍ଡ ପିଛା ଜଳ ଉପଲବ୍ଧତା ହେଉଛି ମାତ୍ର ୧୪୫୦ ଘନ ମିଟର, ଯାହାକି ଆମର ଜଳକ୍ଲିଷ୍ଟ ଅବସ୍ଥାକୁ ସୂଚାଉଅଛି। ଓଡ଼ିଶାରେ ମଧ୍ୟ ୬ଟି ବ୍ଲକରେ ଯଥା ବାଲେଶ୍ୱର ଜିଲାର ବାଲିଆପାଳ, ଯାଜପୁର ଜିଲାର କୋରେଇ, କେନ୍ଦ୍ରାପଡ଼ା ଜିଲାର ଗରଦପୁର, ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଓ ବୋଲଗଡ଼ ଏବଂ ନୂଆପଡା ଜିଲାର ନୂଆପଡାରେ ଭୂତଳ ଜଳ ମାତ୍ରାଧିକ ଉତ୍ତୋଳନ ହେଉଛି ଓ ଆଗାମୀ ଦିନ ପାଇଁ ସତର୍କଘଣ୍ଟି ଦେଲାଣି। ତେଣୁ ଆମକୁ ଓ ସମାଜର ସବୁ ବର୍ଗର ଉପଭୋକ୍ତାଙ୍କୁ ଜଳର ସଦୁପଯୋଗ ବିଷୟରେ ଅବଗତ କରାଇବାକୁ ପଡ଼ିବ। ବିଶେଷକରି ଯୁବା ବର୍ଗ ଓ ପିଲାମାନଙ୍କୁ ଜଳ ସମ୍ପଦ ସଙ୍କଟଜନିତ ଭୟାବହତା ବିଷୟରେ ସଚେତନ କରିବାକୁ ହେବ। କୃଷି କ୍ଷେତ୍ର ଯେହେତୁ ଶତକଡା ୭୦ ଭାଗରୁ ଅଧିକ ଜଳ ସମ୍ପଦ ଉପଯୋଗ କରୁଛି, ସେଥିପାଇଁ ଆମକୁ ଅଧିକ ପାରଦର୍ଶୀ ଅଥବା ଜଳ ସଞ୍ଚୟକାରୀ କୃଷି ଟେକ୍‌ନିକ ଯଥା ବୁନ୍ଦା ଜଳସେଚନ ଏବଂ ସିଞ୍ଚନ ଜଳସେଚନ ଆପଣେଇବାକୁ ପଡିବ। ସେଥିପାଇଁ କୃଷକମାନଙ୍କୁ ତାଲିମ ଦେବାକୁ ହେବ। ତା' ଛଡା ବର୍ଷାଜଳ ସଂରକ୍ଷଣ ପାଇଁ ଅଧିକ ଗାଡିଆ, ପୋଖରୀ, ନଦୀନାଳରେ ବନ୍ଧ, ଆନିକଟ, ଚେକ୍ ଡ୍ୟାମ୍, ନଦୀବନ୍ଧ ଯୋଜନା ପ୍ରଭୃତି ନିର୍ମାଣ କରି ବର୍ଷାଜଳକୁ ସଂରକ୍ଷିତ କରିବାକୁ ପଡିବ। ଗାଡିଆ ପୋଖରୀରୁ ପଙ୍କ ଉଦ୍ଧାର କରି ତା'ର ଜଳଧାରଣ କ୍ଷମତା ବଢ଼ାଇବାକୁ ହେବ। ସେହିପରି ଜଳଭଣ୍ଡାର ଓ ନଦୀନାଳରେ ଜମା ହେଉଥିବା ପଟୁ ମାଟି ଓ ବାଲିକୁ ବାହାର କରି ସେଗୁଡିକର ଜଳଧାରଣ କ୍ଷମତା ବଢ଼ାଇବାକୁ ପଡିବ। ଜଳବାୟୁ ପରିବର୍ତ୍ତନଜନିତ ଅନିୟମିତ ବର୍ଷାକୁ କିପରି ସଂରକ୍ଷିତ କରି ଚାଷ କାର୍ଯ୍ୟ ଓ ଭୂଜଳ ଭରଣା ପାଇଁ ବ୍ୟବହାର କରାଯାଇପାରିବ, ସେ ବିଷୟରେ ଅଧିକ ଧ୍ୟାନ ଦେବାକୁ ହେବ। ଆବଶ୍ୟକ ସ୍ଥଳେ କୃତ୍ରିମ ଭୂଜଳ ଭରଣା ଟେକ୍ନୋଲୋଜି ଆପଣେଇ ଭୂଜଳ ହ୍ରାସକୁ ରୋକିବାକୁ ପଡ଼ିବ। ମୋଟାମୋଟି କହିବାକୁ ଗଲେ ଉଭୟ ବର୍ତ୍ତମାନ ଓ ଆଗାମୀ ପିଢ଼ିର ଜଳ ସୁରକ୍ଷା ପାଇଁ ଆମକୁ ବ୍ୟକ୍ତିଗତ, ସାମାଜିକ ଓ ସରକାରୀ ସ୍ତରରେ ସବୁ ପ୍ରକାର ପଦକ୍ଷେପ ନେବାକୁ ହେବ। ଆମେ ଯଦି ପୃଥିବୀର ସମସ୍ତଙ୍କ ପାଇଁ ଜଳ ସୁରକ୍ଷା ସୁନିଶ୍ଚିତ କରାଇ ପାରିବା, ନିଶ୍ଚିତ ରୂପେ ବିଶ୍ୱଶାନ୍ତି ପ୍ରତିଷ୍ଠାରେ ଫଳବତୀ ହେବା।

## ଏଇ ଭାରତରେ

ମୋବାଇଲ୍ ରିଚାର୍ଜ ନ ହେଲେ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ ବି ଭାଙ୍ଗି ଯାଇପାରେ! ଏମିତି ଏକ କଥା କେବେ ଶୁଣିଛନ୍ତି! ବିଶ୍ୱାସ ହେଉ ନ ଥିଲେ ବି ଏଭଳି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଆଗ୍ରାରେ। ଏଠାରେ ତାଜଗଞ୍ଜ ଥାନା ଅଞ୍ଚଳରେ ମୋବାଇଲ୍ ରିଚାର୍ଜ ନ ହେବା ଘଟଣାକୁ ନେଇ ଏକ ଦମ୍ପତି ରଗାରୁଷା ହୋଇ ଔପଚାରିକଭାବେ ଅଲଗା ବି ହୋଇଛନ୍ତି। ମାମଲାଟି ଏବେ ପରିବାର ଅଦାଲତରେ ପହଞ୍ଚିବା ପରେ ଚର୍ଚ୍ଚାର କାରଣ ପାଲଟିଛି। ମହିଳାଜଣକ ଫୋନ୍ ରିଚାର୍ଜ କରିବା ପାଇଁ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ମାତ୍ର କୌଣସି କାରଣରୁ ତାଙ୍କ ସ୍ୱାମୀ ଫୋନ୍ ରିଚାର୍ଜ କରିବେ ନାହିଁ ବୋଲି ସ୍ପଷ୍ଟ ମନା କରି ଦେଇଥିଲେ। ଏହି କଥାକୁ ନେଇ ପରସ୍ପର ମଧ୍ୟରେ ଆରମ୍ଭ ହୋଇଥିଲା ପାଟିତୁଣ୍ଡ। କଥା ଏପରି ହୋଇଥିଲା କି ପରସ୍ପର ଝଗଡା କରି ସେମାନେ ଅଲଗା ହେବା ପାଇଁ ନିଷ୍ପତ୍ତି ନେଇଗଲେ। ଏମିତି ଏକ ଛୋଟିଆ କାରଣରୁ ସାତ ଜନ୍ମର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ବିଶ୍ୱାସ ଓ ତ୍ୟାଗର ସମ୍ପର୍କକୁ ଭୁଲି ମହିଳାଜଣକ ସ୍ୱାମୀଙ୍କ ଉପରେ ରାଗିଯାଇ ଘରଛାଡି ତାଙ୍କ ବାପଘରକୁ ଚାଲି ଯାଇଥିଲେ। ଏହାପରେ ତାଙ୍କ ନାମରେ ଥାନାରେ ଅଭିଯୋଗ ବି କରିଥିଲେ। ଘଟଣାଟି ପରିବାର ଅଦାଲତରେ ବିଚାରାଧୀନ ରହିଛି, କିନ୍ତୁ ମହିଳାଜଣକ କାଉନସିଲରଙ୍କ କୌଣସି ପରାମର୍ଶ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉ ନାହାନ୍ତି। ତେଣୁ ଲୋକଙ୍କ ଜୀବନରେ ଏବେ ମୋବାଇଲ୍ ବ୍ୟବହାର କେତେ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ଏହି ଘଟଣାରୁ ନିଶ୍ଚୟ ବୁଝା ପଡୁଥିବ। ଖାଲି ସେତିକି ନୁହେଁ ପତ୍ନୀଙ୍କ ମୋବାଇଲ୍ ଠିକ୍ ସମୟରେ ରିଚାର୍ଜକରିବା ଯେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାମ ଏକଥା ବି ଅନେକେ ହୃଦୟଙ୍ଗମ କରିପାରୁଥିବେ!

## ୫୦ ବର୍ଷ ତଳର ଧରିତ୍ରୀ

୩ ଜୁନ୍ ୧୯୭୫

- ବିଶିଷ୍ଟ ବୈଜ୍ଞାନିକ ତଥା ବୋଷ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଜି.ଏମ୍. ବୋଷଙ୍କ ୮୯ ବର୍ଷ ବୟସରେ ପରଲୋକ।
- ଆନ୍ତର୍ଜାତୀୟ ହକି ଖେଳାଳୀ ଶ୍ରୀ ଦମୟନ୍ତ ରାୟ ମହିନ୍ଦ୍ରୋଙ୍କ ୪୮ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ମରଣ ପାଳି
ମରଣ ଅମା ଯେବେ ଆସେ ଘୋଟି
ଚଉଦିଗ
ଶ୍ରାବଣ ନିଶା ସମ
ପ୍ରାଣେ ମମ ସଜନି ଗୋ !
ବିକଟ ଆଖି ତା'ର ରଖେ ମୋର
ବାତୟନେ
ଆସଇ ଧୀରେ ଧୀରେ
ସଜନି ରେ ! ମୋ ଆଗଣେ।
–(ମରଣ ପାଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ପଙ୍କମୟ

ମହାଶୟ,
ପଙ୍କ ଡ୍ରେନରୁ ଉଠିବ ଓ କମ ସମୟ ମଧ୍ୟରେ ତାହା ସ୍ଥାନାନ୍ତର କରାଯିବ। ରାସ୍ତାରେ ପଙ୍କ ପଡ଼ି ରହିବ ନାହିଁ। କଟକ ମହାନଗର ନିଗମର ପଙ୍କୋଦ୍ଧାରକୁ ନେଇ ଏଭଳି ନିୟମ ଥିଲାବେଳେ ପଙ୍କୋଦ୍ଧାର ଦାୟିତ୍ୱରେ ଥିବା ଏଜେନ୍ସିକୁ ଦେଖିବାକୁ ମିଳୁନି। ଫଳରେ ସହରର ଅନେକ ସ୍ଥାନରେ ପଙ୍କୋଦ୍ଧାର ହୋଇଥିଲାବେଳେ ପଙ୍କ ସ୍ଥାନାନ୍ତର ନ ହୋଇ ରାସ୍ତା ଉପରେ ପଡ଼ି ରହିଛି। ଏଥି ଯୋଗୁଁ ଯାଆସ କରିବାରେ ସମସ୍ୟା ହେବା ସହିତ ସାମାନ୍ୟ ବର୍ଷା ହେଲେ ଏହି ପଙ୍କ ପୁଣି ଡ୍ରେନରେ ପଶିବ। ଅଦିନିଆ ବର୍ଷାରେ ସହର ଅବସ୍ଥା ଯେଉଁଭଳି ବେହାଲ ହୋଇ ପଡୁଛି, ଆଗାମୀ ଦିନରେ ସ୍ଥିତି କଣ ହେବ ତାହା ଚିନ୍ତାର ବିଷୟ। ବିଶେଷକରି ଚଳିତ ବର୍ଷ ସିଏମସି ପଙ୍କୋଦ୍ଧାର କରିବାରେ ପଛରେ ପଡ଼ିଥିବାରୁ ଏହା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଅନୁସନ୍ଧାନରୁ ଜଣାପଡ଼ିଛି ସିଏମସି ସହରର ଛୋଟ ଛୋଟ ଡ୍ରେନର ପଙ୍କୋଦ୍ଧାର ଦାୟିତ୍ୱରେ ତିନିଟି ଏଜେନ୍ସିକୁ ଦାୟିତ୍ୱ ଦେଇଛି। ଏହି ତିନିଟି ଏଜେନ୍ସି ୫୯ଟି ୱାର୍ଡ଼ରେ ନିଜ ମନମାନୀରେ କାର୍ଯ୍ୟ କରୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ଅଧିକାରୀମାନେ ବିଫଳ ହୋଇଥିବା ଖବର ପ୍ରକାଶ ପାଉଛି। ବିଶେଷ କରି ପଙ୍କୋଦ୍ଧାରକୁ ନେଇ ଥିବା ନିୟମକୁ ଏଜେନ୍ସି ଖୁଲମଖୁଲା ଉଲଂଘନ କରୁଛି। ଦୁଇଦିନ ତଳେ ସମ୍ରାଟ ସିନେମା ହଲ ପାଖ ଅଞ୍ଚଳରେ ଏକ ପଙ୍କ ରାସ୍ତା ଉପରେ ଦୁଇଜଣ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି। ସେହିପରି ଗତ ସପ୍ତାହରେ କଳାବିକାଶ କେନ୍ଦ୍ର ମାର୍ଗ ଅଞ୍ଚଳରେ ପଙ୍କ ରାସ୍ତା ଉପରେ ଏକ ଘରୋଇ ବିଦ୍ୟାଳୟର ବସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସହରର ଗଳି ରାସ୍ତାରେ ଏହା ଏକ ପ୍ରକାର ରାସ୍ତା ଅବରୋଧ କରି ସ୍ଥାନୀୟ ସାହି ବାସିନ୍ଦା ମାନଙ୍କ ପାଇଁ ଭିଡ଼ ପରିସ୍ଥିତି ସୃଷ୍ଟି କରୁଛି। ପ୍ରଶାସନ ତୁରନ୍ତ ଏହାର ନିରାକରଣ କରନ୍ତୁ।

–ପୁଷ୍ପମିତ୍ର ମହାପାତ୍ର, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୋଟର ଅପେକ୍ଷାରେ, ପ୍ରାର୍ଥୀ ଚିନ୍ତାରେ

## ଫଳାଫଳ ଉପରେ ସମସ୍ତଙ୍କ ନଜର

କେନ୍ଦୁଝର,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

୨୦୨୪ ଲୋକ ସଭା ନିର୍ବାଚନ ସରିଯାଇଛି। ଏବେ ଫଳାଫଳକୁ ନେଇ ଅଙ୍କକଷା ଚାଲିଛି । କିଏ କେଉଁଠୁ କେତେ ଭୋଟ ପାଇବେ, କେଉଁ ଦଳ ଓ ପ୍ରାର୍ଥୀ ବିଜୟୀ ହେବେ, ଏ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଏକ୍‌ଜିଟ୍ ପୋଲ୍ କରାଯାଇଛି। ଏକ୍‌ଜିଟ୍ ପୋଲ୍ ଭାଜପା ସପକ୍ଷରେ ଯାଉଥିବାରୁ ଭାଜପା ନେତା, କର୍ମୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଏକଜିଟ ପୋଲକୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ୪ ତାରିଖରେ ଫଳାଫଳ ଆସିବାକୁ ଥିବା ବେଳେ ସବୁ ଦଳର ପ୍ରାର୍ଥୀଙ୍କ ଚିନ୍ତା ବଢ଼ିଯାଇଛି। ସବୁଠି ଫଳାଫଳକୁ ନେଇ ଆଲୋଚନା ଚାଲିଛି। ପୂର୍ବ ନିର୍ବାଚନରେ ପୂର୍ବାନୁମାନ ଫେଲ୍ ମାରିଥିବା ଭୋଟରମାନେ ମତବ୍ୟକ୍ତ କରି ୪ ତାରିଖକୁ ଅପେକ୍ଷା କରିଛନ୍ତି।

କେନ୍ଦ୍ରରୁ ଭାଜପା ନେତାମାନଙ୍କ ଘନ ଘନ ଓଡ଼ିଶା ଗସ୍ତ ଏବଂ ସଭାସମିତିରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ ଭାଜପାର ଆଶାକୁ ଉଜ୍ଜୀବିତ କରିଛି। ଏଣୁ ଭାଜପା ରାଜ୍ୟରେ ସରକାର ଗଠନ କରିବା ନେଇ ଆଶାବାଦୀ ରହିଛି। ଜିଲାରେ ମଧ୍ୟ ଏକାଧିକ ଭାଜପା ପ୍ରାର୍ଥୀ ଜିତିବା ନେଇ ଦଳ ପକ୍ଷରୁ ଆକଳନ କରାଯାଇଛି। ବିଶେଷକରି କେନ୍ଦୁଝର ଲୋକ ସଭା ଏବଂ ସଦର, ତେଲକୋଇ, ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ଜିତିବା ନେଇ ଅଧିକ ଆଶାବାଦୀ ହୋଇପଡ଼ିଛି। ଚମ୍ପୁଆ, ଘଷିପୁରା ଓ ଆନନ୍ଦପୁରରେ ଭାଜପାର ସ୍ଥିତି ସେତେ ଭଲ ନ ଥିବା ଦଳୀୟ ନେତାମାନେ କହୁଛନ୍ତି। ଚମ୍ପୁଆରେ ବିଜେଡି, କଂଗ୍ରେସ ଏବଂ ଭାଜପା ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ ବିଜେଡି ଭଲ ସ୍ଥିତିରେ ଥିବା କୁହାଯାଉଛି। ସେହିପରି ଘଷିପୁରାରେ ବିଜେଡି ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଟକ୍କର ହୋଇଛି। ଏଣୁ ଉଭୟ ଜିତିବା ନେଇ ସେମାନଙ୍କ ସମର୍ଥକମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ସେହିପରି ଆନନ୍ଦପୁରରେ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଥିବା ବେଳେ ସେଠାରେ କଂଗ୍ରେସ ସ୍ଥିତି ଅଧିକ ସୁଦୃଢ଼ ଥିବା କୁହାଯାଉଛି। ତେବେ ସେଠାରେ ବିଜେଡି ମଧ୍ୟ କଡ଼ା ମୁକାବିଲା କରିବ ବୋଲି କୁହାଯାଉଛି। ତେଲକୋଇରେ ବିଜେଡି ଓ ଭାଜପା, ସଦରରେ ବିଜେଡି, ଭାଜପା ଓ କଂଗ୍ରେସ ଏବଂ ପାଟଣାରେ ବିଜେଡି ଓ ଭାଜପା ପ୍ରାର୍ଥୀ ଜିତିବା ନେଇ ଉଭୟ ଦଳ ଆଶାବାଦୀ ରହିଛନ୍ତି। ସେହିପରି କଂଗ୍ରେସ ଦଳ ମଧ୍ୟ ପୂର୍ବ ନିର୍ବାଚନ ଅପେକ୍ଷା ଏଥର ଭଲ କରିବ। ଆନନ୍ଦପୁର, ପାଟଣା ଓ ଚମ୍ପୁଆରେ ଭଲ ପ୍ରାର୍ଥୀ ଅର୍ଥାତ ପୂର୍ବତନ ବିଧାୟକ ତଥା ଏମ୍‌ପିଙ୍କୁ ପ୍ରାର୍ଥୀ କରିଥିବାରୁ ଜିତିବା ନେଇ ଦଳୀୟ ନେତାମାନେ ଆଶାବ୍ୟକ୍ତ କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ଭାଜପା ସଦର ସିଟ୍ ହାତେଇଥିବା ବେଳେ ବିଜେଡି କେନ୍ଦୁଝର ଲୋକ ସଭା ଆସନ ସହ ଅନ୍ୟ ବିଧାନସଭା ସିଟ୍ ହାତେଇଥିଲା। ଚଳିତ ନିର୍ବାଚନରେ ମଧ୍ୟ ବିଜେଡି ପୁଣି ଦୁର୍ଗକୁ ହାତରେ ରଖିବ ବୋଲି ଆଶାବାଦୀ ହୋଇଛି। ବିଶେଷକରି ଚମ୍ପୁଆ ଓ ଘଷିପୁରାରେ ବିଜେଡି ଲକ୍ଷାଧିକ ଭୋଟରେ ଜିତିବା ଆଶା ରଖିଥିବା ବେଳେ ଏଠାରେ କଡ଼ା ଟକର ହୋଇଥିବା ଆଲୋଚନା ହେଉଛି।

ସଦର ବିଧାୟକ ତଥା ଭାଜପା ପ୍ରାର୍ଥୀ ମୋହନ ମାଝୀ କହିଛନ୍ତି, ଜିଲା କାହିଁକି, ରାଜ୍ୟରେ ବି ଭାଜପା ବହୁତ ଭଲ କରିବ। ଦଳ ଆଶାନୁରୂପ ଫଳାଫଳ କରିବ। ରାଜ୍ୟରେ ୮୦ରୁ ୮୫ ସିଟ୍ ହାସଲ କରି ସରକାର ଗଢିବୁ। ଜିଲାରେ ସଂସଦୀୟ କ୍ଷେତ୍ର ସହ ପାଟଣା, ସଦର, ତେଲକୋଇ ଓ କରଞ୍ଜିଆ ବିଧାନସଭା ଆସନ ପାଇବୁ ବୋଲି କହିଛନ୍ତି। ବିଜେଡି ଜିଲା ସଭାପତି କୁଶ ଆପଟ କହିଛନ୍ତି, ରାଜ୍ୟରେ ବିଜେଡି ୧୦୫ରୁ ଅଧିକ ସିଟ୍ ହାତେଇବ। ଜିଲାରେ ସବୁ ସିଟ୍ ଆଣିବୁ କିନ୍ତୁ ସଦର ନିର୍ବାଚନମଣ୍ଡଳୀରେ କଡ଼ା ଟକ୍କର ହେବ, ଯାହାକି ଫଳାଫଳ ଘୋଷଣା ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି। କେନ୍ଦୁଝର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାୟକ କହିଛନ୍ତି, ଏକ୍‌ଜିଟ୍ ପୋଲ୍‌ର କୌଣସି ସତ୍ୟତା ନାହିଁ। କଂଗ୍ରେସ ପୂର୍ବ ନିର୍ବାଚନ ଅପେକ୍ଷା ରାଜ୍ୟ ଓ ଜିଲାରେ ଭଲ କରିବ।

# କ୍ଷତି ସହୁଛନ୍ତି କାଜୁ ଚାଷୀ

## ପରିଶ୍ରମ ତୁଳନାରେ ଅମଳ ନାହିଁ



ଚାଷୀ ଅମଳ କାଜୁ ମଞ୍ଜି ଦେଖାଉଛନ୍ତି।

ଚମ୍ପୁଆ,୨।୬(ମହେଶ୍ୱର ଦାସ)

କାଜୁ ଏକ ଲାଭଦାୟକ ଫସଲ। ଏ ନେଇ ରାଜ୍ୟ ସରକାର ଚାଷୀଙ୍କ ଉନ୍ନତି ପାଇଁ ଚାରା ପ୍ରଦାନ ସହ ସହାୟତା କରିଆସୁଛନ୍ତି। ମାତ୍ର ପାଣି ପାଗ ପରିବର୍ତ୍ତନ ଓ ପୁରୁଣା କାଜୁଗଛ ପାଇଁ ଭଲ ଫଳ ଆସୁ ନ ଥିବାରୁ ଚାଷୀ କ୍ଷତି ସହୁଛନ୍ତି। ପରିଶ୍ରମ ତୁଳନାରେ ଅମଳ ହେଉନାହିଁ। ଫଳରେ ପାରିଶ୍ରମିକ ମିଳିପାରୁ ନ ଥିବା ଚମ୍ପୁଆ ବ୍ଲକ୍‌ର ରଜିଆ ପଞ୍ଚାୟତର କାଜୁ ଚାଷୀ ବୁଲୁ ମୁଣ୍ଡାଙ୍କ ସମେତ ଅନ୍ୟମାନେ କହିଛନ୍ତି। ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତରେ ସରକାରଙ୍କ ତରଫରୁ ଆଦିବାସୀମାନଙ୍କର ଆର୍ଥିକ ମାନଦଣ୍ଡକୁ ସ୍ୱଚ୍ଛଳ କରିବା ପାଇଁ କାଜୁଚାରା ପ୍ରଦାନ କରାଯାଇଥିଲା। ପ୍ରାୟ ୧୫ରୁ ୨୦ ବର୍ଷ ତଳେ ସରକାର ପର୍ଯ୍ୟାୟକ୍ରମେ ଜଣଙ୍କୁ ୧୦୦ରୁ ଊର୍ଦ୍ଧ୍ୱ ଚାରା ପ୍ରଦାନ କରିଥିଲେ। ଏହି ଚାଷୀମାନେ କାଜୁଗଛ ଜଗାରଖା କରିବା ସହିତ ମଞ୍ଜି ଅମଳ କରି ବିକ୍ରି କରିଆସୁଥିଲେ। କିଗ୍ରା ପିଛା ୭୦ରୁ ୮୦ ଟଙ୍କା ଦରରେ କାଜୁ ମଞ୍ଜି ବିକ୍ରି କରି ବାର୍ଷିକ ୩୦ରୁ ୪୦ ହଜାର ଟଙ୍କା ରୋଜଗାର କରୁଥିବା ଚାଷୀ କହିଛନ୍ତି। ମାତ୍ର ୨ ବର୍ଷ ଧରି କାଜୁ ଫସଲରେ କ୍ଷତି ସହିବାକୁ ପଡୁଛି। ଭଲ ଫଳ ଆସିଲେ ବଡ଼ ମଞ୍ଜି ବାହାରିଥାଏ। ସେହି ଅନୁସାରେ ଅଧିକ ଲାଭ ହୋଇଥାଏ। ମାତ୍ର ଭଲ ଫଳ ନ ଆସିବା ଏବଂ ଛୋଟ ମଞ୍ଜି ବାହାରୁଥିବାରୁ ଏହା ବିକ୍ରି କରିବା କଷ୍ଟସାଧ ହୋଇପଡ଼ିଛି। ପୂର୍ବରୁ ବ୍ୟବସାୟୀମାନେ ଗାଁକୁ ଆସି କାଜୁ ମଞ୍ଜି କିଣୁଥିଲେ। ମାତ୍ର ଭଲ ମଞ୍ଜି ବାହାରୁ ନ ଥିବାରୁ ଅମଳ ହେଉଥିବା ମଞ୍ଜି ନେଇ ହାଟରେ ବ୍ୟବସାୟୀଙ୍କୁ ଦେବାକୁ ପଡୁଛି। ଫେବୃଆରୀରୁ ଫୁଲ ଆସିବା ଦିନଠାରୁ ଏହାର ଜଗାରଖା ଆରମ୍ଭ କରାଯାଇଥାଏ। ଜୁନ ପର୍ଯ୍ୟନ୍ତ ମଞ୍ଜି ଅମଳ କରାଯାଇଥାଏ। ଏଥିପାଇଁ ଚାଷୀ ୪ ମାସ ଧରି ଦିନସାରା ପ୍ରହରା ଦେବା ସହିତ ମଞ୍ଜି ଅମଳ କାମରେ ଲାଗିଥାନ୍ତି। ମଞ୍ଜି ତୋଳିବା ପରେ ଏହାକୁ ଶୁଖାଇ ବିକ୍ରି କରାଯାଇଥାଏ। ମାତ୍ର ପୂର୍ବପରି ଅମଳ ହେଉ ନ ଥିବାରୁ ଜଗାରଖା ଓ ଅନ୍ୟାନ୍ୟ ବାବଦକୁ ହୋଇଥିବା ଖର୍ଚ୍ଚ ମଧ୍ୟ ବାହାରୁନି। ଚାଷୀ ବୁଲୁ ମୁଣ୍ଡା କହିଛନ୍ତି, ଗତ ଥର କାଜୁ ଚାଷ ସଫଳ ହୋଇ ନ ଥିଲା। ଚଳିତ ବର୍ଷ ମଧ୍ୟ ଭଲ ଫଳ ଆସିନି। ପରିଶ୍ରମ ତୁଳନାରେ ଅମଳ ହୋଇନାହିଁ। ଖର୍ଚ୍ଚ ବାହାରିବା କଷ୍ଟକର ହୋଇଯିବ। ଚାଷୀ ବିଦ୍ୟାଧର ମାଝି କହିଛନ୍ତି, ପୂର୍ବରୁ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମଞ୍ଜି ଅମଳ କରୁଥିଲେ। ମାତ୍ର ବର୍ତ୍ତମାନ ଅଧା ଗଛରେ ଫଳ ଆସୁନାହିଁ। ୨୦, ୩୦ କିଲୋ ଅମଳ ବି ହେଉନାହିଁ। ଫଳରେ କ୍ଷତି ସହିବାକୁ ପଡୁଛି।

# ୩ ବେସାହାରାଙ୍କୁ ଭାଗ୍ୟ ଭରସା

ଆନନ୍ଦପୁର,୨।୬(ସୁଶାନ୍ତ କୁମାର ସାହୁ)

ବାପା ୪ ମାସ ପୂର୍ବେ ମୃତ୍ୟୁବରଣ କରିଥିଲେ। ୧୨ ଦିନ ପୂର୍ବେ ମା' ମଧ୍ୟ ଆରପାରିକୁ ଚାଲିଗଲେ। ଏବେ ଘରେ ୩ ନାବାଳକ ଭଉଣୀ, ଭାଇ ବେସାହାରା ହୋଇ ଭାଗ୍ୟ ଭରସାରେ ଘରେ ପଡ଼ିରହିଛନ୍ତି। ଏଭଳି ଦୁଃଖ ବିଦାରକ ଖବର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ କାଠକଟା ପଞ୍ଚାୟତ କୁଶବଣି ଗ୍ରାମରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଗ୍ରାମର ପାଇକିରା ହୋ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଗତ ୪ ମାସ ତଳେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ବେଲ ହୋ ୩ ନାବାଳକ ପିଲାଙ୍କୁ ନେଇ ଦୁଃଖ କଷ୍ଟରେ ପରିବାର ଚଳାଉଥିଲେ। ଭଗବାନ ସେତିକି ବି ସହିପାରିଲେ ନାହିଁ ୧୨ ଦିନ ତଳେ ମା' ବେଲଙ୍କର ମୃତ୍ୟୁ ଘଟିଥିଲା। ଯାହା ଫଳରେ ୩ ପିଲା ଅସହାୟ ହୋଇପଡ଼ିଛନ୍ତି। ବଡ଼ ପୁଅ ଚନ୍ଦନ ହୋ (୧୭) ପାଠ ପଢ଼ା ଛାଡ଼ି ଦେଇଥିବା ବେଳେ ଝିଅ ଗଜମତି ହୋ (୧୫) ଓ ସାନ ପୁଅ ଜାମଦାର ହୋ (୧୪) ନବମ ଶ୍ରେଣୀରେ ପଢୁଛନ୍ତି। ମା', ବାପାଙ୍କୁ ହରାଇ ୩ ସନ୍ତାନ ଏକୁଟିଆ ହୋଇଯାଇଥିବା ବେଳେ ମା'ଙ୍କ ଶୁଦ୍ଧିକ୍ରିୟା ମାଗି, ଗ୍ରାମବାସୀ ସହଯୋଗରେ କରିଥିଲେ। କୌଣସି ବଦାନ୍ୟ ବ୍ୟକ୍ତି, ସାମାଜିକ ସଂଗଠନ ଓ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇବା ସହ ୩ ନାବାଳକଙ୍କୁ ପାଠ ପଢ଼ାରେ ସହାୟତାକୁ କରିବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।



ବେସାହାରା ଭଉଣୀ, ଭାଇ।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୨।୬(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ଗ୍ରାମ ଫୁଲପଡ଼ା ସାହିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଦାଶରଥୀ ମହାପାତ୍ରଙ୍କ ପୁଅ ଭିଜିଲ ମହାପାତ୍ର(୨୭)। ସେ ଅପରାହ୍ଣ ଫ୍ୟାନ ସୁଇଚ୍ ଅନ କରିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଘର ଲୋକ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ ଜେନା ପହଞ୍ଚି ମୃତଦେହ ଜବତ କରିଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

---

ମୟୂରଭଞ୍ଜ

# ଭୋଟ ଟ୍ୟାମ୍ପରିଂ ଅଭିଯୋଗରେ ଧାରଣା



ମୋରଡ଼ା ବିଧାନସଭା ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର କର୍ମୀଙ୍କ ସହ ଧାରଣାରେ ବସିଛନ୍ତି।

ମୋରଡ଼ା,୨।୬(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ମହୁଲବଣି ଗ୍ରାମରେ ଥିବା ୧୯୦ ବୁଥ୍‌ରେ ଭୋଟ ଟ୍ୟାମ୍ପରିଂ ଅଭିଯୋଗ ହୋଇଛି। ଏ ନେଇ ମୋରଡ଼ା ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର ତାଙ୍କ କର୍ମୀଙ୍କ ସହ ଉକ୍ତ ବୁଥ୍ ଆଗରେ ଧାରଣାରେ ବସିଛନ୍ତି।

ଅଭିଯୋଗ ମୁତାବକ, ଉକ୍ତ ବୁଥ୍‌ରେ ଶନିବାର ରାତି ୯ଟା ପର୍ଯ୍ୟନ୍ତ ଭୋଟିଂ ପ୍ରକ୍ରିୟା ଚାଲୁଥିଲା। କେତେଜଣ ସ୍ଥାନୀୟ ବିଜେଡି ନେତା ୩୦ରୁ ୪୦ ଲୋକଙ୍କୁ ନେଇ ବୁଥ୍ ଭିତରେ ପଶି ଭୋଟ ପ୍ରକ୍ରିୟା କରାଉଥିଲେ। ଏ ନେଇ ଭାଜପାର କେତେଜଣ କର୍ମୀ ପ୍ରତିବାଦ କରିବାରୁ ଭାଜପା କର୍ମୀଙ୍କୁ ଆକ୍ରମଣ କରାଯାଇଥିଲା। ଘଟଣା ସମ୍ପର୍କରେ ଜାଣି ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ର, ଚିତ୍ରଡା ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତ ଏବଂ ଅନ୍ୟ ଭାଜପା କର୍ମୀ ଘଟଣାସ୍ଥଳରେ ପହଞ୍ଚି ବୁଥ୍ ଆଗରେ ରାତି ୧ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳ ପହଞ୍ଚି ବୁଝାଶୁଝା ପାଇଁ ଚେଷ୍ଟା କରିଥିଲେ। ମୟୂରଭଞ୍ଜ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଭାଜପା ପ୍ରାର୍ଥୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ଘଟଣାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ତେବେ ଏ ନେଇ ଚିତ୍ରଡ଼ା ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତ ମୋରଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ୨୪ ଘଣ୍ଟା ପରେ ଭାଗ୍ୟ ନିର୍ଦ୍ଧାରଣ

## ମୟୂରଭଞ୍ଜ ଲୋକ ସଭା କ୍ଷେତ୍ରରେ ୭୩.୮୧ ପ୍ରତିଶତ ମତଦାନ

ବାରିପଦା,୨।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ହୋଇଥିବା ଗୋଟିଏ ଲୋକ ସଭା ଓ ୮ ବିଧାନସଭା ନିର୍ବାଚନରେ ୭୩.୮୧ପ୍ରତିଶତ ମତଦାନ ହୋଇଛି। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଥିବା ବେଳେ ଦିବ୍ୟାଙ୍ଗ ଓ ୮୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଘରୁ ଭୋଟ ଗ୍ରହଣ ଏବଂ ପୋଷ୍ଟାଲ୍ ବାଲଟ ମତଦାନର ପ୍ରତିଶତ ମିଳି ନ ଥିବାରୁ ମତଦାନ ହାର ୮୦ ପ୍ରତିଶତ ପାର ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆଶଙ୍କା କରାଯାଇଛି। ମତଦାନ ପରେ ଇଭିଏମ୍ ଗୁଡ଼ିକ ଷ୍ଟ୍ରଙ୍ଗ୍‌ରୁମରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ୨୪ ଘଣ୍ଟା ପରେ ଭୋଟ ଗଣତି ଆରମ୍ଭ ହେବାକୁ ଥିବା ବେଳେ ପ୍ରାର୍ଥୀଙ୍କ ଭାଗ୍ୟ ନିରୂପଣ ତଥା ଫଳାଫଳ ପ୍ରକାଶ ପାଇବ। ଏଥି ନିମନ୍ତେ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କ ସହ ଅଙ୍କ କଷିବା ଆରମ୍ଭ କରିଦେଇଛନ୍ତି।

ଜିଲାର ମୟୂରଭଞ୍ଜ ଲୋକ ସଭା ଅଧୀନରେ ଥିବା ୭ ବିଧାନସଭା ଏବଂ ବାଲେଶ୍ୱର ଲୋକ ସଭା ଅଧୀନରେ ଥିବା ଗୋଟିଏ ବିଧାନସଭାରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ମୟୂରଭଞ୍ଜ ଲୋକ ସଭା ଅଧୀନରେ ଥିବା ଯଶିପୁର ବିଧାନସଭା କ୍ଷେତ୍ରରେ ୭୫.୪୫ ପ୍ରତିଶତ, ସାରସକଣାରେ ୭୧.୨୫, ରାଇରଙ୍ଗପୁରରେ ୬୯.୭୬, ବାଙ୍ଗିରିପୋଷିରେ ୭୭.୫୨, ଉଦଳାରେ ୭୫.୭୮, ବାରିପଦାରେ ୭୧.୯୮ ଓ ମୋରଡ଼ାରେ ୭୫.୦୨ ପ୍ରତିଶତ ମତଦାନ ହୋଇଛି। ସେହିପରି ବାଲେଶ୍ୱର ଲୋକ ସଭା ଅଧୀନରେ ଥିବା ବଡ଼ସାହି ବିଧାନସଭା କ୍ଷେତ୍ରରେ ୭୨.୨୦ ପ୍ରତିଶତ ମତଦାନ ହୋଇଛି। ମତଦାନ ପରେ ଇଭିଏମଗୁଡ଼ିକ ବାରିପଦା ମହାବିଦ୍ୟାଳୟ ଏବଂ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କଲେଜ ପରିସରରେ ରଖାଯାଇଛି। ଜିଲାରେ ଭୋଟ ଗଣତି ପାଇଁ ୫ଟି କେନ୍ଦ୍ର ସ୍ଥିର କରାଯାଇଛି। ବାଙ୍ଗିରିପୋଷି ଏବଂ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ନିର୍ବାଚନମଣ୍ଡଳୀ ପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କେନ୍ଦ୍ର, ଉଦଳା ବିଧାନସଭା ପାଇଁ ଉଦଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ସାରସକଣା ଏବଂ ରାଇରଙ୍ଗପୁର ପାଇଁ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଏବଂ କରଞ୍ଜିଆ କ୍ଷେତ୍ର ପାଇଁ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ବ୍ୟବସ୍ଥା କରାଯାଇଛି। ସମ୍ପୂର୍ଣ୍ଣ ଜିଲାର ଭୋଟ ଗଣତି ପାଇଁ ମୋଟ ୧୦୨ଟି ଇଭିଏମ୍ ଟେବୁଲ ଓ ପୋଷ୍ଟାଲ ବାଲଟ ଭୋଟ ଗଣତି ପାଇଁ ୩୨ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ଗଣତି ସମୟରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

## ବର୍ଷା ସହ ଘଡଘଡ଼ି, ବିଦ୍ୟୁତ୍ ସରବରାହ ଠପ୍

ବୈଶିଙ୍ଗା,୨।୬(ରତନ ଦାଶ)

ମୟୂରଭଞ୍ଜ ଜିଲାର ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ରବିବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ଘଡ଼ଘଡ଼ି ହୋଇଛି। ଫଳରେ ୩ଟା ୩୦ଠାରୁ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସମଗ୍ର ଅଞ୍ଚଳ ଅନ୍ଧାର ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ ଟାଟା ପାୱାର ଅଧିକାରୀ ପ୍ରଶାନ୍ତ ନାୟକଙ୍କୁ ପଚାରିବାରୁ ଝଡ଼ ବାତ୍ୟା ଯୋଗୁ ଅନେକ ସ୍ଥାନରେ ଗଛର ଡାଳ ଭାଙ୍ଗିପଡିଛି। ୧୮ ନଂ. ଜାତୀୟ ରାଜପଥର ଆଗ୍ରିଆ ନିକଟରେ ବଜ୍ରପାତରେ ୩୩ କେଭି ବିଦ୍ୟୁତ୍ ତାର ଇନ୍‌ସୁଲେଟର୍ ଫାଟି ଯାଇଛି। ଏହାର ମରାମତି ଚାଲିଛି, ଯଥାଶୀଘ୍ର ବିଦ୍ୟୁତ୍ ସରବରାହ ଚାଲୁ କରାଯିବା ପାଇଁ ଚେଷ୍ଟା କରାଯାଉଛି। ତେବେ ବର୍ଷା ପରେ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ଜନସାଧାରଣଙ୍କୁ ସାମୟିକ ଆଶ୍ୱସ୍ତି ମିଳିଥିବା ଲକ୍ଷ୍ୟ କରାଯାଉଛି।

# ଗୁଜରାଟରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ମୋରଡ଼ା,୨।୬(ସ୍ମାରକ ମାଝୀ)

ଗୁଜରାଟର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବା ଜଣେ ଓଡ଼ିଆ ଯୁବକଙ୍କ ମେଶିନରେ ଚାପିହୋଇ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡ଼ିଆ ପଞ୍ଚାୟତ ଫୁଟୁକିଶୋଳ ଗ୍ରାମରଶମ୍ଭୁନାଥ ଡୁଙ୍ଗଙ୍କ ପୁଅ ଶିବ ଶଙ୍କର। ସେ ପ୍ୟାକେଜିଙ୍ଗ କାର୍ଯ୍ୟ କରୁଥିବା ସମୟରେ ମେଶିନରେ ଚାପି ହୋଇ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ରାତିରେ ଶିବ ଶଙ୍କରଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ତେବେ କମ୍ପାନୀ ପକ୍ଷରୁ ମାତ୍ର ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ବୋଲି ଶିବ ଶଙ୍କରଙ୍କ ପରିବାର ଲୋକେ କହିଛନ୍ତି।



ଶିବ ଶଙ୍କର ଡୁଙ୍ଗ(ଫାଇଲ ଫଟୋ)।

# ମୁଣ୍ଡାରୀ ଭାଷା ସାକ୍ଷରତା ପରୀକ୍ଷା



ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି।

ବଡ଼ସାହି,୨।୬ (ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲାର ମୁଣ୍ଡାରୀ ଶିକ୍ଷା ପରିଷଦ ତରଫରୁ ମୁଣ୍ଡାରୀ ଭାଷା ସାକ୍ଷରତା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ ଏବଂ ତାହାର ସମ୍ମାନର ସୁରକ୍ଷା ଉଦ୍ଦେଶ୍ୟରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ୩୦ ଗ୍ରାମରେ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ସେଠାରେ ପ୍ରତ୍ୟେକ ରବିବାର ୬ ରୁ ୧୪ ବର୍ଷ ବୟସର ମୁଣ୍ଡାରୀ ଭାଷାଭାଷୀ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ମୁଣ୍ଡାରୀ ଭାଷା ଓ ଲିପି ମାଧ୍ୟମରେ ଶିକ୍ଷାଦାନ କରାଯାଉଛି । ଉକ୍ତ ଛାତ୍ରଛାତ୍ରୀମାନଙ୍କୁ ବୁଧିଆ ସିଂଙ୍କ ସଂକଳିତ ମୁଣ୍ଡାରୀ ବର୍ଣ୍ଣବୋଧ ବହି ମାଗଣାରେ ବଣ୍ଟନ କରାଯାଇଛି। ମୁଣ୍ଡାରୀ ଭାଷା ସାକ୍ଷରତା ପରୀକ୍ଷାରେ ୨୧ ବିଦ୍ୟାଳୟରୁ ୩୯୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେଥି ମଧ୍ୟରୁ ବାଉଁଶବିଲା, ବାଲିଯୋଡ଼ା, ପୋଡ଼ାଅସ୍ତିଆ, ଅସ୍ତଝରଣ, ମୁଟ୍ରୁଦା, କାଳିଆପଦା, ଆଙ୍କପୁରା, ସୁବର୍ଣ୍ଣମଞ୍ଜରୀ, ବଣଦାମଦରପୁର, ଚାନ୍ଦୁଆ, କଖାରୁଶୋଳ, ଗୁଣ୍ଡିହୁଡ଼ି, ବହଳଦା, ରାଙ୍ଗାମାଟିଆ, ମହୁଲିଆ, ଗୋଧିମରା, ପାଟଶାଣିପୁର, ଖଡ଼ିଆବସା, ଚୁରମରା, ଦଳକିଶୋଳ, ହାତୀବାରି ପ୍ରଭୃତି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସମସ୍ତ ବ୍ଲକ୍ ଆବାହକ, ପର୍ଯ୍ୟବେକ୍ଷକ ଏବଂ ସଦସ୍ୟମାନେ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ରୂପ୍‌ସା,୨।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବସ୍ତା-ବାଲିଆପାଳ ରାସ୍ତାର ପେଜଗଳା ପୋଲ ବାଡ଼ାରେ ରବିବାର ବେକରେ ଦଉଡ଼ି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଏହି ଥାନା ଅଧୀନ ମୁକୁଳିସି ଗାଁର ଚତୁର୍ଭୁଜ ମହାପାତ୍ରଙ୍କ ପୁଅ କିରଣ (୨୫)। ସେ ଓଡ଼ି୦୧ଏଭି-୧୩୭୦ ନଂ. ଏକ ବାଇକ୍‌ରେ ଆସି ଏହି ପୋଲ ନିକଟରେ ପହଞ୍ଚିଥିଲେ। ବେକରେ ଦଉଡ଼ି ବାନ୍ଧି ସେ ପୋଲ ତଳକୁ ଝୁଲି ପଡ଼ିଥିଲେ। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଜାରି ରଖିଛି।

# ଭତ୍ତାରୁ ବଞ୍ଚିତ ୩୦୦୦ କଳାକାର

ଜଳେଶ୍ୱର,୨।୬(ରବିନାରାୟଣ ପାତ୍ର)

■ତାଲିକାଧାରୀଙ୍କୁ ଉପେକ୍ଷା
■ନ୍ୟାୟ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଦୁସ୍ଥ ଗରିବ କଳାକାର ପରିବାର ପ୍ରତିପୋଷଣ କରିପାରୁ ନ ଥିବା ବେଳେ ରାଜ୍ୟ ସରକାର ୨୦୧୮ରେ କଳାକାର ଭତ୍ତା ଦେବାପାଇଁ ସ୍ଥିର କରିଥିଲେ। ବାଲେଶ୍ୱର ଜିଲାରେ ୨୦୨୩ ମସିହାରେ ମାତ୍ର ୧୦୦୦ କଳାକାରଙ୍କୁ ଆର୍ଥିକ ସହାୟତା ଦେବାପରେ ଅନ୍ୟ ୩୦୦୦ ଯୋଗ୍ୟ କଳାକାରଙ୍କୁ ତାଲିକାଭୁକ୍ତ କରିଥିଲେ। ସେମାନଙ୍କୁ ଭତ୍ତା ଦେବାର ବ୍ୟବସ୍ଥା ନ କରି ୨୦୨୪ ଫେବୃଆରୀ ୧୫ରେ ପୁଣି କଳାକାରମାନଙ୍କୁ ଭତ୍ତା ଲାଗି ଆବେଦନ କରିବାକୁ ବିଜ୍ଞାପନ ପ୍ରକାଶ କରିଥିଲେ। କିନ୍ତୁ ଯୋଗ୍ୟ ତାଲିକାଭୁକ୍ତ କଳାକାରଙ୍କୁ ଭତ୍ତା ନ ଦେଇ ପୁଣି ଆବେଦନ କରିବାକୁ ବିଜ୍ଞାପନ ପ୍ରକାଶ ପାଇଥିବାରୁ ଏହା ବିରୋଧରେ ବାଲେଶ୍ୱର କଳାକାର ସଂଘ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଅନ୍ୟପକ୍ଷରେ ସରକାର ଜିଲାର ଏହି ୩୦୦୦ କଳାକାରଙ୍କୁ ଅଦ୍ୟାବଧି ନ୍ୟାୟ ଦେଇ ନ ଥିବାରୁ ବାଲେଶ୍ୱର ଜିଲା କଳାକାର ସଂଘର ସଭାପତି ଗୌର (ଗୌରାଙ୍ଗ) ଦାସ, ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ, ଉପସଭାପତି ରାଧାକୃଷ୍ଣ ଗିରି, ସହ ସମ୍ପାଦକ ବିଜୟ ଜେନା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସଚିବ, ନିର୍ଦ୍ଦେଶକ ଓ ବାଲେଶ୍ୱର ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ହାଇକୋର୍ଟ ରିଟ୍ ପିଟିସନ ନଂ. ୧୨୫୫୨-୨୦୨୪କୁ ଗ୍ରହଣ କରିଛନ୍ତି । ଗତ ୨୧ତାରିଖରେ ଡିଭିଜନ ବେଞ୍ଚ ପକ୍ଷରୁ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଏମ୍ ଏସ୍ ରମଣ ଆସନ୍ତା ଜୁଲାଇ ୯ ତାରିଖରେ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। କଳାକାରମାନଙ୍କ ପକ୍ଷରୁ ଆଇନଜୀବୀ ଦିପ୍ତି ରଞ୍ଜନ ମହାପାତ୍ର ମମଲା ପରିଚଳନା କରୁଛନ୍ତି।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

ଜଳେଶ୍ୱର,୨।୬(ରବିନାରାୟଣ ପାତ୍ର)

### ଦୀନକୃଷ୍ଣ କଲେଜ

ଜଳେଶ୍ୱରସ୍ଥିତ ଦୀନକୃଷ୍ଣ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିଷୟର ମୁଖ୍ୟ ଅଜିତ୍ କୁମାର କର ମଧ୍ୟ ଅବସର ଗ୍ରହଣ କରିଥିବାରୁ ଦୁଇ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ଅଜୟ ମହାପାତ୍ର, ଦେବବ୍ରତ ବେରା, ତପନ ପାତ୍ର ଉପସ୍ଥିତ ରହି ଡ. ପଣ୍ଡା ଓ କରଙ୍କ କର୍ମମୟ ଜୀବନ, ଦକ୍ଷତା, ଛାତ୍ରବତ୍ସଳତା, କର୍ତ୍ତବ୍ୟପରାୟଣତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଅଧ୍ୟାପକ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୬୪ରେ ଦୀନକୃଷ୍ଣ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ଆବଶ୍ୟକ ବିକାଶ ଘଟିନାହିଁ। ଅଦ୍ୟାବଧି ୩୬ଜଣ ଅଧ୍ୟକ୍ଷ ଓ ଭାରପ୍ରାପ୍ତ ଅଧ୍ୟକ୍ଷ କାର୍ଯ୍ୟ କରିଥିଲେ ମଧ୍ୟ ଶ୍ରେଣୀ ଗୃହ, ବଗିଚା, ବଟାନିକାଲ ଗାର୍ଡେନ,ବିଶେଷକରି ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଅଭାବରୁ ମହାବିଦ୍ୟାଳୟର ଦୁରବସ୍ଥା ବଢ଼ି ବଢ଼ି ଚାଲିଛି। ଉଚ୍ଚ ଶିକ୍ଷା ବିଭାଗ ଏଥିପ୍ରତି ଧ୍ୟାନ ଦେବାକୁ ପୁରାତନ ଛାତ୍ର ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ପ୍ଲାଟଫର୍ମ ସଫେଇ କଲେ ଆରପିଏଫ୍

### ବାହାନଗା ଟ୍ରେନ ଟ୍ରାଜେଡିକୁ ବର୍ଷେ ପୂରିଲା

ବାହାନଗା,୨।୬(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଟ୍ରାଜେଡିକୁ ଏକ ବର୍ଷ ପୂରିଛି। ଏହି ପରିପ୍ରେକ୍ଷୀରେ ରବିବାର ଆରପିଏଫ୍ ଟିମ୍ ବାହାନଗା ଷ୍ଟେଶନ ପ୍ଲାଟଫର୍ମ ସଫେଇ କରିଛନ୍ତି। ଆରପିଏଫ୍ ଟିମ୍ ଷ୍ଟେଶନ ପରିସର ଓ ତାର ଆଖପାଖ ଅଞ୍ଚଳ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସଫେଇ କରିଥିଲେ। ଜିଲା ଆର୍‌ପିଏଫ୍ ଇନ୍ସପେକ୍ଟର ଦୀପକ କୁମାର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବାହାନଗା ଷ୍ଟେଶନ ମ୍ୟାନେଜର ଏସ.କେ ପଟ୍ଟନାୟକ ସହାୟତା କରିଥିଲେ।




ଆରପିଏଫ୍ ଟିମ୍ ପ୍ଲାଟଫର୍ମ ସଫେଇ କରୁଛନ୍ତି।

## ପୋଲିଂ ଅଧିକାରୀ ୩ ଘଣ୍ଟା ଅଟକ



ଉତ୍ତେଜିତ ଲୋକେ ହୋହଲ୍ଲା କରୁଛନ୍ତି।

ରୂପ୍‌ସା,୨।୬(ବାଞ୍ଛାନିଧି ଦେ)

### ମତଦାନ କେନ୍ଦ୍ରରେ ଉତ୍ତେଜନା

ବାଲେଶ୍ୱର ଜିଲା ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡ଼ା ଗ୍ରାମର ୨୦୩ନଂ. ବୁଥ୍‌ରେ ଶନିବାର ଭୋଟ ଗ୍ରହଣ ପରେ ଉତ୍ତେଜନା ଦେଖାଦେଇଥିଲା। ମତଦାନ ସଂଖ୍ୟାଠାରୁ ଇଭିଏମ୍‌ରେ ଅଧିକ ସଂଖ୍ୟକ ଭୋଟ ଦିଆଯାଇଥିବା ଜଣାପଡ଼ିବା ପରେ ପ୍ରିଜାଇଡ଼ିଂ ଅଫିସରଙ୍କ ସମେତ ଅନ୍ୟ ପୋଲିଂ ଅଫିସରଙ୍କୁ ଗ୍ରାମବାସୀ ବୁଥ୍ ମଧ୍ୟରେ ଅଟକ ରଖିଥିଲେ।

ପ୍ରକାଶ ଯେ, ଏହି ପଞ୍ଚାୟତର ସମସ୍ତ ୭ ବୁଥ୍ ମଧ୍ୟରୁ ୨୦୩ନଂ. ବୁଥ୍ ସମ୍ବେଦନଶୀଳ। ୩ଟି ୱାର୍ଡ଼ର ୧୧୭୧ ଭୋଟର ଏହି ବୁଥ୍‌ରେ ମତଦାନ କରିଥାନ୍ତି। ତେବେ ସେକ୍ଟର ଅଫିସର ଅକ୍ଷୟ କୁମାର ସେଠୀଙ୍କ ସୂଚନା ଅନୁସାରେ ଶେଷ ପର୍ଯ୍ୟାୟ ମତଦାନ ସୁଦ୍ଧା ଉକ୍ତ ବୁଥ୍‌ରେ ୯୧୧ଜଣ ମତଦାତା ନିଜର ମତ ସାବ୍ୟସ୍ତ କରିଥିଲେ। ମାତ୍ର ଇଭିଏମରେ ମତଦାନ ସଂଖ୍ୟାଠାରୁ ଅଧିକ ସଂଖ୍ୟକ ଭୋଟ୍ ଦିଆଯାଇବା ଅର୍ଥାତ୍ ୯୧୧ଖଣ୍ଡ ପରିବର୍ତ୍ତେ ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ଲାଗି ୩୫ ଖଣ୍ଡ ଅଧିକ ଭୋଟ ଦିଆଯାଇଥିବା ଜଣା ପଡ଼ିଥିଲା। ଯାହାକୁ ନେଇ ବୁଥ୍‌ରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ନିର୍ବାଚନରେ ସ୍ୱଚ୍ଛତା ଦାବି କରି ଉଭୟ ପୋଲିଂ ଏଜେଣ୍ଟ ଓ ଭୋଟର, ପ୍ରିଜାଇଡିଂ ଅଫିସରଙ୍କ ସମେତ ଅନ୍ୟ ପୋଲିଂ ଅଫିସରଙ୍କୁ ବୁଥ୍ ମଧ୍ୟରେ ରାତି ପର୍ଯ୍ୟନ୍ତ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଖବର ପାଇ ପୋଲିସ ଟିମ୍ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପ୍ରିଜାଇଡିଂ ଅଫିସର ଅଧିକ ସଂଖ୍ୟକ ଭୋଟ(୯୪୬ ଖଣ୍ଡ)କୁ ୧୭ସି ଫର୍ମରେ ସୂଚିତ କରି ପୁଲିଂ ଏଜେଣ୍ଟମାନଙ୍କୁ ଏହାର ନକଲ କପି ଦେବା ପରେ ଅଧିକାରୀମାନେ ବୁଥ୍‌ରୁ ମୁକୁଳିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ମୃତ

ରୂପ୍‌ସା,୨।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଝିଞ୍ଜିପୁରା ଗ୍ରାମର ଜଣେ ମହିଳା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ସେ ହେଲେ ଅଞ୍ଜଳି ବାରିକ(୫୮)। ସୂଚନା ଅନୁଯାୟୀ, ଶନିବାର ଅଞ୍ଜଳି ମତଦାନ ସାରି ଘରକୁ ଆସିଥିଲେ। ଘରେ ଖରାପ ହୋଇ ପଡ଼ିଥିବା ବିଦ୍ୟୁତ୍ ସିଲେଇ ମେଶିନକୁ ମରାମତି କରୁଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫।୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

---

**ଭଦ୍ରକ**

## ଖବରଦାତାଙ୍କୁ ଭୁଜାଲିରେ ଆକ୍ରମଣ

ଭଦ୍ରକ,୨।୬(ସନାତନ ରାଉତ)

ଭଦ୍ରକ ସହରର ମୁଖ୍ୟ ପୋଷ୍ଟ ଅଫିସ ଛକରେ ରବିବାର ସକାଳେ ଏକ ୱେବ୍ ଚ୍ୟାନେଲର ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଖବରଦାତା ହେଲେ ଭଦ୍ରକ ସାମରାଇପୁରର ଶୁଭଦୀପ ମଲିକ। ଏନେଇ ତାଙ୍କ ଅଭିଯୋଗକ୍ରମେ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୩୨୦/୨୪) ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣକାରୀ ମଧ୍ୟ ଜଣେ ଖବରଦାତା ହୋଇଥିବା ବେଳେ ଘଟଣା ପରେ ସେ ଫେରାର ହୋଇଯାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶନିବାର ଖବର ସଂଗ୍ରହ ସମୟରେ ଶୁଭଦୀପଙ୍କ ସହ ଆଉ ଏକ ୱେବ୍ ଚ୍ୟାନେଲର ଖବରଦାତାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ରବିବାର ସକାଳେ ଶୁଭଦୀପ ଅନ୍ୟ ଖବରଦାତାମାନଙ୍କ ସହ ପୋଷ୍ଟ ଅଫିସ ଛକରେ ଉପସ୍ଥିତ ଥିବାବେଳେ ଉକ୍ତ ଖବରଦାତା ତାଙ୍କର ୪ଜଣ ସହଯୋଗୀଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ଶନିବାରର ଘଟଣାକୁ ନେଇ ପୁଣି ଯୁକ୍ତିତର୍କ ଆରମ୍ଭ କରି ତାଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ତାଙ୍କୁ ଛାଡ଼ିଦେବା ପାଇଁ ଶୁଭଦୀପ ଗୁହାରି କରିଥିଲେ ମଧ୍ୟ କୌଣସି କଥା ନ ଶୁଣି ସାଙ୍ଗରେ ଆଣିଥିବା ଭୁଜାଲିରେ ତାଙ୍କ ମୁଣ୍ଡକୁ ହାଣି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଆକ୍ରମଣକୁ ନିନ୍ଦା କରି ଭଦ୍ରକର ଖବରଦାତାମାନେ ଟାଉନ ଥାନା ଅଧିକାରୀଙ୍କୁ ଭେଟି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରତିଶ୍ରୁତି ଦେଇଛନ୍ତି। ଆକ୍ରମଣ ସମୟରେ ଘଟଣା ସେଠାରେ ଥିବା ଏକ ସିସିଟିଭିରେ ରେକର୍ଡ ହୋଇଛି। ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରଫୁଲ୍ଲ ସାମଲ ଏବଂ ଜିଲାର ବରିଷ୍ଠ ଖବରଦାତାମାନେ ଡାକ୍ତରଖାନାରେ ପହଞ୍ଚି ଶୁଭଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି।

## ଇଭିଏମ୍‌ରେ ସିଲ୍ ତିହିଡ଼ିର ୩ ପ୍ରମୁଖ ପ୍ରାର୍ଥୀଙ୍କ ଭାଗ୍ୟ

**ତିହିଡ଼ି,୨।୬(ସଞ୍ଜିତ ବଳ):** ବାସୁଦେବପୁର ଓ ଧାମନଗର ବିଧାନସଭା ଆସନ ପାଇଁ ତିହିଡ଼ି ବ୍ଲକର ୩ ପ୍ରମୁଖ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ, ଡା. ସଞ୍ଜୟ କୁମାର ଦାସ ଓ ସୂର୍ଯ୍ୟବଂଶୀ ସୂରଜ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ବାସୁଦେବପୁର ବିଧାନସଭା ଆସନ ଲାଗି ବିଜେଡିରୁ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାନସଭା ଆସନ ପାଇଁ ବିଜେଡିରୁ ସଞ୍ଜୟ ଏବଂ ଭାଜପାରୁ ସୂର୍ଯ୍ୟବଂଶୀ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଶନିବାର ନିର୍ବାଚନ ଶେଷ ହୋଇଥିବା ବେଳେ ଏହି ପ୍ରାର୍ଥୀମାନଙ୍କ ଭାଗ୍ୟଫଳ ଇଭିଏମ୍‌ରେ ସିଲ୍ ହୋଇ ରହିଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ପରେ କେଉଁ ପ୍ରାର୍ଥୀ ବିଜୟ ମୁକୁଟ ପିନ୍ଧିବେ ତାହା ସ୍ପଷ୍ଟ ହୋଇଯିବ।

ବିଷ୍ଣୁବ୍ରତଙ୍କ ଘର ତିହିଡ଼ି ବ୍ଲକର ମୁକୁନ୍ଦପୁରରେ ହୋଇଥିବା ବେଳେ ସଞ୍ଜୟଙ୍କ ଘର କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମରେ। ସେହିପରି ସୂର୍ଯ୍ୟବଂଶୀଙ୍କ ଘର ଭାଟପଡ଼ା ପଞ୍ଚାୟତର ମଙ୍ଗରାଜପୁର ଗ୍ରାମରେ। ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଅସୁସ୍ଥତା ଯୋଗୁ ପୁଅ ବିଷ୍ଣୁବ୍ରତ ରାଜନୈତିକ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଷ୍ଣୁବ୍ରତ ପ୍ରଥମଥର ପାଇଁ ବାସୁଦେବପୁର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଏଥର ନିର୍ବାଚନରେ ସେ ୨ୟ ଥର ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସଙ୍କ ସହ ତାଙ୍କର କଡ଼ା ମୁକାବିଲା ହୋଇଛି। ଧାମନଗର ଆସନ ପାଇଁ ଚଳିତବର୍ଷ ପ୍ରଥମଥର ବିଧାୟକ ପ୍ରାର୍ଥୀ ହୋଇଛନ୍ତି ସଞ୍ଜୟ। ଡାକ୍ତରୀ ଚାକିରି ଛାଡ଼ି ସେ ଏହି ନିର୍ବାଚନ ଲଢ଼ିଛନ୍ତି। ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କର ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଦେହାନ୍ତ ପରେ ଧାମନଗର ଉପନିର୍ବାଚନରେ ତାଙ୍କ ଉତ୍ତରାଧିକାରୀ ଭାବେ ପୁଅ ସୂର୍ଯ୍ୟବଂଶୀ ପ୍ରଥମଥର ବିଧାୟକ ପ୍ରାର୍ଥୀ ହୋଇ ଜିତିଥିଲେ। ଏଥର ନିର୍ବାଚନରେ ଉଭୟ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ଜଣାଯାଇଛି। ତେବେ ନିର୍ବାଚନର ଫଳାଫଳ ନେଇ ସବୁଠି ଚର୍ଚ୍ଚା ଚାଲିଥିବା ବେଳେ କେଉଁ ପ୍ରାର୍ଥୀଙ୍କୁ ଭୋଟରମାନେ ଅଧିକ ପସନ୍ଦ କରିଛନ୍ତି, ତାହା ୪ ତାରିଖରେ ସ୍ପଷ୍ଟ ହେବ।

## ଜିଲାରେ ମତଦାନ ହାର ୭୧.୪୨ ପ୍ରତିଶତ

ଭଦ୍ରକ,୨।୬(ସନାତନ ରାଉତ)

ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଭଦ୍ରକ ଜିଲାରେ ୭୧.୪୨ ପ୍ରତିଶତ ମତଦାନ ହୋଇଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ସର୍ବାଧିକ ଏବଂ ଭଦ୍ରକ ବିଧାନସଭା କ୍ଷେତ୍ରରେ ସବୁଠାରୁ କମ୍ ମତଦାନ ହୋଇଛି। ଭଦ୍ରକ ଲୋକ ସଭା ଓ ୫ ବିଧାନସଭା ଆସନ ପାଇଁ ମୋଟ ୧୩୧୨ଟି ବୁଥ୍‌ରେ ଭୋଟଗ୍ରହଣ ହୋଇଥିଲା। ଜିଲାର ମୋଟ ୧୨ ଲକ୍ଷ ୮୬ ହଜାର ୩୭୭ ଭୋଟର ଥିବାବେଳେ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ୭୩.୮୪ %, ଭଣ୍ଡାରିପୋଖରୀରେ ୭୨.୬୩ %, ବାସୁଦେବପୁରରେ ୭୧.୪୩%, ଧାମନଗରରେ ୭୧. ୨୫% ଓ ଭଦ୍ରକରେ ୬୮.୨୫ % ପ୍ରତିଶତ ମତଦାନ ହୋଇଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି।

## ବିଳମ୍ବିତ ରାତି ଯାଏ ମତଦାନ



ବୁଥ୍‌ରେ ଭୋଟରମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ଭଣ୍ଡାରିପୋଖରୀ,୨।୬
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୋବାରକପୁର ସ୍କୁଲରେ ହୋଇଥିବା ୧୮୪ ନଂ. ବୁଥ୍‌ରେ ବିଳମ୍ବିତ ରାତି ତଥା ୧୧ଟା ୨୦ ପର୍ଯ୍ୟନ୍ତ ଭୋଟଗ୍ରହଣ ହୋଇଥିଲା। ସେଠାରେ ସଖୀ ବୁଥ୍‌କୁ କେବଳ ମହିଳା କର୍ମଚାରୀମାନେ ପରିଚାଳନା କରୁଥିଲେ। ଉକ୍ତ ବୁଥ୍‌ରେ ଭୋଟର ସଂଖ୍ୟା ୧୩୮୫ ରହିଥିବା ବେଳେ ୧୧୦୩ଜଣ ମତଦାନ କରିଥିବା ଜଣାଯାଇଛି। ତହସିଲଦାର ସରୋଜକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ପୋଲିଂ ପାର୍ଟି ସେଠାରୁ ରାତି ୧୨ଟା ୪୫ରେ ଫେରିଥିଲେ। ସେହିପରି ଝୁଟୁଣା ସ୍କୁଲରେ ୨୧୦ ନମ୍ବର ବୁଥ୍‌ରେ ରାତି ୧୧ଟା ଯାଏ ଭୋଟଗ୍ରହଣ ହୋଇଥିଲା। ୨୦୮ ନମ୍ବର ବିଶୋଳ ବୁଥ୍‌ରେ ମଧ୍ୟ ରାତି ୧୧ଟା ଯାଏ ଭୋଟଗ୍ରହଣ ହୋଇଥିଲା। ତେବେ ଏହି ବିଧାନସଭା କ୍ଷେତ୍ରରେ ଚଳିତ ଥର ୭୨.୬୩ ପ୍ରତିଶତ ମତଦାନ ହୋଇଛି। ପୂର୍ବରୁ ୨୦୧୯ ନିର୍ବାଚନରେ ଭୋଟହାର ୭୭.୯୯ ପ୍ରତିଶତ ତୁଳନାରେ ଚଳିତ ନିର୍ବାଚନରେ କମ୍ ରହିଛି। ୨୦୧୯ ନିର୍ବାଚନରେ ୨,୨୨,୪୩୩ ଭୋଟରଙ୍କ ମଧ୍ୟରୁ ୧,୭୩,୪୬୮ ଜଣ ଭୋଟଗ୍ରହଣ କେନ୍ଦ୍ର ଓ ଡାକ ଯୋଗେ ମତଦାନ କରିଥିଲେ। ଚଳିତ ନିର୍ବାଚନରେ ୨,୪୦,୧୩୩ ଭୋଟରଙ୍କ ମଧ୍ୟରୁ ୧,୭୪,୪୦୯ ଜଣ ମତଦାନ କରିଥିବା ଜଣାପଡ଼ିଛି।

# କଡ଼ା ସୁରକ୍ଷାରେ ଷ୍ଟ୍ରଙ୍ଗରୁମ୍

ଭଦ୍ରକ,୨।୬(ସନାତନ ରାଉତ)

ସାଧାରଣ ନିର୍ବାଚନ ପାଇଁ ଶନିବାର ମତଦାନ ସରିବା ପରେ ଇଭିଏମ୍‌ଗୁଡ଼ିକ କଡ଼ା ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ପୋଲିଂ ଦଳ ଫେରିବା ପରେ ଶନିବାର ରାତିତମାମ ସମସ୍ତ ବୁଥ୍ ପାଇଁ ନିର୍ଦ୍ଧାରିତ ହୋଇଥିବା କାଉଣ୍ଟରରେ ଇଭିଏମ୍ ଓ ଭିଭିପିଏଟି ମେଶିନକୁ ଜମା କରାଯାଇଥିଲା। ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାମନଗର ନିର୍ବାଚନମଣ୍ଡଳୀ ପାଇଁ ଷ୍ଟ୍ରଙ୍ଗରୁମ୍ ହୋଇଥିବା ବେଳେ ବାକି ଲୋକ ସଭା ଓ ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି ୪ଟି ବିଧାନସଭା କ୍ଷେତ୍ର ପାଇଁ ଭଦ୍ରକ କଲେଜରେ ଷ୍ଟ୍ରଙ୍ଗରୁମ୍ ବ୍ୟବସ୍ଥା କରାଯାଇଛି। ଷ୍ଟ୍ରଙ୍ଗରୁମ୍ ଭିତରେ ସିସିକ୍ୟାମେରା ଲଗାଯାଇଥିବା ବେଳେ ବାହାରେ ଏଲ୍‌ଇଡି ଲଗାଯାଇଛି। ଏଲ୍‌ଇଡି ଦ୍ୱାରା ଷ୍ଟ୍ରଙ୍ଗରୁମ୍ ଭିତରର ସମସ୍ତ ଦୃଶ୍ୟ ସର୍ବସାଧାରଣରେ ପ୍ରଦର୍ଶିତ କରାଯାଇଛି।



ଷ୍ଟ୍ରଙ୍ଗରୁମ୍‌କୁ ଜଗିଛନ୍ତି ସୁରକ୍ଷା ବଳ।

### ହାର୍‌ଜିତ୍ ନେଇ ଚାଲିଛି ଅଙ୍କକଷା

ଭଦ୍ରକ ଲୋକ ସଭା ଓ ବିଧାନସଭା ଆସନ ପାଇଁ ନିର୍ବାଚନ ସରିବା ପରେ ରବିବାର ସକାଳଠାରୁ ହାର୍‌ଜିତ୍ ନେଇ ଅଙ୍କକଷା ଚାଲିଛି। ନେତାଙ୍କଠାରୁ ଆରମ୍ଭ କରି ଦଳୀୟ କର୍ମୀ ଓ ସାଧାରଣ ଭୋଟର ପର୍ଯ୍ୟନ୍ତ ଭୋଟକୁ ନେଇ ହିସାବ ଆରମ୍ଭ କରିଛନ୍ତି। କେଉଁ ବୁଥ୍‌ରେ କେଉଁ ପ୍ରାର୍ଥୀଙ୍କୁ କେତେ ଭୋଟ୍ ମିଳିଛି, ତାକୁ ନେଇ ରାଜନୈତିକ ଦଳର ନେତାମାନେ ଦଳୀୟ କର୍ମୀଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି। ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ବୁଥ୍ ବାହୁଡ଼ା ମତ ସଂଗ୍ରହ କରି କାହାକୁ କେତେ ଆସନ ମିଳିବ ଆକଳନ କରୁଥିବା ବେଳେ ଭୋଟରମାନେ ବି ପଛରେ ପଡ଼ିନାହାନ୍ତି। ଚା' ଖଟି, ପାନ ଦୋକାନ ଏପରିକି ଗ୍ରାମାଞ୍ଚଳର ବିଭିନ୍ନ ଛକ ବଜାରରେ ଭୋଟର ଓ କର୍ମୀଙ୍କ ମଧ୍ୟରେ ଦିନତମାମ ଭୋଟକୁ ନେଇ ଆଲୋଚନା ଜାରି ରହିଛି। ଦଳୀୟ କର୍ମୀମାନେ ନିଜ ପ୍ରାର୍ଥୀଙ୍କୁ କେତେ ଭୋଟ ମିଳିଛି, ପ୍ରତି ବୁଥ୍ ସ୍ତରରୁ ହିସାବ ଆରମ୍ଭ କରି ବିଜୟୀ ହେବେ ବୋଲି ଆଶା ବାନ୍ଧିଛନ୍ତି। ଛକ, ବଜାର ସବୁଠି କେବଳ ଏହି ହାର୍‌ଜିତ୍‌କୁ ନେଇ ଜୋରଦାର ଆଲୋଚନା ଚାଲିଛି।

ଷ୍ଟ୍ରଙ୍ଗରୁମ୍ ବାହାରେ, ଏଲ୍‌ଇଡି ଆଗରେ ବିଭିନ୍ନ ପ୍ରାର୍ଥୀଙ୍କ ସମର୍ଥକମାନେ ଉପସ୍ଥିତ ରହି ନଜର ରଖିଛନ୍ତି। ଷ୍ଟ୍ରଙ୍ଗରୁମ୍ ଆଗରେ ଭଦ୍ରକ ପୋଲିସ ସହ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିଛନ୍ତି। ଆସନ୍ତା ୪ ତାରିଖରେ ଭୋଟ ଗଣତି ହେବ।

# ଧାର୍ମିକ ପୀଠରେ ଲାଗିବ ଚନ୍ଦନ ଗଛ

## ଜୁଲାଇ ୧ରୁ 'ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା' ଅଭିଯାନ

ବାରିପଦା,୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦାଉରୁ ସୁରକ୍ଷା ନିମନ୍ତେ ଭଞ୍ଜସେନା ପକ୍ଷରୁ ଆସନ୍ତା ଜୁଲାଇ ୧ରୁ 'ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା' ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଚାରାରୋପଣ ସହ ତାହାର ଯତ୍ନ ନେବା ପାଇଁ ଜିଲାବ୍ୟାପୀ ଏହି କାର୍ଯ୍ୟକ୍ରମ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ବାରୁଣୀ ରୋଡ୍‌ସ୍ଥିତ ସାଇ ବିନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ସମଗ୍ର ଜିଲାରୁ ବିଭିନ୍ନ ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତା ଏବଂ ସବୁ ବର୍ଗର ଲୋକଙ୍କୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ବାବଦରେ ଆଲୋଚନା କରାଯାଇଛି। ଚଳିତ ଗ୍ରୀଷ୍ମଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବାରିପଦା ସହର ରାଜ୍ୟ ଓ ବିଶ୍ୱରେ ଉତ୍ତପ୍ତ ସହର ଭାବେ ବାରମ୍ବାର ପରିଗଣିତ ହୋଇଛି। ଆଗାମୀ ଦିନରେ ଏଭଳି ସମସ୍ୟାକୁ ମୁକାବିଲା କରିବା ପାଇଁ ଏହି କାର୍ଯ୍ୟକ୍ରମରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଛି। ଜଙ୍ଗଲ ସୃଷ୍ଟି କରିବା ସହ ଜଙ୍ଗଲ ଓ ଗଛକୁ ବଞ୍ଚିଥିବା ପର୍ଯ୍ୟନ୍ତ


ପରିବେଶ ସୁରକ୍ଷା ନେଇ ବୈଠକରେ ଉପସ୍ଥିତ ଭଞ୍ଜସେନାର କର୍ମକର୍ତ୍ତା ଓ ଅନ୍ୟମାନେ।

ସୁରକ୍ଷା ଯୋଗାଇବା ଏବଂ 'ଗଛର ଶତ୍ରୁକୁ ମୋର ଶତ୍ରୁ ବୋଲି ଭାବିବି' ସ୍ଲୋଗାନ ଦିଆଯାଇଛି।

ଜୁଲାଇ ୧ରୁ ଜିଲାର ୫୦ ଧାର୍ମିକ ପୀଠରେ ଚନ୍ଦନ ଗଛ ଲଗାଇ ବ୍ୟାପକ ଭାବେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଜିଲାର ବିଭିନ୍ନ ନଦୀ ଓ ପୋଖରୀ କୂଳରେ ବର, ଅଶ୍ୱତଥ୍, ତାଳ ଗଛ ଆଦି ଲଗାହେବ। ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ଔଷଧୀୟ ଗଛ ସହ ପଶୁ ପକ୍ଷୀଙ୍କ ପାଇଁ ଫଳନ୍ତି ଗଛ ମଧ୍ୟ ରୋପଣ କରାଯିବ। ବନ ବିଭାଗ ସହ ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ବିଭିନ୍ନ ଏନଜିଓ ଦ୍ୱାରା ପ୍ରତିବର୍ଷ ହେଉଥିବା ଚାରାରୋପଣ କାର୍ଯ୍ୟକ୍ରମକୁ ତଦାରଖ କରିବା ଲାଗି ବେସରକାରୀ ଭାବେ 'ଭଞ୍ଜସେନା ଦୁର୍ନୀତି ନିବାରଣ ଶାଖା' ଗଠନ ହୋଇ ଠିକ୍ ଭାବେ କାର୍ଯ୍ୟ କରାଇବା ପାଇଁ ବିଭାଗଗୁଡ଼ିକ ଉପରେ ଚାପ ପ୍ରୟୋଗ କରିବ। ବିଭିନ୍ନ ବିଭାଗ ପକ୍ଷରୁ ଏବେ ହେଉଥିବା ଡ୍ରେନେଜ କାର୍ଯ୍ୟଗୁଡ଼ିକର 'ୟୁ' ଭଳି ଆକାର ନ ହୋଇ ରାଜା ରାଜୁଡ଼ା ସମୟରୁ ହୋଇଥିବା 'ଭି' ଆକାରର କରାଯିବ। ବାୟୁ ମଣ୍ଡଳକୁ ପ୍ରଦୂଷଣ କରୁଥିବା ବ୍ୟବସ୍ଥାୟୀ ସଂସ୍ଥାଗୁଡ଼ିକୁ ଚାରାରୋପଣ କରିବାକୁ ଅନୁରୋଧ କରାଯିବ। ଯେଉଁ ସଂସ୍ଥା ନ ମାନିବ ଆବଶ୍ୟକ ପଡ଼ିଲେ ସଂସ୍ଥା ଫାଟକ ଆଗରେ ବସି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ପୋଖରୀ ଓ ନଦୀ ତୁଠରେ ସିମେଣ୍ଟ ଦ୍ୱାରା ହେଉଥିବା ପଥର ପ୍ୟାକିଂ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

ବୈଠକରେ ଜିଲା ଉପାଧ୍ୟକ୍ଷ ଜିତେନ୍ଦ୍ର ହେମ୍ବ୍ରମ, ଲାଲ ବାହାଦୁର ମହାନ୍ତି, ଜିଲା ସଭାପତି ପିଣ୍ଟୁ ମାଇତି, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ମହିଳା ଶାଖା ସଭାନେତ୍ରୀ କନିକା ବୋଷ, ଉପସଭାପତି ରାକେଶ ମହାନ୍ତି, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, ଆଦିବାସୀ ଶାଖା ସହର ସଭାପତି ସିଙ୍ଗରାୟ ହେମ୍ବ୍ରମ, ସହର ଶାଖା ସାଧାରଣ ସମ୍ପାଦକ ଅମିତ କୁମାର, ଭାଗବତ ହେମ୍ବ୍ରମ, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଆଦିବାସୀ ଶାଖା ସଭାପତି ସଞ୍ଜୟ ହାଁସଦା, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟ ପ୍ରକାଶ ମହାନ୍ତି ପ୍ରମୁଖଙ୍କ ସହ ଜିଲାର ବହୁ ଯୁବ ଓ ଛାତ୍ର ସଙ୍ଗଠକ ଯୋଗ ଦେଇଥିଲେ। ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟ, ସାମାଜିକ କର୍ମୀ ସଞ୍ଜୀବ ଦ୍ୱିବେଦୀ, ବଳଦେବ ଶତପଥୀ, ରାକେଶ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଗଛ ଲଗାଇବା ଓ ତା'ର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଡା. ଅନିଲ ବାଲେଶ୍ୱର ମଣ୍ଡଳ ଆୟୁର୍ବେଦ ଚିକିତ୍ସାଧିକାରୀ

ଭଦ୍ରକ,୨।୬(ସନାତନ ରାଉତ/ ରବିନାରାୟଣ ଖିଲାର)

ବାଲେଶ୍ୱର ମଣ୍ଡଳ ଅର୍ଥାତ୍ ଭଦ୍ରକ ଓ ବାଲେଶ୍ୱର ଜିଲାର ଆୟୁର୍ବେଦ ଚିକିତ୍ସାଧିକାରୀ (ଡିଏମ୍‌ଓ) ଭାବେ ଡା. ଅନିଲ କୁମାର ଦାଶ ନିଯୁକ୍ତି ପାଇଛନ୍ତି। ସେ ଡା. ପ୍ରଶାନ୍ତ କୁମାର ନନ୍ଦଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଡା. ଦାଶ ତିହିଡ଼ି ଗ୍ରାମରେ ଜନ୍ମଲାଭ କରିଥିବା ବେଳେ ଏବେ ସମରାଇପୁରର ସ୍ଥାୟୀ ବାସିନ୍ଦା। ବହୁଦରଡ଼ା ଗ୍ରାମସ୍ଥିତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଚିକିତ୍ସକ ଭାବେ ସେ କାର୍ଯ୍ୟରତ ଥିଲେ। ସେ ଏକାଧାରରେ ଚିକିତ୍ସକ, ସାହିତ୍ୟିକ, କବି, ଲେଖକ, ସୁସଙ୍ଗଠକ ଭାବେ ସୁପରିଚିତ। ସେ 'ଆମ ମାତୃଭାଷା ପରିଷଦ' ସଂକ୍ରାନ୍ତି ଆସରର ପ୍ରତିଷ୍ଠାତା ସମ୍ପାଦକ ସହ ଭାରତୀୟ ଭେଷଜ ଚିକିତ୍ସକ ସଂଘ ଭଦ୍ରକ ଶାଖାର ସହଯୋଗୀ ସଦସ୍ୟ ଅଛନ୍ତି। ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।




# ରାସ୍ତା ମରାମତି କଲେ ଗ୍ରାମବାସୀ


ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ଜଳେଶ୍ୱର,୨।୬(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଅଧୀନ ବରଡ଼ିହା ଗ୍ରାମ ପଞ୍ଚାୟତ ୫ ନଂ. ୱାର୍ଡର ଭୋଳ ଗ୍ରାମବାସୀ ପ୍ରଶାସନ ଉପରୁ ଭରସା ତୁଟାଇ ରାସ୍ତା ମରାମତି କରିଛନ୍ତି।

ଏହି ଗ୍ରାମର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆସୁଥିବା ଅଭିଯୋଗ କରି ଆସୁଛନ୍ତି। ଗ୍ରାମରେ ପିଇବା ପାଣିର ସୁବିଧା ଓ ଭଲ ରାସ୍ତାଟିଏ ନାହିଁ। ଭୋଳ ଛକଠାରୁ ଗ୍ରାମରେ ଥିବା ବଡ଼ାମ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ଦିନ ହେବ ୨୦ ପରିବାର ଆଣ୍ଠୁଏ କାଦୁଅରେ ପଶି ଯିବାଆସିବା କରୁଛନ୍ତି । ଗ୍ରାମର ସମସ୍ତ ଲୋକ ରାସ୍ତାଟିଏ ପାଇଁ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମହାନ୍ତିଙ୍କଠାରୁ ଆରମ୍ଭ କରି ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କିନ୍ତୁ କିଛି ସୁଫଳ ମିଳିପାରିନାହିଁ। କେବଳ ପ୍ରତିଶ୍ରୁତିରେ ଅଟକିଛି ଲୋକଙ୍କ ସମସ୍ୟା। ଏହାର ପ୍ରତିବାଦରେ ରବିବାର ଗ୍ରାମବାସୀ ଉକ୍ତ ରାସ୍ତାରେ ମୋରମ୍ ବିଛାଇ ମରାମତି କରିଥିଲେ। ଗ୍ରାମର ଧରମା ହେମ୍ବ୍ରମ୍, ହୀରା ମହାନ୍ତ, ଜଗନ୍ନାଥ ମହାନ୍ତ, ମାଳତୀ ମହାନ୍ତ, ଦୀପକ ମହାନ୍ତ, ବାରେନ୍ ମହାନ୍ତଙ୍କ ସହିତ ବହୁ ଗ୍ରାମବାସୀ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।


କେନ୍ଦୁଝର ଜିଲା ନରଣପୁର-ଡୁବୁରି ରାସ୍ତା ପଣ୍ଡାପଡ଼ା ନିକଟରେ ମହିଳାମାନେ ବାଡ଼ିରେ ଉତ୍ପାଦିତ ପନିପରିବା ଓ ଫଳ ବିକ୍ରି କରୁଛନ୍ତି।(ଫଟୋ-ନରେଶ ପଟ୍ଟନାୟକ)

# ଘର ଭାଙ୍ଗିଲେ ହାତୀପଲ

## ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

ନୀଳଗିରି,୨।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବନ ବିଭାଗ ଅଧୀନ ଗୋପାଳପୁର ଓ ତିନି କୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱ ଗ୍ରାମରେ ହାତୀ ଆତଙ୍କ ଦେଖାଦେଇଛି। ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟରୁ ୪୬ରୁ ଊର୍ଦ୍ଧ୍ୱ ହାତୀ ଗୁରୁବାର ମୟୂରଭଞ୍ଜ ସୀମାନ୍ତ ପାରି ହୋଇ ପୁନ୍ଦାଳ କାଠପାଳ ରାସ୍ତା ଦେଇ ଅଯୋଧ୍ୟା ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ୭ରୁ ଅଧିକ ଦନ୍ତା ହାତୀ ଥିବା ବେଳେ ୧୫ରୁ ଅଧିକ ଛୁଆ ହାତୀ ଥିବା ସୂଚନା ମିଳିଛି। ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଉଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଶନିବାର ରାତି ପ୍ରାୟ ୧୦ଟା ବେଳେ ହାତୀପଲ ଜଙ୍ଗଲ ମଧ୍ୟରୁ ବାହାରି ଭଉଁରୀଆବାଡ଼ ପଞ୍ଚାୟତ କୁଡୁମିପାଳ ଗ୍ରାମରେ ପଶି କାର୍ତ୍ତିକ ସିଂଙ୍କ ଘର ଭାଙ୍ଗି ଧାନ ଖାଇବା ସହ ଆସବାବପତ୍ର ଭାଙ୍ଗିରୁଜି ଦେଇଛନ୍ତି। ହାତୀ ଆକ୍ରମଣରୁ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ କାର୍ତ୍ତିକ ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା, ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡ଼ଗୁଡ଼ିକର ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ରିପୋର୍ଟ ଲେଖାହେବା ବେଳକୁ ହାତୀପଲ ଗୋପାଳପୁର ଜଙ୍ଗଲରେ ରହିଥିବା ବନ ବିଭାଗ ସୂଚନା ଦେଇଛି।


ହାତୀପଲ ଭାଙ୍ଗି ଦେଇଥିବା ଘର।

# ପୁରୀ ଭଉଁରି ଯାତ୍ରାରେ ପ୍ରଚାର ସମିତି ଅନୁବନ୍ଧିତ ସଂକୀର୍ତ୍ତନ ମଣ୍ଡଳୀ

ଭଦ୍ରକ, ୨।୬ (ରବିନାରାୟଣ ଖିଲାର)

ଶ୍ରୀଜଗନ୍ନାଥଙ୍କ ଭଉଁରି ଯାତ୍ରାର ଅନ୍ତିମ ପର୍ଯ୍ୟାୟ ଗତ ୨୭ରୁ ୨୯ ତାରିଖ ତିନିଦିନ ଧରି ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ସହ ଅନୁବନ୍ଧିତ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ, ପୁରୀ ଅଧୀନ ୯ଟି ସଂକୀର୍ତ୍ତନ ମଣ୍ଡଳୀ ଭଦ୍ରକ ଓ ବାଲେଶ୍ୱର ଜିଲାରୁ ସାମିଲ ହୋଇଥିଲା। ପ୍ରଚାର ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ଓ ସହ ଆବାହକ ବାବୁଲାଲ ଦାସଙ୍କ ନେତୃତ୍ୱରେ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ସଂକୀର୍ତ୍ତନ ସେବା ସୁଚାରୁରୂପେ ସମ୍ପାଦନ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀର ତତ୍ତ୍ୱାବଧାରକ ଭାବେ ସର୍ବଶ୍ରୀ ସୁରେନ୍ଦ୍ର ନାୟକ, ଗୋବର୍ଦ୍ଧନ ନାୟକ, ବିଜୟ ନାୟକ, ଉମାକାନ୍ତ ମଲ୍ଲିକ, ଦୁର୍ଗାଚରଣ ନାୟକ, ବୈତରଣୀ ନାୟକ, ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଗୀତାରାଣୀ ମଲ୍ଲିକ, ସୁକାନ୍ତି ମଲ୍ଲିକ, ବାଲେଶ୍ୱର ଜିଲା ପକ୍ଷରୁ ସୁଶ୍ରୀ ଅନ୍ନପୂର୍ଣ୍ଣା ଦାସ, ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀ, ବାଲୁକେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ, ଗୋପାଳଜୀଉ ସଂକୀର୍ତ୍ତନ ମଣ୍ଡଳୀ, ପଞ୍ଚସଖା ସଂକୀର୍ତ୍ତନ ମଣ୍ଡଳୀ, ମା' ମଙ୍ଗଳା, ନିତାଇଗୌର ସଂକୀର୍ତ୍ତନ ମଣ୍ଡଳୀ ବାଲେଶ୍ୱର ଓ ଭଦ୍ରକ ଜିଲାରୁ ଯୋଗ ଦେଇଥିଲେ। ଭଦ୍ରକ ଗୁଜିଦରଡ଼ା ଗ୍ରାମରୁ ନବଗଠିତ ଶ୍ରୀ ପତିତପାବନ ସଂକୀର୍ତ୍ତନ ମଣ୍ଡଳୀର ମୁଖ୍ୟ ମୃତ୍ୟୁଞ୍ଜୟ ସାହୁ ସହଯୋଗ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସ୍ୱାଗତ କରିଥିଲେ।

# ଥାନାରେ ମାମଲା ରୁଜୁ, ତଦନ୍ତ ଜାରି

## ବୁଥ୍ ପରିସରରେ ସ୍ତ୍ରୀଙ୍କୁ ହତ୍ୟା ଘଟଣା

ଭଦ୍ରକ,୨।୬ (ସନାତନ ରାଉତ)

ଭଦ୍ରକ ବିଧାନସଭା କ୍ଷେତ୍ର ଅନ୍ତର୍ଗତ କାଉପୁର ପଞ୍ଚାୟତର ମୁକ୍ତାଡି ସ୍କୁଲରେ ୪ ନଂ. ବୁଥ୍ ପରିସରରେ ସ୍ତ୍ରୀଙ୍କୁ ସ୍ୱାମୀ ଭୁଜାଲିରେ ହାଣି ହତ୍ୟା କରିବା ଘଟଣାରେ ରବିବାର ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୩୭୭/୨୪) ରୁଜୁ କରାଯାଇଛି। ଅଭିଯୁକ୍ତ ମୁକ୍ତାଡି ଗ୍ରାମର ପ୍ରଭାକର ରାଉତ ଓ ତାଙ୍କ ଭାଇଙ୍କୁ ପୋଲିସ ଶନିବାରଠାରୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ମୁକ୍ତାଡି ଗ୍ରାମର ପ୍ରଭାକର ରାଉତ ଓ ସ୍ତ୍ରୀ ଗ୍ରାମାଞ୍ଚଳ ଥାନା ଅଧୀନ ଜିରାଗମ୍ଭୀରା ଗ୍ରାମର ରଶ୍ମିରେଖା ବେହେରାଙ୍କ ମଧ୍ୟରେ ଗତ କିଛି ମାସ ଧରି ପାରିବାରିକ ସମ୍ପର୍କ ଭଲ ନ ଥିଲା। ରଶ୍ମିରେଖା ତାଙ୍କ ବାପଘରେ ରହୁଥିଲେ। ପ୍ରଭାକର ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ମାରିବା ପାଇଁ ସୁଯୋଗ ଖୋଜୁଥିଲେ। ଶନିବାର ରଶ୍ମିରେଖା ଭୋଟ ଦେବା ପାଇଁ ବୁଥ୍‌କୁ ଆସିଥିବା ବେଳେ ସେଠାରେ ପ୍ରଭାକର ଭୁଜାଲିରେ ତାଙ୍କ ବେକକୁ ହାଣିବା ସହ ପେଟକୁ ଭୁସି ଦେଇଥିଲେ। ପ୍ରଭାକର ଓ ତାଙ୍କ ଭାଇଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ।

# ବିଶ୍ୱ ବିନାୟକ ଡିଗ୍ରୀ କଲେଜ ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା


ନମ୍ରତା, ତାଙ୍କ ବାପା ବିଜୟାନନ୍ଦ ବେହେରା, ମାଆ ଗୀତାଞ୍ଜଳି ଓ ଅତିଥିମାନେ।

ପାଟଣା,୨।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କ୍ଷୀରେଇଟାଙ୍ଗିରୀ ବିଶ୍ୱ ବିନାୟକ ଡିଗ୍ରୀ କଲେଜ ପକ୍ଷରୁ ରବିବାର ଡିଗ୍ରୀ ମହାବିଦ୍ୟାଳୟର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନାରାୟଣ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବରେ ସାମାଜିକକର୍ମୀ ମହେଶ୍ୱର ନଏକ, ସମ୍ମାନିତ ଅତିଥିଭାବରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ନବକିଶୋର ବେହେରା, ମହାବିଦ୍ୟାଳୟର ମାନବ ସମ୍ବଳ ଅଧିକାରୀ ସୁରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସରେ ଟପ୍ପର ହୋଇଥିବା ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା ବେହେରାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ନମ୍ରତାଙ୍କ ବାପା ବିଜୟାନନ୍ଦ ବେହେରା ଏବଂ ମାଆ ଗୀତାଞ୍ଜଳିଙ୍କୁ ମଧ୍ୟ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରହଲ୍ଲାଦ ମହାନ୍ତ ପରିଚାଳନା କରିଥିବା ବେଳେ ସୁବାସ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ସାପ କାମୁଡ଼ାରେ ବାଳିକାଙ୍କ ମୃତ୍ୟୁ

କେନ୍ଦୁଝର,୨।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଅନୁଗୁଳ ଜିଲା ପାଲଲହଡ଼ା ଅଞ୍ଚଳର ଜଣେ ବାଳିକାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ନାବାଳିକା ହେଲେ ପାଲଲହଡ଼ା ଅଞ୍ଚଳର ରାକ୍ଷୀ ସିଧୁ। ରାକ୍ଷୀଙ୍କୁ ଏକ ଚିତି ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାକ୍ଷୀଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଲାଇଫ୍ ସେଭର୍ସ ସାମାଜିକକର୍ମୀଙ୍କ ସହାୟତାରେ କେନ୍ଦୁଝର ଟ୍ରକ୍ ଆସୋସିଏସନ ଗାଡ଼ି ଯୋଗେ ମୃତଦେହ ଘରକୁ ପଠାଯାଇଥିଲା।


# ଲିଫ୍ଟ ଅଚଳ, ରୋଗୀ ହନ୍ତସନ୍ତ

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

ଚମ୍ପୁଆ,୨।୬(ମହେଶ୍ୱର ଦାସ)

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଉନ୍ନତ ରୋଗୀ ସେବା ଯୋଗାଇ ଦେବା ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ହୋଇଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଗର୍ଭବତୀ ଓ ଶିଶୁ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବିଭାଗର ଲିଫ୍ଟ ଅଚଳ ହୋଇପଡ଼ିଛି। ଫଳରେ ରୋଗୀ ଓ କର୍ମଚାରୀମାନେ ପାଦଚଲା ରାସ୍ତା ତଥା ସିଡି ଦ୍ୱାରା ଚାଲି ଚାଲି ଯାଉଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଗର୍ଭବତୀ ସିଡ଼ିରେ ବହୁ ହନ୍ତସନ୍ତ ହୋଇ ଯିବାକୁ ପଡୁଛି।

ସୂଚନା ଅନୁଯାୟୀ, ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଓ ଶିଶୁ ରୋଗ ବିଭାଗ ନିମନ୍ତେ ଅନେକ କୋଟି ଟଙ୍କା ବ୍ୟୟରେ ମାତୃ ଶିଶୁ ବିଭାଗ ନିର୍ମାଣ କରାଯାଇଥିଲା। ବିଭାଗକୁ ଚିକିତ୍ସା ପାଇଁ ଆସୁଥିବା ଗର୍ଭବତୀ ଓ ଶିଶୁ ରୋଗୀମାନଙ୍କ ସୁବିଧା ନିମନ୍ତେ ଲିଫ୍ଟର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଦୀର୍ଘ ୮ ମାସରୁ ଊର୍ଦ୍ଧ୍ୱ ହେବ ଉକ୍ତ ୨ ଲିଫ୍ଟ ଖରାପ ହୋଇପଡ଼ିଛି। ଫଳରେ ରୋଗୀମାନେ ନାନା କଷ୍ଟ ଭୋଗ କରୁଛନ୍ତି। ଏ ନେଇ ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଉମାକାନ୍ତ ସାହୁ କହିଛନ୍ତି, ଏହା ଏକ ମୁମ୍ବାଇ କମ୍ପାନୀ ଦ୍ୱାରା ବସାଯାଇଥିଲା। ତାଙ୍କୁ ଲିଫ୍ଟ ଖରାପ ହୋଇଥିବା କଥା ସୂଚନା ଦେବା ସହିତ ଏହାର ମରାମତି ପାଇଁ ନିବେଦନ କରିଛୁ। କମ୍ପାନୀ ପକ୍ଷରୁ ଦାବି ଅନୁଯାୟୀ ୧ ଲକ୍ଷ ୬୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ତଥାପି କମ୍ପାନୀ ବାରମ୍ବାର ସମୟ ଗଡ଼ାଇ ଚାଲିବା ଫଳରେ ରୋଗୀ ଓ କର୍ମଚାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଏଥିପ୍ରତି କମ୍ପାନୀ ପଦକ୍ଷେପ ଗ୍ରହଣ ନ କରେ ବାଧହୋଇ ଓକିଲ ନୋଟିସ୍ ପଠାଇବୁ ବୋଲି ସେ କହିଛନ୍ତି।



ଖରାପ ହୋଇଥିବା ଲିଫ୍ଟ।

# ରକ୍ତ ଆବଶ୍ୟକ ପଡ଼ିଲେ ଖୋଜାପଡ଼ନ୍ତି ଏସ୍‌କେ ତହିଦ୍

## ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଜୀବନ ବଞ୍ଚାଇଲେଣି

କେନ୍ଦୁଝର,୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

ରକ୍ତଦାନ ମହତ ଦାନ। ଏଥିପାଇଁ ବହୁ ସାମାଜିକକର୍ମୀ ରକ୍ତଦାନ ପରି ମହତ କାମ କରି ପ୍ରଶଂସିତ ହୋଇ ଆସୁଛନ୍ତି। ଏଭଳି ଜଣେ ଯୁବକ ନିୟମିତ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ପଡୁଥିବା ବ୍ୟକ୍ତିଙ୍କୁ ରକ୍ତଦେଇ ଜୀବନ ବଞ୍ଚାଇଥାଆନ୍ତି। କୌଣସି ଗରିବ ଅସହାୟ ଲୋକ ରକ୍ତର ଆବଶ୍ୟକତା ପଡ଼ିଲେ ତାଙ୍କୁ ଖୋଜାପଡ଼େ। ସେ ନିଜେ ରକ୍ତ ଦିଅନ୍ତି ନଚେତ୍ ରକ୍ତ ଯୋଗାଡ଼କରି ସହାୟତା କରିଥାନ୍ତି। ସେ ହେଉଛନ୍ତି କେନ୍ଦୁଝର ଜିଲାର ଟାଉନ ଥାନା ମାଗୁରଗାଡ଼ିଆର ଏସ୍‌କେ ତହିଦ୍। ତହିଦ୍‌ଙ୍କ କହିବା ଅନୁଯାୟୀ, ରକ୍ତ ଅଭାବରୁ କାହାରି ଜୀବନ ଅକାଳରେ ନ ଯାଉ। ଏଣୁ ବିଶେଷକରି ଗରିବ ଲୋକଙ୍କୁ ରକ୍ତଦାନ କରିବା ସହ ରକ୍ତଦାନ ଶିବିର ଆୟୋଜନ କରି ଆସୁଛନ୍ତି। ଗର୍ଭବତୀଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସେ ଓ ତାଙ୍କ ଉଦ୍ୟମରେ ରକ୍ତଦାନକରି ସେବା କରିଥିବା କୁହନ୍ତି। କେହି କେନ୍ଦୁଝର ମେଡିକାଲରେ ଆର୍ଥିକ ସମସ୍ୟା କିମ୍ବା ଜରୁରୀ ଚିକିତ୍ସା ସେବାରୁ ବଞ୍ଚିତ ହେଲେ ତାଙ୍କର ପ୍ରଚେଷ୍ଟାରେ ଲୋକଙ୍କୁ ସୁବିଧା ଯୋଗାଇ ଆସୁଥିବା ସେ ମତପ୍ରକାଶ କରିଛନ୍ତି। ଏପରି ସେବାକାର୍ଯ୍ୟକୁ ନେଇ ଅଞ୍ଚଳବାସୀଙ୍କଠାରୁ ପ୍ରଶଂସା ସାଉଁଟିଛନ୍ତି। ମୁସଲମାନ ସମ୍ପ୍ରଦାୟର ହୋଇ ମଧ୍ୟ କୌଣସି ପାତରଅନ୍ତର ନ କରି ସବୁ ଜରୁରୀ ଗରିବ ଲୋକଙ୍କୁ ରକ୍ତ ଦାନକରି ଆସୁଛନ୍ତି। ସେ ପ୍ରଶଂସାପତ୍ର ଅପେକ୍ଷା ରୋଗୀର ଆଶୀର୍ବାଦ ପାଇ ଖୁସି ହୋଇଥାନ୍ତି ବୋଲି କହିଥିଲେ।


ଏସ୍‌କେ ତହିଦ୍ ରକ୍ତଦାନ କରୁଛନ୍ତି।

# କନ୍ୟାକୁମାରୀରେ ସାଧନାରୁ ଜନ୍ମନେଲା ନୂଆ ସଂକଳ୍ପ

**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ମୋର ପ୍ରିୟ ଦେଶବାସୀଗଣ,
ଗଣତନ୍ତ୍ରର ଜନନୀରେ ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବ ଆଜି ଜୁନ୍ ପହିଲାରେ ପୂରଣ ହେଉଛି। କନ୍ୟାକୁମାରୀରେ ତିନିଦିନର ଆଧ୍ୟାତ୍ମିକ ଯାତ୍ରା ପରେ ମୁଁ ଏବେ ଦିଲ୍ଲୀ ଅଭିମୁଖେ ବିମାନରେ ଚଢ଼ିଛି। କାଶୀ ସମେତ ଅନେକ ଆସନରେ ମତଦାନ ଚାଲିଛି। ଅନେକ ଅଭିଜ୍ଞତା ଅଛି, ଅନେକ ଅନୁଭୂତି ବି ଅଛି... ମୁଁ ନିଜ ଭିତରେ ଅସୀମ ଶକ୍ତିର ପ୍ରବାହ ଅନୁଭବ କରୁଛି।

ବାସ୍ତବରେ ଏହି ୨୪ ନିର୍ବାଚନରେ ଅନେକ ସୁଖଦ ସଂଯୋଗ ଦେଖିବାକୁ ମିଳିଛି। ଅମୃତକାଳର ଏହି ପ୍ରଥମ ଲୋକ ସଭା ନିର୍ବାଚନରେ ମୁଁ ୧୮୫୭ ମସିହାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରେରଣାସ୍ଥଳୀ ମେରଟରୁ ପ୍ରଚାର ଆରମ୍ଭ କରିଥିଲି। ମା' ଭାରତୀର ପରିକ୍ରମା କରି ଏହି ନିର୍ବାଚନର ମୋର ଶେଷ ସଭା ପଞ୍ଜାବର ହୋସିଆରପୁରଠାରେ ଅନୁଷ୍ଠିତ ହୋଇଥିଲା। ସନ୍ଥ ରବିଦାସଜୀଙ୍କ ତପୋଭୂମିରେ, ଆମ ଗୁରୁମାନଙ୍କ ଭୂମି ପଞ୍ଜାବରେ ଶେଷ ସଭା ହେବାର ସୌଭାଗ୍ୟ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର। ଏହା ପରେ କନ୍ୟାକୁମାରୀରେ ଭାରତମାତାଙ୍କ ଚରଣରେ ବସିବାର ସୁଯୋଗ ପାଇଥିଲି। ସେହି ପ୍ରାରମ୍ଭିକ ମୁହୂର୍ତ୍ତରେ ମୋ ମନରେ ନିର୍ବାଚନର କୋଳାହଳ ଗୁଞ୍ଜରିତ ହେଉଥିଲା। ସଭା, ଶୋଭାଯାତ୍ରାରେ ମୁଁ ଦେଖିଥିବା ଅଗଣିତ ଚେହେରା ମୋ ଆଖି ସାମ୍ନାକୁ ଆସୁଥିଲା। ମା', ଭଉଣୀ ଓ ଝିଅମାନଙ୍କର ଅସୀମ ସ୍ନେହର ସେହି ଜୁଆର, ସେମାନଙ୍କ ଆଶୀର୍ବାଦ... ସେହି ବିଶ୍ୱାସ, ଯାହା ସେମାନଙ୍କ ଆଖିରେ ମୋ ପାଇଁ ପ୍ରତିଫଳିତ ହୋଇଥିଲା ... ମୁଁ ସବୁ କିଛି ଅନୁଭବ କରୁଥିଲି। ମୋ ଆଖି ଆର୍ଦ୍ର ହୋଇଯାଇଥିଲା... ମୁଁ ଶୂନ୍ୟତା ଭିତରକୁ ଯାଉଥିଲି, ସାଧନାରେ ପ୍ରବେଶ କରୁଥିଲି। ଅଳ୍ପ କିଛି ମୁହୂର୍ତ୍ତରେ ରାଜନୈତିକ ବିବାଦ, ଆକ୍ଷେପ ଓ ପ୍ରତିଆକ୍ଷେପ... ଅଭିଯୋଗର ସ୍ୱର ଓ ଶବ୍ଦ ଶୂନ୍ୟତା ଭିତରେ ସମାହିତ ହୋଇଯାଇଥିଲା। ମନରେ ଥିବା ବୈରାଗ୍ୟ ଭାବନା ଆହୁରି ତୀବ୍ର ହୋଇଗଲା... ମୋ ମନ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଗଲା।

ଏତେବଡ଼ ଦାୟିତ୍ୱ ମଧ୍ୟରେ ଏଭଳି ସାଧନା କଷ୍ଟକର, କିନ୍ତୁ କନ୍ୟାକୁମାରୀର ମାଟି ଏବଂ ସ୍ୱାମୀ ବିବେକାନନ୍ଦଙ୍କ ପ୍ରେରଣା ଏହାକୁ ସହଜ କରିଦେଇଥିଲା। ମୁଁ ମଧ୍ୟ ମୋ କାଶୀ ଭୋଟରଙ୍କ ଚରଣରେ ସାଂସଦ ଭାବେ ମୋର ନିର୍ବାଚନକୁ ଛାଡ଼ି ଏଠାକୁ ଆସିଥିଲି।

ମୁଁ ଭଗବାନଙ୍କ ନିକଟରେ କୃତଜ୍ଞ ଯେ ସେ ମୋତେ ଜନ୍ମରୁ ଏହି ସଂସ୍କାର ଦେଇଛନ୍ତି। ମୁଁ ଏହା ମଧ୍ୟ ଭାବୁଥିଲି ଯେ ସ୍ୱାମୀ ବିବେକାନନ୍ଦ ଜୀ ସେହି ସ୍ଥାନରେ ତାଙ୍କ ସାଧନା ସମୟରେ କ'ଣ ଅନୁଭବ କରିଥିବେ ! ମୋ ସାଧନାର କିଛି ଅଂଶ ଏହିପ୍ରକାର ବିଚାରରେ ପ୍ରବାହିତ ହେଲା।

ଏହି ବୈରାଗ୍ୟ ମଧ୍ୟରେ, ଶାନ୍ତି ଏବଂ ନୀରବତା ମଧ୍ୟରେ, ମୁଁ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଲକ୍ଷ୍ୟ ପାଇଁ ନିରନ୍ତର ବିଚାରରେ ବୁଡ଼ିରହିଥିଲି। କନ୍ୟାକୁମାରୀର ଉଦୀୟମାନ ସୂର୍ଯ୍ୟ ମୋ ବିଚାରକୁ ନୂତନ ଉଚ୍ଚତା ଦେଇଥିଲା, ସମୁଦ୍ରର ବିଶାଳତା ମୋ ବିଚାରକୁ ବିସ୍ତାର କରିଥିଲା, ଆଉ ଦିଗନ୍ତର ବିସ୍ତାର ମୋତେ ବ୍ରହ୍ମାଣ୍ଡର ଗଭୀରତାରେ ଥିବା ଏକାତ୍ମ ଭାବନା ଏବଂ ମୁକ୍ତ ବିଚାର ବିଷୟରେ ନିରନ୍ତର ଅନୁଭବ କରାଇଥିଲା। ଲାଗୁଥିଲା, ଯେମିତି କିଛି ଦଶନ୍ଧି ପୂର୍ବେ ହିମାଳୟ କୋଳରେ କରିଥିବା ଚିନ୍ତନ ଓ ଅନୁଭୂତି ପୁନର୍ଜୀବିତ ହେଉଛି।

ସାଥୀମାନେ,
କନ୍ୟାକୁମାରୀର ଏହି ସ୍ଥାନ ସବୁବେଳେ ମୋ ମନର ଅତି ନିକଟତର ରହିଆସିଛି। କନ୍ୟାକୁମାରୀଠାରେ ବିବେକାନନ୍ଦ ଶିଳା ସ୍ମାରକୀକୁ ଏକନାଥ ରାନାଡେଜୀ ନିର୍ମାଣ କରାଇଥିଲେ। ଏକନାଥଜୀଙ୍କ ସହ ମୋତେ ବହୁତ ଭ୍ରମଣ କରିବାର ସୁଯୋଗ ମିଳିଥିଲା। ଏହି ସ୍ମାରକୀ ନିର୍ମାଣ ସମୟରେ କିଛି ସମୟ କନ୍ୟାକୁମାରୀରେ ରହିବା ଓ ଦର୍ଶନ କରିବା ସ୍ୱାଭାବିକ ଥିଲା।

କଶ୍ମୀରରୁ କନ୍ୟାକୁମାରୀ... ପ୍ରତ୍ୟେକ ଦେଶବାସୀଙ୍କ ହୃଦୟରେ ଏହା ହେଉଛି ଆମର ସାଧାରଣ ପରିଚୟ। ଏହା ହେଉଛି ସେହି ଶକ୍ତିପୀଠ ଯେଉଁଠାରେ ମା' ଶକ୍ତି କନ୍ୟାକୁମାରୀ ଭାବରେ ଅବତାର ନେଇଥିଲେ। ଏହି ଦକ୍ଷିଣ ପ୍ରାନ୍ତରେ ମା' ଶକ୍ତି ତପସ୍ୟା କରି ଭାରତର ଉତ୍ତର ପ୍ରାନ୍ତରେ ହିମାଳୟରେ ବସିଥିବା ଭଗବାନ୍ ଶିବଙ୍କୁ ଅପେକ୍ଷା କରି ରହିଥିଲେ।

କନ୍ୟାକୁମାରୀ ହେଉଛି ସଙ୍ଗମସ୍ଥଳୀର ଭୂମି। ଆମ ଦେଶର ପବିତ୍ର ନଦୀଗୁଡ଼ିକ ବିଭିନ୍ନ ସମୁଦ୍ରରେ ମିଶିଥାନ୍ତି ଏବଂ ଏଠାରେ ସେହି ସମୁଦ୍ରମାନେ ମିଶିଛନ୍ତି। ଏଠାରେ ଆଉ ଏକ ମହାନ୍ ସମାଗମ ହୋଇଥାଏ – ଭାରତର ଆଦର୍ଶଗତ ସଙ୍ଗମ! ବିବେକାନନ୍ଦ ଶିଳା ସ୍ମାରକୀ ସହିତ ସନ୍ଥ ତିରୁୱଲ୍ଲୁବରଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି, ଗାନ୍ଧୀ ମଣ୍ଡପମ୍ ଏବଂ କାମରାଜ୍‌ର ମଣି ମଣ୍ଡପମ୍ ରହିଛି। ମହାନ୍ ବୀରମାନଙ୍କର ବିଚାର ଏଠାରେ ରାଷ୍ଟ୍ର ଚିନ୍ତନର ସଙ୍ଗମ ସୃଷ୍ଟି କରିଥାଏ। ଏହା ଦ୍ୱାରା ରାଷ୍ଟ୍ର ନିର୍ମାଣ ପାଇଁ ମହାନ୍ ପ୍ରେରଣା ସୃଷ୍ଟି ହୋଇଥାଏ। ଯେଉଁମାନେ ଭାରତ ଓ ରାଷ୍ଟ୍ରର ଏକତା ଉପରେ ସନ୍ଦେହ କରନ୍ତି, ସେମାନଙ୍କୁ କନ୍ୟାକୁମାରୀର ଏହି ଭୂମି ଏକତାର ଏକ ଅବିସ୍ମରଣୀୟ ବାର୍ତ୍ତା ଦେଇଥାଏ। କନ୍ୟାକୁମାରୀରେ ଥିବା ସନ୍ଥ ତିରୁୱଲ୍ଲୁବରଙ୍କ ବିଶାଳ ପ୍ରତିମୂର୍ତ୍ତି ସମୁଦ୍ରରୁ ମା' ଭାରତୀଙ୍କ ବିସ୍ତାରକୁ ଦେଖୁଥିବା ପ୍ରତୀୟମାନ ହୋଇଥାଏ। ତାଙ୍କ ରଚନା 'ତିରୁକୁରଲ' ତାମିଲ ସାହିତ୍ୟର ରତ୍ନ ସହ ଜଡ଼ିତ ଏକ ମୁକୁଟ ପରି। ଏଥିରେ ଜୀବନର ପ୍ରତ୍ୟେକ ଦିଗକୁ ବର୍ଣ୍ଣନା କରାଯାଇଛି, ଯାହା ଆମକୁ ନିଜ ପାଇଁ ଏବଂ ଦେଶ ପାଇଁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରେରଣା ଦେଇଥାଏ। ଏପରି ଜଣେ ମହାନ୍ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ମଧ୍ୟ ମୋର ବଡ଼ ସୌଭାଗ୍ୟ।

ସାଥୀମାନେ,
ସ୍ୱାମୀ ବିବେକାନନ୍ଦ କହିଥିଲେ– ପ୍ରତ୍ୟେକ ରାଷ୍ଟ୍ରର ଏକ ବାର୍ତ୍ତା ଥାଏ, ପୂରଣ କରିବା ଲାଗି ଏକ ଲକ୍ଷ୍ୟ ଥାଏ, ପହଞ୍ଚିବା ପାଇଁ ଏକ ଭାଗ୍ୟ ଥାଏ।

ହଜାର ହଜାର ବର୍ଷ ଧରି ଭାରତ ଏହି ଭାବନା ସହିତ ସାର୍ଥକ ଉଦ୍ଦେଶ୍ୟ ନେଇ ଆଗେଇ ଚାଲିଛି। ଭାରତ ହଜାର ହଜାର ବର୍ଷ ଧରି ବିଭିନ୍ନ ବିଚାରର ଗବେଷଣା କେନ୍ଦ୍ର ପାଲଟିଛି। ଆମେ ଆର୍ଥିକ କିମ୍ବା ଭୌତିକ ମାନଦଣ୍ଡରେ ଯାହା ଅର୍ଜିତ କରିଥିଲୁ ତାହାକୁ ଆମର ବ୍ୟକ୍ତିଗତ ପୁଞ୍ଜି କେବେ ବି ଭାବିନାହୁଁ। ସେଥିପାଇଁ 'ଇଦଂ ନ ମମ' ଏହା ଭାରତ ଚରିତ୍ରର ଏକ ପ୍ରାକୃତିକ ଓ ସ୍ୱାଭାବିକ ଅଙ୍ଗ ପାଲଟିଯାଇଛି।

ଭାରତର କଲ୍ୟାଣ ମାଧ୍ୟମରେ ବିଶ୍ୱକଲ୍ୟାଣ ଏବଂ ଭାରତର ପ୍ରଗତି ମାଧ୍ୟମରେ ବିଶ୍ୱର ପ୍ରଗତି, ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ଏହାର ଏକ ବଡ଼ ଉଦାହରଣ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା। ସେତେବେଳେ ପୃଥିବୀର ଅନେକ ଦେଶ ଦାସତ୍ୱରେ ଥିଲେ। ଭାରତର ସ୍ୱାଧୀନତା ମଧ୍ୟ ସେହି ଦେଶଗୁଡ଼ିକୁ ପ୍ରେରଣା ଦେଇଥିଲା ଓ ସୁଦୃଢ଼ କରିଥିଲା, ଫଳରେ ସେମାନେ ସ୍ୱାଧୀନତା ପାଇଥିଲେ। ନିକଟରେ କରୋନା ଭଳି କଠିନ ସମୟର ଉଦାହରଣ ମଧ୍ୟ ଆମ ସାମ୍ନାରେ ରହିଛି। ଯେତେବେଳେ ଗରିବ ଏବଂ ବିକାଶଶୀଳ ଦେଶଗୁଡ଼ିକ ବିଷୟରେ ଆଶଙ୍କା ପ୍ରକାଶ କରାଯାଉଥିଲା, ଭାରତର ସଫଳ ପ୍ରୟାସ ସେସବୁ ଦେଶକୁ ଉତ୍ସାହିତ କରିଥିଲା ଏବଂ ସେମାନଙ୍କୁ ସହଯୋଗ ମଧ୍ୟ ମିଳିଲା। ଆଜି ଭାରତର ଶାସନ ମଡେଲ ବିଶ୍ୱର ଅନେକ ଦେଶ ପାଇଁ ଉଦାହରଣ ପାଲଟିଛି। ମାତ୍ର ୧୦ ବର୍ଷ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବା ଅଭୂତପୂର୍ବ। ଜନହିତକର ସୁଶାସନ, ଆକାଂକ୍ଷୀ ଜିଲା, ଆକାଂକ୍ଷୀ ବ୍ଲକ ଭଳି ଅଭିନବ ପରୀକ୍ଷଣ ଆଜି ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଗରିବଙ୍କୁ ସଶକ୍ତ କରିବାଠାରୁ ଆରମ୍ଭ କରି ଅନ୍ତିମ ସୋପାନରେ ସୁବିଧା ଓ ସେବା ପହଞ୍ଚାଇବା ପର୍ଯ୍ୟନ୍ତ ଅନ୍ତିମ ପଂକ୍ତିରେ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକତା ଦେବା ପାଇଁ ଆମର ପ୍ରୟାସ ବିଶ୍ୱକୁ ପ୍ରେରଣା ଦେଇଛି। ଆମେ କିପରି ଗରିବମାନଙ୍କୁ ସଶକ୍ତ କରିବା, ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କୁ ଅଧିକାର ଦେବା ପାଇଁ ପ୍ରଯୁକ୍ତିର ବ୍ୟବହାର କରିପାରିଛୁ, ବିଶ୍ୱ ପାଇଁ ତାହାର ଏକ ଶ୍ରେଷ୍ଠ ଉଦାହରଣ ପାଲଟିଛି ଭାରତର ଡିଜିଟାଲ ଇଣ୍ଡିଆ ଅଭିଯାନ। ଭାରତରେ ଶସ୍ତା ଡାଟା ଗରିବ ଲୋକଙ୍କୁ ସୂଚନା ଓ ସେବା ମିଳିବା ସୁନିଶ୍ଚିତ କରି ସାମାଜିକ ସମାନତାର ମାଧ୍ୟମ ପାଲଟିଛି। ସମଗ୍ର ବିଶ୍ୱ ପ୍ରଯୁକ୍ତିବିଦ୍ୟାର ଏହି ସାର୍ବଜନୀନକରଣକୁ ଗବେଷଣା ଦୃଷ୍ଟିକୋଣରୁ ଦେଖୁଛି ଏବଂ ବଡ଼ ବଡ଼ ବୈଶ୍ୱିକ ସଂଗଠନଗୁଡ଼ିକ ଆମ ମଡେଲରୁ ଶିଖିବା ପାଇଁ ଅନେକ ଦେଶକୁ ପରାମର୍ଶ ଦେଉଛନ୍ତି।

ଆଜି ଭାରତର ପ୍ରଗତି ଏବଂ ଭାରତର ଉନ୍ନତି କେବଳ ଭାରତ ପାଇଁ ଏକ ବଡ଼ ସୁଯୋଗ ନୁହେଁ। ସମଗ୍ର ବିଶ୍ୱରେ ଥିବା ଆମର ସମସ୍ତ ସାଥୀ ଦେଶଗୁଡ଼ିକ ପାଇଁ ମଧ୍ୟ ଏହା ଏକ ଐତିହାସିକ ଅବସର। ଜି–୨୦ର ସଫଳତା ପରେ ଭାରତର ଏହି ଭୂମିକାକୁ ବିଶ୍ୱ ଅଧିକ ମୁଖର ହୋଇ ଗ୍ରହଣ କରୁଛି। ଆଜି ଭାରତ ଗ୍ଲୋବାଲ ସାଉଥ୍ ବା ଦକ୍ଷିଣ ବିଶ୍ୱର ଏକ ଶକ୍ତିଶାଳୀ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ୱର ଭାବରେ ସ୍ୱୀକୃତି ହାସଲ କରିଛି। ଭାରତ ଉଦ୍ୟମରେ ଆଫ୍ରିକୀୟ ସଂଘ ଜି–୨୦ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା। ଏହା ସମସ୍ତ ଆଫ୍ରିକୀୟ ଦେଶର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

ବନ୍ଧୁଗଣ,
ନୂଆ ଭାରତର ଏହି ରୂପ ଆମକୁ ଗର୍ବ ଓ ଗୌରବରେ ଭରି ଦେଇଥାଏ, କିନ୍ତୁ ଏହା ସହିତ ୧୪୦ କୋଟି ଦେଶବାସୀଙ୍କୁ ନିଜ କର୍ତ୍ତବ୍ୟର ମଧ୍ୟ ଅନୁଭବ କରାଇଥାଏ। ଏବେ ଗୋଟିଏ ମୁହୂର୍ତ୍ତ ବି ନଷ୍ଟ ନ କରି ଆମକୁ ବଡ଼ ଦାୟିତ୍ୱ ଓ ବଡ଼ ଲକ୍ଷ୍ୟ ଦିଗରେ ପଦକ୍ଷେପ ନେବାକୁ ପଡ଼ିବ। ଆମର ନୂଆ ସ୍ୱପ୍ନ ଅଛି। ନିଜ ସ୍ୱପ୍ନକୁ ନିଜ ଜୀବନ ଭାବେ ଗ୍ରହଣ କରନ୍ତୁ ଏବଂ ସେହି ସ୍ୱପ୍ନକୁ ସାକାର କରିବା ଆରମ୍ଭ କରନ୍ତୁ।

ଆମକୁ ଭାରତର ବିକାଶକୁ ଏକ ବିଶ୍ୱ ପରିପ୍ରେକ୍ଷୀରେ ଦେଖିବାକୁ ପଡ଼ିବ ଏବଂ ଏଥିପାଇଁ ଆମେ ଭାରତର ଅନ୍ତର୍ନିହିତ ସମ୍ଭାବନାକୁ ବୁଝିବା ଜରୁରୀ। ଆମକୁ ଭାରତର ଶକ୍ତିକୁ ସ୍ୱୀକାର ଏବଂ ସୁଦୃଢ଼ କରିବାକୁ ପଡ଼ିବ ଏବଂ ବିଶ୍ୱର ସ୍ୱାର୍ଥ ପାଇଁ ଏହାର ପୂର୍ଣ୍ଣ ଉପଯୋଗ କରିବାକୁ ହେବ। ଆଜିର ବୈଶ୍ୱିକ ପରିସ୍ଥିତିରେ, ଏକ ଯୁବ ରାଷ୍ଟ୍ର ଭାବରେ ଭାରତର ସାମର୍ଥ୍ୟ ଆମ ପାଇଁ ଏକ ଏପରି ସୁଖଦ ସଂଯୋଗ, ଯେଉଁଠାରୁ ଆମକୁ ଆଉ ପଛକୁ ଫେରି ଦେଖିବାକୁ ପଡ଼ିବ ନାହିଁ। ଏକବିଂଶ ଶତାବ୍ଦୀର ବିଶ୍ୱ ଭାରତକୁ ବହୁତ ଆଶାର ସହ ଦେଖୁଛି। ଆହୁରି ବିଶ୍ୱ ପରିପ୍ରେକ୍ଷୀରେ ଆଗକୁ ବଢ଼ିବାକୁ ହେଲେ ଆମକୁ ଅନେକ ପରିବର୍ତ୍ତନ କରିବାକୁ ପଡ଼ିବ। ସଂସ୍କାରକୁ ନେଇ ଆମର ପାରମ୍ପରିକ ଚିନ୍ତାଧାରା ମଧ୍ୟ ଆମକୁ ବଦଳାଇବାକୁ ପଡ଼ିବ। ଭାରତ କେବଳ ସଂସ୍କାରକୁ ଆର୍ଥିକ ପରିବର୍ତ୍ତନରେ ସୀମିତ ରଖିପାରିବ ନାହିଁ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାର ଦିଗରେ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ଆମ ସଂସ୍କାର ମଧ୍ୟ ୨୦୪୭ର ବିକଶିତ ଭାରତ ସଂକଳ୍ପ ସହିତ ସମାନ ହେବା ଉଚିତ। ଆମକୁ ଏହା ମଧ୍ୟ ବୁଝିବାକୁ ହେବ ଯେ ସଂସ୍କାର କେବେ ବି କୌଣସି ଦେଶ ପାଇଁ ଏକ ଅଲଗା ପ୍ରକ୍ରିୟା ହୋଇପାରିବ ନାହିଁ। ସେଥିପାଇଁ ମୁଁ ଦେଶ ନିମନ୍ତେ 'ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର'ର ଲକ୍ଷ୍ୟ ରଖିଥିଲି। ସଂସ୍କାରର ଦାୟିତ୍ୱ ନେତୃତ୍ୱ ଉପରେ ରହିଛି। ସେହି ଆଧାରରେ ଆମ ଅମଲାତନ୍ତ୍ର କାର୍ଯ୍ୟ କରିଥାଏ ଏବଂ ତା'ପରେ ଯେତେବେଳେ ଜନସାଧାରଣ ଏଥିରେ ସାମିଲ ହୁଅନ୍ତି, ସେତେବେଳେ ଆମେ ପରିବର୍ତ୍ତନ ଘଟୁଥିବା ଦେଖିଥାଉ। ଭାରତକୁ ଏକ ବିକଶିତ ଭାରତରେ ପରିଣତ କରିବାକୁ ହେଲେ ଆମକୁ ଶ୍ରେଷ୍ଠତାକୁ ମୌଳିକ ଭାବନା ରୂପେ ଗ୍ରହଣ କରିବାକୁ ପଡ଼ିବ। ଆମକୁ ସ୍ପିଡ୍, ସ୍କେଲ୍, ସ୍କୋପ୍ ଓ ଷ୍ଟାଣ୍ଡାର୍ଡ ଅର୍ଥାତ୍ ଗତି, ବ୍ୟାପକତା, ସୁଯୋଗ ଓ ମାନ ଏସବୁ ଦିଗରେ ଦ୍ରୁତ ଗତିରେ କାମ କରିବାକୁ ପଡ଼ିବ। ଆମକୁ ଉତ୍ପାଦନ ସହିତ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପଡିବ, ଆମକୁ ତ୍ରୁଟିଶୂନ୍ୟ–ପ୍ରଭାବ ଶୂନ୍ୟ ବା ଜିରୋ ଡିଫେକ୍ଟ– ଜିରୋ ଇଫେକ୍ଟ ମନ୍ତ୍ର ଗ୍ରହଣ କରିବାକୁ ପଡ଼ିବ।

ସାଥୀମାନେ,
ଆମେ ପ୍ରତି ମୁହୂର୍ତ୍ତରେ ଗର୍ବିତ ହେବା ଉଚିତ ଯେ ଭଗବାନ ଆମକୁ ଭାରତ ମାଟିରେ ଜନ୍ମ ଦେଇଛନ୍ତି। ଭାରତର ସେବା କରିବା ଏବଂ ଏହାର ଶିଖର ଯାତ୍ରାରେ ଆମର ଭୂମିକା ନିର୍ବାହ କରିବାକୁ ଭଗବାନ ଆମକୁ ଚୟନ କରିଛନ୍ତି। ପ୍ରାଚୀନ ମୂଲ୍ୟବୋଧକୁ ଆଧୁନିକ ସ୍ୱରୂପରେ ଗ୍ରହଣ କରି ଆମକୁ ଆମ ଐତିହ୍ୟକୁ ଆଧୁନିକ ଢଙ୍ଗରେ ପୁନଃ ପରିଭାଷିତ କରିବାକୁ ପଡ଼ିବ। ଏକ ରାଷ୍ଟ୍ର ଭାବରେ ଆମକୁ ପୁରୁଣା ଚିନ୍ତାଧାରା ଏବଂ ମାନ୍ୟତାକୁ ମଧ୍ୟ ସଂଶୋଧନ କରିବାକୁ ପଡ଼ିବ। ଆମ ସମାଜକୁ ପେସାଦାର ନିରାଶାବାଦୀଙ୍କ ଚାପରୁ ଆମକୁ ବାହାର କରିବାକୁ ହେବ। ଆମକୁ ମନେରଖିବାକୁ ହେବ ଯେ, ନକାରାତ୍ମକତାରୁ ମୁକ୍ତି ହିଁ ସଫଳତାର ସିଦ୍ଧିରେ ପହଞ୍ଚିବା ପାଇଁ ପ୍ରଥମ ପୁଞ୍ଜି। ସକାରାତ୍ମକତାର କୋଳରେ ହିଁ ସଫଳତା ମିଳିଥାଏ।

ଭାରତର ଅସୀମ ଓ ଅମର ଶକ୍ତି ପ୍ରତି ମୋର ଆସ୍ଥା, ଶ୍ରଦ୍ଧା ଓ ବିଶ୍ୱାସ ଦିନକୁ ଦିନ ବଢିବାରେ ଲାଗିଛି। ମୁଁ ଗତ ୧୦ ବର୍ଷ ମଧ୍ୟରେ ଭାରତର ଏହି ସାମର୍ଥ୍ୟକୁ ଅଧିକ ବୃଦ୍ଧି ପାଉଥିବା ଦେଖିଛି ଏବଂ ଏହାକୁ ଅଧିକ ଅନୁଭବ କରିଛି।

ଆମେ ଯେପରି ବିଂଶ ଶତାବ୍ଦୀର ଚତୁର୍ଥ–ପଞ୍ଚମ ଦଶନ୍ଧିକୁ ସ୍ୱାଧୀନତା ପାଇଁ ବ୍ୟବହାର କରିଥିଲୁ, ଠିକ୍ ସେହିଭଳି ଏକବିଂଶ ଶତାବ୍ଦୀର ଏହି ୨୫ ବର୍ଷରେ ଆମକୁ ଏକ ବିକଶିତ ଭାରତର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ପଡ଼ିବ। ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ଆଗରେ ବଳିଦାନର ସମୟ ଆସିଥିଲା। ଆଜି ବଳିଦାନର ସମୟ ନୁହେଁ ବରଂ ନିରନ୍ତର ଯୋଗଦାନର ସମୟ। ସ୍ୱାମୀ ବିବେକାନନ୍ଦ ୧୮୯୭ରେ କହିଥିଲେ ଯେ ଆମକୁ ଆଗାମୀ ୫୦ ବର୍ଷ କେବଳ ଦେଶ ପାଇଁ ସମର୍ପିତ କରିବାକୁ ପଡ଼ିବ। ତାଙ୍କ ଆହ୍ୱାନର ଠିକ୍ ୫୦ ବର୍ଷ ପରେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହୋଇଥିଲା।

ଆଜି ଆମ ପାଖରେ ଏଭଳି ଏକ ସୁବର୍ଣ୍ଣ ସୁଯୋଗ ରହିଛି। ଆସନ୍ତୁ ଆଗାମୀ ୨୫ ବର୍ଷ କେବଳ ଦେଶକୁ ସମର୍ପିତ କରିବା। ଆମର ଏହି ପ୍ରୟାସ ଆଗାମୀ ପିଢ଼ି ଏବଂ ଆଗାମୀ ଶତାବ୍ଦୀ ପାଇଁ ନୂତନ ଭାରତର ଏକ ମଜଭୁତ ଭିତ୍ତିଭୂମି ଭାବରେ ଅମର ହୋଇରହିବ। ଦେଶର ଶକ୍ତିକୁ ଦେଖି ମୁଁ କହିପାରିବି ଯେ ଏହି ଲକ୍ଷ୍ୟ ଅଧିକ ଦୂରରେ ନାହିଁ। ଆସନ୍ତୁ ତୁରନ୍ତ ପଦକ୍ଷେପ ନେବା... ଆସନ୍ତୁ ମିଳିମିଶି ଆଗକୁ ବଢ଼ିବା, ଭାରତକୁ ବିକଶିତ କରିବା।

**(ବିମାନରେ କନ୍ୟାକୁମାରୀରୁ ଦିଲ୍ଲୀ ଫେରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୧ ଅପରାହ୍ନ ୪ ଟା୧୫ରୁ ସନ୍ଧ୍ୟା ୭ଟା ମଧ୍ୟରେ ଏହି ଆଲେଖ୍ୟ ଲେଖିଥିଲେ)**

## ନୀତି ରାଜନୀତି

# ଏକ୍‌ଜିଟ ପୋଲ୍ ରିପୋର୍ଟ ନେଇ ବିଜେଡି-ଭାଜପା ଭିତରେ ଯୁକ୍ତି

**ଭୁବନେଶ୍ୱର, ୨।୬(ସୁନିତ୍ ମିଶ୍ର)**

- ୨୦୧୯ ଏକ୍‌ଜିଟ ପୋଲ୍ ରିପୋର୍ଟ ଓଡ଼ିଶା ଲୋକ ଦେଖିଛନ୍ତି: ପାଣ୍ଡିଆନ
- ତିନି ଚତୁର୍ଥାଂଶ ଆସନରେ ବିଜେଡି ସରକାର କରିବ: ସସ୍ମିତ
- ସେମାନେ ଯେଉଁ ଖୁସିରେ ଅଛନ୍ତି ସେମିତି ଥାଆନ୍ତୁ: ଗୋଲକ
- ଦୁଇ ତୃତୀୟାଂଶ ଆସନରେ ଭାଜପା ସରକାର ହେବ: କେ.ଭି

୨୦୨୪ ସାଧାରଣ ନିର୍ବାଚନ ଲାଗି ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ହୋଇଥିବା ଭୋଟ ଗ୍ରହଣ ଗତ ୧ ତାରିଖ ସୁଦ୍ଧା ଶେଷ ହୋଇସାରିଛି। ତେବେ ଆସନ୍ତା ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ। ହେଲେ ଏହା ପୂର୍ବରୁ ବିଭିନ୍ନ ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏକ୍‌ଜିଟ ପୋଲ୍ ରିପୋର୍ଟ ପ୍ରକାଶ ପାଇଛି। ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାଜପା ଓଡ଼ିଶାରେ ଲୋକ ସଭା ଆସନରେ ବହୁତ ଭଲ ପ୍ରଦର୍ଶନ କରିବ ବୋଲି ଦର୍ଶାଯାଇଛି। ଏପରିକି ରାଜ୍ୟରେ ୨୧ ଲୋକ ସଭା ଆସନରୁ ଭାଜପା ପ୍ରାୟ ୧୮ ପର୍ଯ୍ୟନ୍ତ ଆସନ ନେଇପାରେ ବୋଲି ଜାତୀୟ ଗଣମାଧ୍ୟମ ସଂସ୍ଥା ଆକଳନ କରିବା ପରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ତାଙ୍କ 'ଏକ୍ସ' ଆକାଉଣ୍ଟରେ ୨୦୧୯ ନିର୍ବାଚନ ପରେ ପ୍ରକାଶ ପାଇଥିବା ଏକ ଏକ୍‌ଜିଟ ପୋଲ୍ ରିପୋର୍ଟ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ନିର୍ବାଚନ ବେଳେ ଏସି(ଏୟାର କଣ୍ଡିଶନର) ରୁମ୍‌ରେ ବସି ଜାତୀୟ ସଂସ୍ଥା କରିଥିବା ଏକ୍‌ଜିଟ ପୋଲ୍ ଯେମିତି ହୋଇଥିଲା ସମସ୍ତେ ତାହା ଦେଖିଛନ୍ତି। ୨୦୨୪ରେ ମଧ୍ୟ ଏହାର ପୁନରାବୃତ୍ତି ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଏକ ଭିଡିଓ ବାର୍ତ୍ତା ଜରିଆରେ ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି ଯେ, ଓଡ଼ିଶା ବାବଦରେ ଆସିଥିବା ଏକ୍‌ଜିଟ ପୋଲ୍ ରିପୋର୍ଟ ସବୁବେଳେ ଭୁଲ୍ ପ୍ରମାଣିତ ହୋଇଛି। ୨୦୨୪ରେ ମଧ୍ୟ ଏକ୍‌ଜିଟ ପୋଲ୍ ରିପୋର୍ଟ ଭୁଲ୍ ପ୍ରମାଣିତ ହେବ। ବିଜେଡି କରିଥିବା ସର୍ଭେ ଏବଂ ନିରୀକ୍ଷଣ ଅନୁଯାୟୀ ଓଡ଼ିଶାରେ ଅତିକମ୍‌ରେ ଆମେ ୧୨ଟି ଲୋକ ସଭା ଆସନରେ ବିଜୟୀ ହେବୁ କିମ୍ବା ଏହାଠାରୁ ଅଧିକ ମଧ୍ୟ ଜିତିପାରୁ। ସେହିପରି ବିଧାନସଭାରେ ତିନି ଚତୁର୍ଥାଂଶ ଆସନରେ ବିଜୟୀ ହୋଇ ସରକାର କରିବୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସୁଦୃଢ଼ ଏବଂ ମଜଭୁତ ସରକାର ହେବ। ବିଜେଡି ବିଧାନସଭାରେ ପ୍ରାୟ ୧୧୦ ପାଖାପାଖି ଆସନରେ ବିଜୟୀ ହେବ ବୋଲି ସସ୍ମିତ କହିଛନ୍ତି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ବିଜେଡି ମତ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଭାଜପା ଏବେ କିଛି ବିଜେଡି ନେତାଙ୍କୁ କହିବ ନାହିଁ। କାରଣ ଲୋକମାନେ ସେମାନଙ୍କ ମତ ସାବ୍ୟସ୍ତ କରିସାରିଛନ୍ତି, କେବଳ ଗଣତିକୁ ଅପେକ୍ଷା। ଆସନ୍ତା ୪ ତାରିଖରେ ସ୍ପଷ୍ଟ ହୋଇଯିବ ଏକ୍‌ଜିଟ ପୋଲ୍ କେତେ ଠିକ୍ ଆଉ କେତେ ଭୁଲ୍। ଏବେ କିଛି କହିଲେ ସେମାନେ ପ୍ରାୟୋଜିତ ନାଟକ କରି ଲୋକଙ୍କୁ କ'ଣସବୁ ଜଣାଇବାକୁ ଚେଷ୍ଟା କରୁଛନ୍ତି। ସେମାନେ ବର୍ତ୍ତମାନ ଯେଉଁ ଖୁସିରେ ଅଛନ୍ତି ସେମିତି ଥାଆନ୍ତୁ ବୋଲି ଗୋଲକ କହିଛନ୍ତି।

ଭାଜପାର ପୂର୍ବତନ ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂଦେଓ କହିଛନ୍ତି ଯେ, ଏକ୍‌ଜିଟ ପୋଲ୍ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପ୍ରସ୍ତୁତ କରିଛନ୍ତି। ତେବେ ଗଣମାଧ୍ୟମ ଉପରେ ଓଡ଼ିଶା ସରକାରଙ୍କ ବିଶ୍ୱାସ ନାହିଁ। ଯଦି ସେମାନଙ୍କ ଗଣମାଧ୍ୟମ ସଂସ୍ଥା ଉପରେ ବିଶ୍ୱାସ ନାହିଁ ତେବେ ଭାଜପାର ଏହା ଉପରେ କୌଣସି ଯୁକ୍ତି କରିବାର ନାହିଁ। ବିଜେଡି ସବୁବେଳେ ଗଣମାଧ୍ୟମ ସଂସ୍ଥାକୁ କେବଳ ନିଜ ପ୍ରଚାର ପ୍ରସାର ପାଇଁ ବ୍ୟବହାର କରିଛି। ଲୋକଙ୍କ ପାଖକୁ ଯାଇ ଖରାରେ ବୁଲି ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଭାଜପାର ଏହା ଉପରେ ବିଶ୍ୱାସ ଅଛି, ରାଜ୍ୟରେ ଦୁଇ ତୃତୀୟାଂଶ ଆସନରେ ଭାଜପା ଏକ ସ୍ଥିର ସରକାର କରିବ ବୋଲି କନକ କହିଛନ୍ତି।

# ସିଇଓଙ୍କ ନିକଟରେ ଧର୍ମଶାଳା ସ୍ୱାଧୀନ ପ୍ରାର୍ଥୀ ହିମାଂଶୁଙ୍କ ଗିରଫ ଦାବି କଲା ବିଜେଡି

**ଭୁବନେଶ୍ୱର, ୨।୬(ସୁନିତ୍ ମିଶ୍ର)**

ଧର୍ମଶାଳାରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ଦାଦାଗିରି କରିଛନ୍ତି। ହିମାଂଶୁଙ୍କୁ ଗିରଫ କରାଯିବା ସହିତ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବିକରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ପ୍ରତିନିଧି ମଣ୍ଡଳୀ ଫେରାଦ ହୋଇଛି। ବିଜେଡି ଅଭିଯୋଗ କରିଛି ଯେ, ଗତ ମେ' ୨୭ରେ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ ଏବଂ ତାଙ୍କ ସମର୍ଥକଙ୍କ ଉପରେ ହିମାଂଶୁ ଓ ତାଙ୍କ ସମର୍ଥକ ଆକ୍ରମଣ କରିଥିଲେ। ଏନ୍‌ଏଚ୍ ୫୩ ନିକଟରେ ଏକ ସ୍କର୍ପିଓରେ ଆସି ହିମାଂଶୁ ଦାଦାଗିରି କରିବା ସହ ବାଇକ ରାଲି ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ପ୍ରଣବ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ପୋଲିଂ ବେଳେ ଏକ ବୁଥ୍‌ରେ ମଧ୍ୟ ପ୍ରଣବ ଓ ପିଏସଓଙ୍କ ଉପରେ ଆକ୍ରମଣ ହୋଇଥିଲା। ଏପରିକି ସୁନା ଚେନ ଓ ଟଙ୍କା ମଧ୍ୟ ଲୁଟି ନିଆଯାଇଥିଲା। ସେମାନେ ଧର୍ମଶାଳା ବ୍ଲକରେ ଥିବା କଳ୍ପତରୁ ଫାଉଣ୍ଡେଶନ ଘର ଉପରେ ଆକ୍ରମଣ କରିବା ସହ ପ୍ରଣବଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସିଇଓଙ୍କ ନିକଟରେ ବିଜେଡି ଦାବି କରିଛି।

# ୨୪ ଘଣ୍ଟାରେ ଅଭିଯୁକ୍ତ ଗିରଫ ନ ହେଲେ ଡିଜି ଅଫିସ ଘେରିବୁ: ଭାଜପା



ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ଆକ୍ରମଣ ଘଟଣାରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୁବ ଉପସଭାପତି ସଂଗ୍ରାମ ପାତ୍ର।

**ଭୁବନେଶ୍ୱର, ୨।୬(ସୁନିତ୍ ମିଶ୍ର)**

### ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ ଘଟଣା

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଧାନକୁଟା ପଞ୍ଚାୟତ କରଞ୍ଜମାଳ ଗ୍ରାମରେ ଗତ ୩୦ ତାରିଖରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ସମେତ କେତେଜଣ କର୍ମୀଙ୍କୁ ବିଜେଡିର ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଗଣତନ୍ତ୍ରରେ ଏଭଳି ଆଚରଣ ଗ୍ରହଣୀୟ ନୁହେଁ। ଏହା ଅତ୍ୟନ୍ତ ନିନ୍ଦନୀୟ। ଏହି ଆକ୍ରମଣରେ ଗୁରୁତର ହୋଇଥିବା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପୋଲିସ ଡିଜିଙ୍କୁ ଅନୁରୋଧ କରୁଛୁ ଯେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହି ଘଟଣାରେ ସମ୍ପୃକ୍ତ ବିଧାୟକ ବ୍ୟୋମକେଶ ରାୟ, ମୁଖ୍ୟ ଅଭିଯୁକ୍ତ ରମେଶ ନାୟକ ଏବଂ ଅନ୍ୟମାନଙ୍କୁ ଗିରଫ କରାଯାଉ। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ଭାଜପା ଯୁବମୋର୍ଚ୍ଚାର ହଜାର ହଜାର କାର୍ଯ୍ୟକର୍ତ୍ତା ଡିଜି ଅଫିସ ଘେରାଉ କରିବେ। ଏଥିଯୋଗୁ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ ଡିଜି ନିଜେ ଦାୟୀ ରହିବେ ବୋଲି ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ସଂଗ୍ରାମ ପାତ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗ୍ରାମ କହିଛନ୍ତି ଯେ, ଅଭିଳାଷ ପଣ୍ଡା ନିର୍ବାଚନୀ ପ୍ରଚାର କାର୍ଯ୍ୟ ସାରି କାର୍ଯ୍ୟକର୍ତ୍ତାଙ୍କ ସହ ଫେରୁଥିବାବେଳେ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରମେଶ ନାୟକ, ତାଙ୍କ ପୁତୁରା ପ୍ରମୋଦ ନାୟକ, ସାନଭାଇ ଅକ୍ଷୟ ନାୟକ, ମଣ୍ଟୁ ନାୟକ, ଧୂସା ମଣ୍ଡଳଙ୍କ ସହ ବିଜେଡିର ଗୁଣ୍ଡାମାନେ ଆକ୍ରମଣ କରିଥିଲେ। ସେମାନେ ଅମାନୁଷିକ ଭାବେ ଖଣ୍ଡା, ଭୁଜାଲି, ପଥର ଓ କାଠ ଫାଳିଆରେ ସେମାନଙ୍କୁ ମାଡ଼ମାରି ରକ୍ତାକ୍ତ କରିବା ସହ ମୋବାଇଲ୍ ଭାଙ୍ଗି ଦେଇଥିଲେ। ଘଣ୍ଟାଘଣ୍ଟା ଧରି ଭୟର ଆତଙ୍କ ସୃଷ୍ଟି କରିଥିଲେ। ଏହି ଆକ୍ରମଣରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ପଣ୍ଡାଙ୍କ ସମେତ ଅନେକ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ପ୍ରଶାସନ ମଧ୍ୟ ବିଜେଡିର ହାତବାରିସି ସାଜି ଚୁପ୍ ରହିଛି ବୋଲି ସଂଗ୍ରାମ ଅଭିଯୋଗ କରିଛନ୍ତି।

# ରେପୋରେଟ୍ କମିବା ଆଶା କ୍ଷୀଣ

ଭୁବନେଶ୍ୱର,୨।୬(ଅନୁରାଧା ମହାରଣା)




ମୁଦ୍ରାସ୍ଫୀତିର ଆହ୍ୱାନ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଆଗାମୀ ମୁଦ୍ରାନୀତି କମିଟି ବୈଠକରେ ରେପୋ ରେଟ୍ ହ୍ରାସ ହେବା ଆଶା କ୍ଷୀଣ ହୋଇଛି। ବିଶିଷ୍ଟ ଅର୍ଥନୈତିକ ବିଶେଷଜ୍ଞମାନେ ଏହି ମତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ତୁରନ୍ତ ମୁଦ୍ରା ନୀତି କମିଟି (ଏମପିସି) ବୈଠକ ଜୁନ୍ ୫ରୁ ୭ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଅର୍ଥନୈତିକ ଅଭିବୃଦ୍ଧି ବଢୁଥିବାରୁ ଏମପିସି ହାର ହ୍ରାସକୁ ଏଡାଇ ଦେଇପାରେ। ଫେବୃଆରୀ ୨୦୨୩ ଠାରୁ ରେପୋ ହାର ୬.୫ ପ୍ରତିଶତରେ ରହିଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏମପିସି ବୈଠକର ନିଷ୍ପତ୍ତି ଜୁନ ୭ରେ ଘୋଷଣା କରାଯିବ। ଜୁନ ୪ରେ ଲୋକ ସଭା ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ଯଦି ଜୁନ ୭ରେ ସୁଧ ହାରରେ କୌଣସି ପରିବର୍ତ୍ତନ କରାଯାଇ ନ ଥାଏ, ତେବେ ସ୍ଥିତି ବଜାୟ ରଖିବା ପାଇଁ ଏହା ଅଷ୍ଟମ ସୁଯୋଗ ହେବ। ବ୍ୟାଙ୍କ ଅଫ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସାବନାଭିସଙ୍କ ମତାନୁସାରେ ପୂର୍ବ ନୀତି ପରଠାରୁ ଅର୍ଥନୈତିକ ସ୍ଥିତି ପ୍ରାୟତଃ ଅପରିବର୍ତ୍ତିତ ରହିଛି। ପିଏମଏମଆଇ ଏବଂ ଜିଏସଟି ସଂଗ୍ରହ ପରି ଉଚ୍ଚ ଫ୍ରିକ୍ୱେନ୍ସି ସୂଚକ ଦର୍ଶାଏ ଯେ ଅଭିବୃଦ୍ଧି ଠିକ ଦିଗରେ ଅଛି। ସେହିପରି ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା ରହିଛି ଏବଂ ଉତ୍ତାପ ପନିପରିବା ମୂଲ୍ୟ ଉପରେ ବିଶେଷ ପ୍ରଭାବ ପକାଇଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଇଣ୍ଡଷ୍ଟ୍ରିଆଲ ଚାମ୍ବର ଆସୋଚାମର ପ୍ରେସିଡେଣ୍ଟ ସଞ୍ଜୟ ନାୟାର କହିଛନ୍ତି, ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟଠାରୁ ୪% ଅଧିକ ରହିଥିବାରୁ ଆସନ୍ତା ଏମପିସି ବୈଠକରେ ରେପୋ ହାର ଅପରିବର୍ତ୍ତିତ ରହିବ ବୋଲି ଆଶା କରାଯାଉଛି। ଯଦିଓ ମୁଦ୍ରାସ୍ଫୀତି ହ୍ରାସ ପାଇବାରେ ଲାଗିଛି। ସେପ୍ଟେମ୍ବରରେ ମୌସୁମୀ ଅଧିବେଶନ ଶେଷ ହେବା ପରେ ମାକ୍ରୋ-ଅର୍ଥନୈତିକ ସ୍ଥିତି ସ୍ପଷ୍ଟ ହୋଇପାରେ। ଆଇସିଆରଏର ମୁଖ୍ୟ ଅର୍ଥନୀତିଜ୍ଞ ଅଦିତି ନାୟାର କହିଛନ୍ତି ଯେ, ସମ୍ପ୍ରତି ମୁଦ୍ରାସ୍ଫୀତି ତଥ୍ୟ ଏବଂ ଖାଦ୍ୟ ମୂଲ୍ୟର ପୂର୍ବାନୁମାନ ସୂଚାଇ ଦେଉଛି ଯଥାସ୍ଥିତି ରହିବ। ସେ କହିଛନ୍ତି ଯେ, ମୋଟ ଘରୋଇ ଉତ୍ପାଦ (ଜିଡିପି) ଆକଳନ ଏହି ତଥ୍ୟକୁ ସୁନିଶ୍ଚିତ କରିଛି।

## ବିଗ୍ ଏଣ୍ଡ ଅଫ୍ ସିଜନ ସେଲ୍

ଭୁବନେଶ୍ୱର,୨।୬

ଫ୍ଲିପ୍‌କାର୍ଟରେ ବହୁପ୍ରତୀକ୍ଷିତ 'ବିଗ୍ ଏଣ୍ଡ ଅଫ୍ ସିଜନ ସେଲ୍-୨୦୨୪'ର ଶୁଭାରମ୍ଭ ନିକଟରେ ହୋଇଯାଇଛି, ଫ୍ୟାଶନର ଅନ୍ୟତମ ସର୍ବବୃହତ୍ ସେଲିବ୍ରେଶନ 'ବିଗ୍ ଏଣ୍ଡ ଅଫ୍ ସିଜନ ସେଲ୍' ଗ୍ରାହକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ଟ୍ରେଣ୍ଡି ଷ୍ଟାଇଲ, ପ୍ରିମିୟମଗୁଡିକୁ ସେବା ଯୋଗ୍ୟ ସମସ୍ତ ପିନ୍‌କୋଡରେ ଡେଲିଭରି କରାଯିବ। ଏ ସମ୍ପର୍କରେ ଫ୍ଲିପ୍‌କାର୍ଟ ଫ୍ୟାଶନର ମୁଖ୍ୟ ଓ ଉପାଧ୍ୟକ୍ଷ ଆରିଫ୍ ମହମ୍ମଦ କହିଛନ୍ତି, ସିଜନ ପରେ ସିଜନ ଫ୍ଲିପ୍‌କାର୍ଟର ବିଗ୍ ଏଣ୍ଡ ଅଫ୍ ସିଜନ ସେଲ୍ କେବଳ ଏକ ଫ୍ୟାଶନ ସପିଂ ଇଭେଣ୍ଟ ନୁହେଁ ବରଂ ଏହା ଏକ ଉତ୍ସବ ହୋଇଥିଲାବେଳେ ଆମକୁ ଆମର ଗ୍ରାହକଙ୍କ ପାଇଁ ଖୁସି ଆଣିବା ଲାଗି ଏହା ଏକ ସୁଯୋଗ ଦେଇଛି, କାରଣ ଆମେ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ଏବଂ ଶୀର୍ଷ ବ୍ରାଣ୍ଡଗୁଡିକରୁ ଟ୍ରେଣ୍ଡି ଷ୍ଟାଇଲର ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିବା ଜାରି ରଖିଛୁ।

## ଶାହରୁଖ ଏମ୍‌ପିଜିର ନୂଆ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୨।୬




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମୁଥୁଟ୍ ପପାଚାନ୍ ଗ୍ରୁପ୍ (ଏମ୍‌ପିଜି)ର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ଶାହରୁଖ ଖାନ୍‌ଙ୍କ ସହ ସହଭାଗିତା କରାଯାଇଛି। ଏପରିକି ଏହି ସହଭାଗିତା ଏମ୍‌ପିଜି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିବାବେଳେ ବ୍ରାଣ୍ଡର ଉପସ୍ଥିତି ସହ ସାରା ଦେଶର ବିବିଧ ଗ୍ରାହକଙ୍କ ସହ ଯୋଡ଼ି ହେବାର ନୂଆ ପଥକୁ ଦୋହରାଉଛି। ଉଲ୍ଲେଖଯୋଗ୍ୟ, ମୁଥୁଟ୍ କୁ ନାମରେ ପରିଚିତ ୧୩୭ ବର୍ଷ ପୁରୁଣା ମୁଥୁଟ୍ ପପାଚାନ୍ ଗ୍ରୁପ୍ (ଏମ୍‌ପିଜି)ଭାବେ ପରିଚିତ ଥିଲାବେଳେ ଦେଶର ପ୍ରମୁଖ ଏନ୍‌ବିଏଫସି ଯଥା ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍, ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍, ମୁଥୁଟ କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡ୍ ଓ ମୁଥୁଟ୍ ହାଉସିଂ ଫାଇନାନ୍ସ କମ୍ପାନୀ ଲିମିଟେଡ୍‌ର ପ୍ରତିଷ୍ଠାତା ଭାବେ ଜଣାଶୁଣା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ମୁଥୁଟ୍ ପପାଚାନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଥୋମାସ ଜନ୍ ମୁଥୁଟ୍ କହିଛନ୍ତି, ଏହା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିଲାବେଳେ ଶାହରୁଖ ଖାନ୍‌ଙ୍କ ଯାତ୍ରା ଆମ କମ୍ପାନୀର ବିଭିନ୍ନ ଟଚ୍ ପଏଣ୍ଟରେ ସେବା ଉପଲବ୍ଧ କରାଇବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ଏକାଧିକ ବର୍ଗରେ ଗ୍ରାହକଙ୍କୁ ଲୋନ୍ ଅଫର

ଭୁବନେଶ୍ୱର,୨।୬

ଦେଶର ଅଗ୍ରଣୀ ଇ-ଫାଇନାନ୍ସ ପ୍ଲାଟଫର୍ମ ଫୋନପେ ଏକାଧିକ ବର୍ଗରେ ଗ୍ରାହକଙ୍କୁ ଲୋନ୍ ଅଫର ସମ୍ପର୍କରେ ଘୋଷଣା କରିଛି। ଏପରିକି ପ୍ଲାଟଫର୍ମର ବିଶ୍ୱସ୍ତ ବ୍ୟାଙ୍କ, ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫସି) ଏବଂ ଫିନଟେକ ନେଟୱର୍କ ସହଭାଗିତାରେ ୬ଟି ପ୍ରମୁଖ ବର୍ଗର ଲୋନ ଯଥା ବାଇକ, କାର୍, ହୋମ୍, ଗୋଲ୍ଡ , ଏଜୁକେଶନ ଏବଂ ମ୍ୟୁଚୁଆଲ ଫଣ୍ଡ ଭଳି ଲୋନ୍ ଅଫର କରୁଛି। ସେହିଭଳି ଫୋନପେ ୫୩୫+ ମିଲିୟନରୁ ଅଧିକ ପଞ୍ଜୀକୃତ ୟୁଜରଙ୍କୁ ଏକ ସୁରକ୍ଷିତ ଉପାୟରେ ଲୋନ ପ୍ରଦାନ କରିବା ସହ ଏକ ଶକ୍ତିଶାଳୀ ଏବଂ ନିରବଚ୍ଛିନ୍ନ ଗ୍ରାହକ ଅନୁଭୂତି ଦେବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଫୋନପେ ଲେଣ୍ଡିଂର ସିଇଓ ହେମନ୍ତ ଗାଲା କହିଛନ୍ତି, ଆମେ ଆମର ଏହି ସେବା (ଲୋନ୍ ଅଫର)ର ଅବଧି ବୃଦ୍ଧି କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଶୀର୍ଷ ବ୍ୟାଙ୍କ ଏବଂ ଏନବିଏଫସି ସହ ସମସ୍ତ ପ୍ରମୁଖ ବର୍ଗରେ ଆମର ଲେଣ୍ଡିଂ ପ୍ଲାଟଫର୍ମର ଶୁଭାରମ୍ଭ ହୋଇଛି। ବିଶେଷ କରି ଏହା ଆମକୁ ଋଣଦାତା ଏବଂ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସେମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଗୋଟିଏ ପ୍ଲାଟଫର୍ମରେ ଯୋଡି ହୋଇ ରହିବାର ସୁଯୋଗ ପ୍ରଦାନ କରିଥାଏ। ଏପରିକି ଋଣଦାତା ମାନେ ଡିଜିଟାଲ ପଦ୍ଧତିରେ ସୁରକ୍ଷିତ ଭାବେ ଲୋନ ଦେବା ପାଇଁ ବ୍ୟାପକ ପୁଞ୍ଜିନିବେଶ କରୁଛନ୍ତି ଏବଂ ଗ୍ରାହକମାନେ ଡିଜିଟାଲ ପଦ୍ଧତିରେ ଲୋନ ନେଇ ପାରୁଛନ୍ତି।

ଅପରପକ୍ଷରେ ଫୋନପେ ଏକାଧିକ ପ୍ରମୁଖ ଋଣଦାତା କମ୍ପାନୀ ଯଥା ଟାଟା କ୍ୟାପିଟାଲ, ଏଲଆଣ୍ଡଟି ଫାଇନାନ୍ସ, ହିରୋ ଫିନକର୍ପ, ମୁଥୁଟ ଫିନକର୍ପ, ଡିଏମଆଇ ହାଉସିଂ ଫାଇନାନ୍ସ, ହୋମ ଫାଷ୍ଟ ଫାଇନାନ୍ସ, ରୁପେ, ଭୋଲ୍ଟ ମନି, ଗ୍ରାଡରାଇଟ ସହ ସହଭାଗୀ ହୋଇଛି ଏବଂ ଆଗାମୀ ସପ୍ତାହଗୁଡିକରେ ଆହୁରି ଅନେକ ଋଣଦାତାଙ୍କୁ ଏଥିରେ ଯୋଗ କରାଯିବ। ଏହି ପ୍ଲାଟଫର୍ମରେ ବର୍ତ୍ତମାନ ୧୫ଟି ସକ୍ରିୟ ପାର୍ଟନେର ଥିଲାବେଳେ ଆସନ୍ତା ତିନିମାସ ସୁଦ୍ଧା ସକ୍ରିୟ ପାର୍ଟନେର ୨୫କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଉଲ୍ଲେଖଯୋଗ୍ୟ,ଫୋନପେ ଆପ୍‌ର 'ଲୋନ' ସେକ୍ସନରେ ଏହାର ବ୍ୟବହାରକାରୀମାନେ ଲୋନ ସୁବିଧା ପାଇପାରିବେ।

## ଜେଏସ୍‌ଏଲ୍‌କୁ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର



ଭୁବନେଶ୍ୱର,୨।୬ (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ 'ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର' ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବ୍ରିଟିଶ ସେଫ୍ଟି କାଉନସିଲ୍ ପକ୍ଷରୁ ଜେଏସ୍‌ଏଲ୍‌କୁ କ୍ରମାଗତ ୫ମ ବର୍ଷ ପାଇଁ 'ମେରିଟ୍' ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ କରି କମ୍ପାନୀର ଯାଜପୁର ଓ ହିସାର ଉତ୍ପାଦନ (ପ୍ଲାଣ୍ଟ) କେନ୍ଦ୍ର ପରିସରରେ ନିଆଯାଇଥିବା ସୁରକ୍ଷା ପଦକ୍ଷେପ ପାଇଁ ଜେଏସ୍‌ଏଲ୍‌କୁ ଏହି ସମ୍ମାନ ମିଳିଛି। ସେହିଭଳି ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କମ୍ପାନୀର ହରିୟାଣାସ୍ଥିତ ହିସାର ୟୁନିଟର ୟୁନିଟ ହେଡ ତଥା ବରିଷ୍ଠ ଉପାଧ୍ୟକ୍ଷ ବିଜୟ କୁମାର ବିନ୍ଦଲିଶ, ହିସାର ୟୁନିଟର ଭାଇସ ପ୍ରେସିଡେଣ୍ଟ ଦୀପକ ଜୈନ, ହିସାର ୟୁନିଟର ପରିବେଶ, ସ୍ୱାସ୍ଥ୍ୟ ଓ ସୁରକ୍ଷା ମୁଖ୍ୟ ସୁଧୀର କୁମାରଙ୍କ ସମେତ ଓଡ଼ିଶାସ୍ଥିତ ଯାଜପୁର ୟୁନିଟର ଅଗ୍ନି ଓ ସୁରକ୍ଷା ମୁଖ୍ୟ ମନୋଜ ବଳ ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ କ୍ରମାଗତ ଭାବେ ୫ମ ଥର ଲାଗି ଏହି ପୁରସ୍କାର ଜିତି ବେଶ୍ ଉତ୍ସାହିତ ଅଛୁ। ଏପରିକି କମ୍ପାନୀର କର୍ମଚାରୀଙ୍କ ସୁରକ୍ଷା ପ୍ରତି ଥିବା ନିରନ୍ତର ସମର୍ପଣକୁ ଏହା ପ୍ରତିଫଳିତ କରୁଛି, ଯାହା କେବଳ ପ୍ରୋଟୋକଲ୍ ପାଳନ କରିବା ମନୋଭାବରୁ ଉର୍ଦ୍ଧ୍ୱରେ ରହିଛି।

## ୟୁଏସ୍‌ଏଫ୍‌ବିର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨।୬

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ (ୟୁଏସ୍‌ଏଫ୍‌ବି)ର ନୂତନ ତଥା ୯୦୦ତମ ଶାଖା ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଖୁଣ୍ଟିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବ୍ୟାଙ୍କର ଆଉ ୭ଟି ନୂଆ ଶାଖା ବିହାର,ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷ କରି ବ୍ୟାଙ୍କର ଏହି ସଫଳତା ଓ ସମ୍ପ୍ରସାରଣର ଏକ ଅଂଶ ହୋଇଥିବାବେଳେ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଇବା ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି।

ଏ ସମ୍ପର୍କରେ ୟୁଏସଏଫବିର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଖୁଣ୍ଟିଠାରେ ବ୍ୟାଙ୍କର ୯୦୦ତମ ଶାଖାର ଶୁଭାରମ୍ଭ (ଉଦ୍‌ଘାଟନ) କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଏହା ଆମ ପାଇଁ ଏକ ସ୍ମରଣୀୟ ଦିନ ହୋଇଥିଲାବେଳେ ଝାଡ଼ଖଣ୍ଡ ବ୍ୟାଙ୍କ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଭାବେ ଉଭା ହୋଇଛି। ଅପରପକ୍ଷରେ ବିହାର, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶଠାରେ ବ୍ୟାଙ୍କର ୭ଟି ନୂଆ ଆଉଟଲେଟ୍ ସମ୍ପୃକ୍ତ ଅଞ୍ଚଳରେ ଆମର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରିଛି। ଏପରିକି ଆମର ନୂଆ ଆଉଟଲେଟଗୁଡିକ ସ୍ଥାନୀୟ ଉଦ୍ୟୋଗିକତା ବୃଦ୍ଧି କରିବା ସହିତ ସ୍ଥାନୀୟ ଉଦ୍ୟୋଗୀ ଓ ବ୍ୟକ୍ତିମାନଙ୍କ ଜୀବିକାକୁ ଉନ୍ନତ କରିବା ପାଇଁ ଆର୍ଥିକ ସ୍ଥିରତାକୁ ମଜଭୁତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ସଂଶାଧନ ପ୍ରଦାନ କରିବ। ସୂଚନାଯୋଗ୍ୟ, ଝାଡଖଣ୍ଡରେ ବ୍ୟାଙ୍କର ୮୧ଟି ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ଥିଲାବେଳେ ଦେଶରେ ମୋଟ ୯୦୩ ଟି ଆଉଟ୍‌ଲେଟ ରହିଛି। ରାଞ୍ଚିସ୍ଥିତ ଖୁଣ୍ଟିର ଗ୍ରାହକମାନଙ୍କ ନିକଟରେ ବ୍ୟାଙ୍କର ଏକ ବିସ୍ତୃତ ଶୃଙ୍ଖଳାର ଉତ୍ପାଦ ଓ ସେବା ଉପଲବ୍ଧ ରହିବ। ଏଥିରେ ସେଭିଙ୍ଗ୍‌ସ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ, ଫିକ୍ସଡ ଡିପୋଜିଟ, ରିକରିଂ ଡିପୋଜିଟ ଏବଂ ବିଭିନ୍ନ ଋଣ ଉତ୍ପାଦ ଯେପରିକି ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ଋଣ, ଋଣ, ବୀମା ଓ ନିବେଶ ଉତ୍ପାଦ ସାମିଲ ରହିଛି। ଏହି ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ଗୁଡିକ ଅଣସଂଗଠିତ ଓ କମ୍ ଆୟ ବର୍ଗର ଲୋକମାନଙ୍କୁ ବ୍ୟବସାୟ ବିକାଶ ସେବାଗୁଡିକ ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ ଲୋନ୍ ପ୍ରଦାନ କରିବ।

### ଅନ୍ୟାନ୍ୟ ଖବର

## ୩ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ବର୍ଷ ଜେଲ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୩ ରାଜ କୁମାର ଦାଶ ଏକ ଗଞ୍ଜେଇ ଚାଲାଣ ମାମଲାରେ ପଶ୍ଚିମବଙ୍ଗର ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବେ। ଜରିମାନା ଅନାଦାୟ ଦୋଷୀମାନେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀମାନେ ହେଲେ ନଦିଆ ଜିଲା କରିମପୁରର ନିତାଇ ମଣ୍ଡଳ, ମୁର୍ସିଦାବାଦ ସାଗୁରପଡା ଥାନା ଅନ୍ତର୍ଗତ ସୂର୍ଯ୍ୟନଗରର ରାକେଶ ସରକାରୀ ଓ ରାହୁଲ ସେକ। ୨୦୨୩ ଜୁନ ୫ ତାରିଖରେ ଏକ କାରରେ କନ୍ଧମାଳ ଜିଲାରୁ ବିପୁଳ ପରିମାଣର ଗଞ୍ଜେଇ ବ୍ରହ୍ମପୁର ସହର ଦେଇ କଲିକତାକୁ ଚାଲାଣ କରାଯାଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ସେହିକ୍ରମରେ ବିଭାଗର ତତ୍କାଳୀନ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ ଓ ତାଙ୍କ ଟିମ ଫାଷ୍ଟଗେଟ ଠାରୁ ଆଙ୍କୁଶପୁର ମଧ୍ୟରେ ପାଟ୍ରୋଲିଂ ଆରମ୍ଭ କରିଥିଲେ। ରତନପୁର ଠାରେ ଏକ କାର(ଡବ୍ଲ୍ୟୁବି-୫୮-ଟି-୫୮୪୦)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯିବାରୁ ୮୦ କେଜି ଗଞ୍ଜେଇ ମିଳିଥିଲା। କାରରେ ବସିଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଗିରଫ ପରଠାରୁ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିଲେ। ମୋଟ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମକଦ୍ଦମା ପରିଚାଳନା କରୁଥିଲେ।

## ୪ ହାର୍ଡକୋର ସହ ୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨।୬
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ଜିଲାରେ ୪ ହାର୍ଡକୋର ମାଓବାଦୀଙ୍କ ସହ ୮ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ ସରକାରଙ୍କ ଦ୍ୱାରା ଜାରି ମାଓବାଦୀ ବିଲୋପ ନୀତି ଏବଂ ପୁନା ନାର୍କମ୍ ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ୮ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରିବାକୁ ଉତ୍ସାହିତ କରିବା ପାଇଁ ସିଆର୍‌ପିଏଫ୍ ଇଣ୍ଟେଲିଜେନ୍ସ ଶାଖା ଏବଂ ପୋଲିସ ଷ୍ଟେଶନ କୁକନାର କର୍ମଚାରୀ ଏବଂ ମାଓବାଦୀ ସେଲ୍‌ର ଏକ ବିଶେଷ ପ୍ରୟାସ କରାଯାଇଥିଲା। ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ୪ ସକ୍ରିୟ ହାର୍ଡକୋର ମାଓବାଦୀ ସାମିଲ ଥିବାବେଳେ ସେମାନଙ୍କ ନାମରେ ୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଅନ୍ୟ ୪ ସାଧାରଣ ମାଓବାଦୀ ସଦସ୍ୟ ରହିଥିବାବେଳେ ଆତ୍ମସମର୍ପଣକାରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନୀଚ ପାଇଲେ ଅଧିକାର ଗୁରୁଙ୍କୁ ବୁହାଇଲେ ଭାର।**

ରାଜା ନହୁଶ ଇନ୍ଦ୍ରପଦ ଲାଭ କଲାପରେ ଋଷି ମୁନିଙ୍କୁ ଇତରପ୍ରାଣୀ ଭାବେ ହେୟ ମଣିଥିଲେ। ଗର୍ବରେ ଅନ୍ଧ ହୋଇ ତାଙ୍କୁ କାନ୍ଧରେ ବୋହିନେବା ପାଇଁ ଋଷିଙ୍କୁ ଆଦେଶ ଦେଇଥିଲେ। ଫଳସ୍ୱରୂପ କାନ୍ଧରେ ବୋହିନେବା ଅବସରରେ କଷ୍ଟ ପାଇ ଋଷିଗଣ ତାଙ୍କୁ ଅରଣ୍ୟରେ ସର୍ପ ହୋଇ ରହିବାକୁ ଅଭିଶାପ ଦେଇଥିଲେ। ନୀଚଲୋକ ବଡ଼ ଆସନର ଅଧିକାରୀ ହେଲେ ଅଚିରେ ତାର ଅପବ୍ୟବହାର କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିମ୍ବ ପିତା, ଦିହକୁ ହିତା।**

ପିତା ସ୍ୱାସ୍ଥ୍ୟ ପ୍ରତି ବେଶ୍ ହିତକାରକ। ପାଟିକୁ ପିତା ଲାଗୁଥିଲେ ମଧ୍ୟ ଏହା ଶରୀର ପ୍ରତି ବେଶ୍ ଲାଭଦାୟକ ହୋଇଥାଏ। ସୁସ୍ଥ ନୀରୋଗ ଶରୀର ପାଇଁ ନିୟମିତ ପିତା ଖାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିଶୁ ମହାରଣା ନୁହନ୍ତି, ଶିବେଇ ସାନ୍ତରା ଧର୍ମପଦଙ୍କ ବାପା

ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ଆଲୋଚନାଗୁଡ଼ିକରେ ଆମେ ଦୁଇଟି ପ୍ରସଙ୍ଗକୁ ଗୁରୁତ୍ୱ ଦେଇଆସିଛୁ। ଗୋଟିଏ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଓଡ଼ିଶା ସାମ୍ରାଜ୍ୟର କେଉଁ କେଉଁ ପାହାଡ଼ରୁ କେଉଁ କିସମର ପଥର କେଉଁ କେଉଁ ଜଳପଥ ଦେଇ କୋଣାର୍କରେ ପହଞ୍ଚୁଥିଲା। ଦ୍ୱିତୀୟ ପ୍ରସଙ୍ଗ-ପଥର ଆଣିବାକୁ ଓ କୋଣାର୍କରେ ରହି ଗଢ଼ିବାକୁ କେଉଁ କେଉଁ ଶିଳ୍ପୀ ନିଯୁକ୍ତ ହୋଇଥିଲେ। ଆଭିମୁଖ୍ୟ ଆମର ସ୍ପଷ୍ଟ ଥିଲା। ବାହାର ସାମ୍ରାଜ୍ୟରୁ ପଥର କେବେ ବି ଆସି ନାହିଁ। ସମସ୍ତ ନିର୍ମାଣକାର୍ଯ୍ୟ ଓଡ଼ିଆ ଶିଳ୍ପୀ ମଧ୍ୟ କରିଛନ୍ତି। ଗଜପତିଙ୍କ ଶ୍ୱଶୁର ମଦୁରାଇଠାରୁ ଯେଉଁ କେତେଜଣ ଶିଳ୍ପୀ ପଠାଇଥିଲେ, ଶିବେଇ ସାନ୍ତରା ତାଙ୍କୁ କାମ କରିବାକୁ ବାରଣ କରିଦେଇଥିଲେ। ଗଜପତିଙ୍କ ହସ୍ତକ୍ଷେପ ପରେ ପଥରରେ ଲତା/ଫୁଲ/ଡାଳ କରିବା ପାଇଁ ଶିବେଇ ସାନ୍ତରା ଅନୁମତି ଦେଇଥିଲେ। ସମ୍ମାନର ସହିତ ସେମାନଙ୍କୁ ବିଦାୟ ଦିଆଯିବାର ଘଟଣା ଆମେ ପୂର୍ବରୁ ଆଲୋଚନା କରିଥିଲୁ।

ତୃତୀୟ ପ୍ରସଙ୍ଗଟି ଧର୍ମପଦ ମହାପାତ୍ର। ସେ ବିଶୁ ମହାରଣାଙ୍କ ପୁଅ ନୁହନ୍ତି, ତାଙ୍କ ସାଙ୍ଗିଆ ମହାରଣା ନୁହେଁ, ସେ ମୁଖ୍ୟ ସ୍ଥପତି ସଦାଶିବ ସାମନ୍ତରାୟ ମହାପାତ୍ର(ଶିବେଇ ସାନ୍ତରା)ଙ୍କ ପୁଅ, ସମ୍ପୂର୍ଣ୍ଣ ନାମ ତାଙ୍କର ଧର୍ମପଦ ମହାପାତ୍ର। 'ସାମନ୍ତରାୟ' ଏକ ରାଜ ପ୍ରଦତ୍ତ ଉପାଧି। ଧର୍ମପଦ ସେ ଉପାଧି ବୋଧହୁଏ ପାଇ ନ ଥିଲେ। ତେଣୁ ପୋଥିରେ ତାଙ୍କ ନାମ ସହିତ 'ସାମନ୍ତରାୟ' ଉପାଧି ବ୍ୟବହାର ହୋଇ ନାହିଁ। ବାର ବରଷର ବାଳୁତ ପିଲା... ଜନଶ୍ରୁତି ଏକ କୁହେଳିକା। ସେ ମୁଣ୍ଡି ମାରିବା ଘଟଣାର ଟିକିନିଖି ବର୍ଣ୍ଣନା ଆମେ ପୂର୍ବରୁ ଆଲୋଚନା କରିଥିଲୁ। ସେଥିପାଇଁ ଅନେକ ପ୍ରମାଣ ମଧ୍ୟ 'ବାୟାଚକଡ଼ା' ପୋଥି ଆଧାରରେ ଉପସ୍ଥାପନ କରିଥିଲୁ। ଧର୍ମପଦଙ୍କ 'ବୋଉ' ମନ୍ଦିର ଉପରେ ନାକଚଣା କଳସ ବସିବା ବେଳେ କୋଣାର୍କକୁ ଆସିଥିଲେ ଓ ସମ୍ମାନର ସହିତ ହାତୀରେ ବସି ଗାଁକୁ ଫେରିଯାଇଥିଲେ। ପୋଥି ଆଧାରରେ ଏକଥା ଉପସ୍ଥାପନ କରିବାର ଅର୍ଥ- ଧର୍ମପଦଙ୍କର ହରିପ୍ରାପ୍ତି ହୋଇଥିଲେ ବୋଉ ତାଙ୍କର ମୁଣ୍ଡିମରା ପରେ କଳସ ବସିବା ବେଳକୁ ଦେଖିବାକୁ ଆସିଥାନ୍ତେ କି?


ଗତ ସଂଖ୍ୟାରେ ଲେଖିଥିଲୁ- ମହା ଭାସ୍କରଙ୍କର ଏକ ବସିବା ବିଗ୍ରହ ଶିବେଇ ସାନ୍ତରାଙ୍କ ଶିବିରରେ ନିର୍ମାଣ ଚାଲିଥିଲା। ନିଜେ ଶିବେଇ ତାହାର ଦାୟିତ୍ୱରେ ଥିଲେ। ଗଜପତି ସାରଙ୍ଗଗଡ଼ରୁ ସିଧା ଆସି କୋଣାର୍କରେ ପହଞ୍ଚି ମହାଭାସ୍କରଙ୍କ ବିଗ୍ରହ ଦେଖିବାକୁ ଯାଇ ଶ୍ରୀଫଳଟିଏ ଭାଙ୍ଗିଥିଲେ ମଙ୍ଗଳ କାମନା କରି। ସେତେବେଳେ ଶିବେଇ ସାନ୍ତରାଙ୍କ ଶିବିରରେ ଧର୍ମପଦ ଥିଲେ। ଏହି ବର୍ଣ୍ଣନା ପୋଥିରେ ଅଛି। ପୋଥିର ବିବରଣୀ ଲେଖା ଚାଲିଥିବାବେଳେ କ୍ରମାଗତ ଭାବରେ ତାହାର ଏକ ନକଲ ହୋଇଥିଲା। ସେ ନକଲକୁ ଗୋଟିଏ ଗୋଟିଏ ପରିଚ୍ଛେଦ ଭଳି କରି ଗଜପତିଙ୍କ ନିକଟକୁ କ୍ରମାଗତ ଭାବରେ ପଠାଯାଉଥିଲା। ଗଜପତି ବିଡ଼ାନାସୀ ନଅରରେ ଥିବାବେଳେ ଅଧିକଥର ନକଲ ଯାଇଛି। ସେ ପଢ଼ିଛନ୍ତି।



କୋଣାର୍କରେ ନିର୍ମିତ ଆଡ଼ସିଂହ।
(ଫଟୋ: ଜ୍ୟୋତିରାଜ ମହାନ୍ତି)

ପୁଣି ପରାମର୍ଶ ଦେଇଛନ୍ତି। ଧର୍ମପଦଙ୍କୁ ସମ୍ମାନ ଦିଆଗଲା, ହାତୀରେ ବସାଇ ସୁବର୍ଣ୍ଣମାଢ଼ ଦେଇ ନିଜଗାଁ ଡିହପାଟଣାକୁ ପଠାଗଲା...। ତାହା କ'ଣ ଗଜପତି ପଢ଼ି ନ ଥିବେ ନା ଜାଣି ନ ଥିବେ! କେମିତି ସଜମାଛରେ ପୋକ ପକାଇବା ପରି ଉଡ଼ାକଥା କାନରୁ କାନକୁ ବ୍ୟାପି ଲେଖାରେ ସ୍ଥାନ ପାଇଲା... ତାହାର ମୂଳ ରହସ୍ୟ ଅନୁସନ୍ଧାନ କରୁଛୁ। ସେହି ଉଡ଼ାକଥାକୁ ବାହାର ଇତିହାସକାର ତାଙ୍କ ବହିରେ ଲେଖିଲେ। ନିଜସ୍ୱ ମତ ବି ଦେଇଛନ୍ତି...

### ପଥର ନିର୍ମିତ ଓହଳ ପଦ୍ମ ଥିଲା ବିଶ୍ୱରେ ବିସ୍ମୟ




ଗୁଣୀ, ଜ୍ଞାନୀ... କର୍ମକୁଶଳ ବ୍ୟକ୍ତିଙ୍କୁ ଏ ଜାତି ହତାଦର କରିବାର କରୁଣ କାହାଣୀ।

ପୂର୍ବ ସଂଖ୍ୟାରେ ଆମେ ପଢ଼ିଥିଲେ ଓହଳ ପଦ୍ମ ନିର୍ମାଣ କଥା। ଏହି ପଦ୍ମ ପଥରରେ ନିର୍ମିତ ହୋଇଥିଲା। ଉପର ଛାତରୁ ତଳକୁ ସ୍ପଷ୍ଟ ଭାବରେ ପଥରପଦ୍ମ ଓହଳି ରହିଥିଲା। ଦକ୍ଷିଣ ଭାରତର ଅନେକ ମନ୍ଦିରରେ ପଦ୍ମ ରହିଛି। ତାହା ପଥରର ନୁହେଁ, ଚୂନପଥର ଏବଂ ଅଠା ମିଶା। ତା' ପରେ ସେ ପଦ୍ମ ଓହଳିକରି ନାହିଁ। ଗଜପତିଙ୍କ ନିର୍ଦ୍ଦେଶ ଥିଲା- ପଥର ପଦ୍ମ ହେବ ଏବଂ ସ୍ପଷ୍ଟ ଭାବରେ ତଳକୁ ଓହଳି କରି ରହିବ। ଏଇ କାମ ଦେଖିବାକୁ ଜଣେ 'ବଳଶ୍ରୀ' ଆସିଥିଲେ। ବଳଶ୍ରୀ ହେଉଛି ଏକ ପଦବୀ। କ୍ଷତ୍ରିୟ ବୀରଙ୍କୁ ଦିଆଯାଉଥିଲା। ସୈନ୍ୟ ବିଭାଗର ବହୁ ମନ୍ତ୍ରୀ ରହୁଥିଲେ। ସେଇ ମନ୍ତ୍ରୀମାନେ 'ବଳଶ୍ରୀ' ଭାବରେ ପରିଚିତ ଥିଲେ।

ଶ୍ରୀପଦ୍ମକେଶର ମନ୍ଦିରରେ ଏକ 'ବାଜଣା ମଣ୍ଡପ' ନିର୍ମିତ ହୋଇଥିଲା। ମୁଖ୍ୟ ମନ୍ଦିରର ପୂର୍ବପଟେ ଚତୁର୍ଭୁଜ ଆକାର ମଣ୍ଡପ। ଏବେ ତା'ର ମୂଳ ସ୍ମାରକୀ ଅଛି। ଅନ୍ୟ ମନ୍ଦିରଗୁଡ଼ିକରେ 'ମାଜଣାମଣ୍ଡପ' ରହିଥିବାର ଜଣାଯାଏ। ବାଜଣା-ମଣ୍ଡପ କଳ୍ପନା ସମ୍ପୂର୍ଣ୍ଣ ନୂତନ ପରି ଲାଗୁଛି। ଶ୍ରୀମନ୍ଦିରରେ ମାଜଣାମଣ୍ଡପ ରହିଛି। ଏହା ବିବାହ ମଣ୍ଡପ ନାମରେ ମଧ୍ୟ ପରିଚିତ।

ଶ୍ରୀପଦ୍ମକେଶର ମନ୍ଦିର ପରିସରରେ ଏକ 'ବନ୍ଦାପନା ମଣ୍ଡପ' ନିର୍ମିତ ହୋଇଥିଲା। ଏହି ମଣ୍ଡପରେ ୨୪୦ଟି ନୃତ୍ୟ କରୁଥିବା ନାରୀମୂର୍ତ୍ତି ସ୍ଥାନ ପାଇଥିଲେ। ଏହି ମଣ୍ଡପରେ ଚାରି ଧାଡ଼ି ଖମ୍ବ ରହିଥିଲା। ମୁଖ୍ୟଶିଳ୍ପୀ ୪ଜଣ ୪୦ ଜଣ ପଥୁରିଆଙ୍କ ସହଯୋଗରେ ତିନିମାସରେ ଏହି କାର୍ଯ୍ୟ ସମାପ୍ତ କରିଥିଲେ। ବନ୍ଦାପନା ମଣ୍ଡପର ପଶ୍ଚିମପଟକୁ ଦୁଇ ଦିଗକୁ ମୁହଁଥିବା 'ବରତ' ପ୍ରସ୍ତୁତ ହୋଇଥିଲା। ଅଠର ଦିନରେ ଏହା ସମାପ୍ତ ହେବାପରେ ମଣ୍ଡପର ପୀଢ଼ରେ ପଥର ଖଞ୍ଜା ଯାଇଥିଲା।

ଗୋଟିଏ ଗୋଟିଏ କାର୍ଯ୍ୟ ସାରିବାକୁ ଦିନ ଦିନ ଧରି ଏକାଧିକ ଶିଳ୍ପୀ ନିୟୋଜିତ ରହିଥିଲେ। ଆମେ ଏଠାରେ ଏଥିପାଇଁ ବନ୍ଦାପନା ମଣ୍ଡପର ଉଦାହରଣ ସ୍ୱରୂପ ଆଲୋଚନା କରୁଛେ। ମଣ୍ଡପର ଉପରଭାଗ ପାଇଁ ୫ଟି ଆଡ଼ସିଂହ, ମୂଳାଧାର ଭାଗ ପାଇଁ ଦୁଇଟି ଆଡ଼ସିଂହ, ଅନ୍ୟ ଭାଗ ପାଇଁ ସାତୋଟି ଆଡ଼ସିଂହ... ଏହିପରି ୧୪ଟି ଆଡ଼ସିଂହ ନିର୍ମାଣ କରିଥିଲେ ବିଶ୍ୱନାଥ ମହାପାତ୍ର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିବାହ ବନ୍ଧନରେ ଭେଙ୍କଟେଶ ଆୟର

ଇନ୍ଦୋର,୨।୬(ପି.ଟି)

ଭାରତୀୟ କ୍ରିକେଟର ତଥା କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଖେଳୁଥିବା ଭେଙ୍କଟେଶ ଆୟର ରବିବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଦୀର୍ଘ ଦିନର ବାନ୍ଧବୀ ଶ୍ରୁତି ରଘୁନାଥନଙ୍କ ପରିବାର ଓ ପରିଜନଙ୍କ ଉପସ୍ଥିତିରେ ବିବାହ କରିଛନ୍ତି ଭେଙ୍କଟେଶ। ନଭେମ୍ବର ୨୦୨୩ରେ ଉଭୟ ଭେଙ୍କଟେଶ ଓ ଶ୍ରୁତିଙ୍କ ନିର୍ବନ୍ଧ ହୋଇଥିଲା। ଏହି ବିବାହକୁ କୋଲକାତା ଫ୍ରାଞ୍ଚାଇଜ ସିଇଓ ଭେଙ୍କି ମାଇସୁରୁଙ୍କୁ ମଧ୍ୟ ଆମନ୍ତ୍ରଣ ମିଳିଥିଲା। ମାଇସୁରୁ ନବ ଦମ୍ପତିଙ୍କ ସହ ଏକ ଫଟୋ ଟୁଇଟ୍ କରିବା ସହ ଉଭୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୋଲକାତାକୁ ଚଳିତ ସିଜନରେ ଚାମ୍ପିୟନ କରିବାରେ ଆୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ୪ ଅର୍ଦ୍ଧଶତକ ସହ ୧୪ ମ୍ୟାଚ୍ ଖେଳି ସେ ୩୭୦ ରନ୍ ସ୍କୋର କରିଥିଲେ। ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି କୋଲକାତା ୧୦ ବର୍ଷ ପରେ ତୃତୀୟ ଥର ଚାମ୍ପିୟନ ହୋଇଥିଲା। ଆଇପିଏଲ୍‌ରୁ ପରିଚୟ ପାଇଥିବା ଭେଙ୍କଟେଶ ଭାରତୀୟ ଜାତୀୟ ଦଳ ପାଇଁ ୨ ଦିନିକିଆ ଓ ୯ ଟି୨୦ମ୍ୟାଚ୍ ଖେଳିଛନ୍ତି।


ଭେଙ୍କଟେଶ ଆୟର ଓ ଶ୍ରୁତି ରଘୁନାଥନଙ୍କ ସହ କୋଲକାତା ନାଇଟ୍ ରାଇଡର୍ସ ସିଇଓ ଭେଙ୍କି ମାଇସୁରୁ(ବାମ)।


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ଜୁନିୟର ଆଥ୍‌ଲେଟିକ୍ ମିଟ୍‌ର ଦ୍ୱିତୀୟ ଦିବସ ଅବସରରେ ବାଳିକା ପ୍ରତିଯୋଗୀମାନେ।


୧୬ ବର୍ଷରୁ କମ୍ ବାଳକ ଲଙ୍ଗଜମ୍ପ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

# ‘କୁଏଟ୍ ମ୍ୟାଚ ଖେଳାଳିଙ୍କ କ୍ୟାରିୟର ପରିବର୍ତ୍ତନ କରିପାରେ’

କୋଲକାତା, ୨।୬ (ପି.ଟି.)

ଫିଫା ବିଶ୍ୱକପ କ୍ୱାଲିଫାୟର ମ୍ୟାଚ ଚଳିତ ମାସ ୬ ତାରିଖରେ ଭାରତ ଓ କୁଏଟ୍ ମଧ୍ୟରେ ଅନୁଷ୍ଠିତ ହେବ। ଭାରତ ଦୃଷ୍ଟିକୋଣରୁ ଏହି ମ୍ୟାଚ ବହୁ ଗୁରୁତ୍ୱପୂର୍ଣ୍ଣ। ‘‘ଏହା ଏକ ବଡ଼ ଗେମ୍। ଏହି ମ୍ୟାଚ ଭାରତୀୟ ଖେଳାଳିଙ୍କ କ୍ୟାରିୟର ପରିବର୍ତ୍ତନ କରିପାରେ। ମ୍ୟାଚକୁ ଉପଭୋଗ କରିବା ସହ ସେମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବା ଆବଶ୍ୟକ’’ ବୋଲି ରବିବାର ପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍। ସଲ୍ଟଲେକ୍ ଷ୍ଟାଡିୟମରେ କୁଏଟ୍ ବିପକ୍ଷରେ ଖେଳିବା ପରେ ଭାରତ ଜୁନ୍ ୧୧ରେ କାତାର ବିପକ୍ଷରେ ବାହାର ପରିବେଶରେ ଖେଳିବ। ଗତ ମାର୍ଚ୍ଚରେ ଗୁଆହାଟୀଠାରେ ଘରୋଇ ପରିବେଶରେ ଭାରତ ଲୋୟର ର୍‍ୟାଙ୍କ୍ ଆଫଗାନିସ୍ତାନ ନିକଟରୁ ପରାଜିତ ହୋଇଥିଲେହେଁ ୨୦୨୬ ବିଶ୍ୱକପର ତୃତୀୟ ରାଉଣ୍ଡକୁ ଉନ୍ନୀତ ହେବାକୁ ଏବେ ମଧ୍ୟ ସୁଯୋଗ ରହିଛି।

ମାର୍ଚ୍ଚରେ ଆଫଗାନିସ୍ତାନଠାରୁ ପରାଜୟ ଦ୍ୱାରା ଭାରତ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୧୨୧ତମ ସ୍ଥାନକୁ ଖସି ଆସିଛି। କୁଏଟ୍ ବିପକ୍ଷ ମ୍ୟାଚ ତାରକା ଖେଳାଳି ସୁନୀଲ ଛେତ୍ରୀଙ୍କ ଫେୟାରୱେଲ୍ ଗେମ୍। ତେଣୁ ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି ଷ୍ଟିମାକ। ‘‘ଏପରି ଏକ ବଡ଼ ଗେମ୍‌ରେ ଆମକୁ କେତୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଷ୍ଟ୍ରେନ୍ଥ କଣ୍ଡିଶନିଂ, ମ୍ୟାଚର ଗୁରୁତ୍ୱ, ମାନସିକ ଦୃଢ଼ତା ଏବଂ ଆତ୍ମବିଶ୍ୱାସ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଖେଳାଳି ନିଜର ଶ୍ରେଷ୍ଠ ଫର୍ମ ଦେଖାଇବା ଉଚିତ’’ ବୋଲି କୋଚ୍ ପ୍ରକାଶ କରିଛନ୍ତି। ଗତବର୍ଷ ଭାରତ ୩ ଥର କୁଏଟ୍‌କୁ ଭେଟିଥିଲା। ବେଙ୍ଗାଲୁରୁଠାରେ ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ଟାଇବ୍ରେକର ମାଧ୍ୟମରେ ବିଜୟ ସ୍ୱାଦ ଚାଖିଥିଲା।


# Classified Everyday
0674-2580101, 2549949


## REAL ESTATE
## SALE

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599. D-429

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possesion. 7848939838. D-75961

Plot for sale at Puri, Konark Marine Drive (550/- per sqft.). Contact- 6371703010. D-436

Second hand HP Laser printer for sale model No.- 1020, 1010, 1018, 1505 BBSR. M-8249053615. D-48733

## HEALTH CARE

Monalisa massage Club: All types Body massage with hiprofile smart lady rooms service available. 9708545108. D-410

Relax, Refresh your body, mind at Saikrupa Spa with best therapies. 8984068077. D-416

Relax, refresh your body, mind by expert therapist. Contact- 9938843929. D-76124

Fully relaxed body massage trained therapist. Central SPA. 9556483961. D-75747


## LEGAL NOTICE

**ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର, ଆର୍.ପି. କେସ୍ ନଂ.-୯୪୭/୨୦୧୫**

ବିଜୟ କୁମାର ସାହୁ, ପିତା: ୰ ମଧୁସୂଦନ ସାହୁ, ସା: ମହେଶ୍ୱରପୁର, ପୋ: ବ୍ରହ୍ମବରଦା, ଥାନା: ଧର୍ମଶାଳା, ଜିଲ୍ଲା: ଯାଜପୁର ...ବାଦୀ

ବନାମ

୧) ମିନୁ ରାଉତ, ସ୍ୱାମୀ- ମନମୋହନ ରାଉତ, ସା/ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୨) ସଂଗୀତା ଶତପଥୀ, ସ୍ୱାମୀ: ପୂର୍ଣ୍ଣଚନ୍ଦ୍ର ଶତପଥୀ, ସା/ପୋ: ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ....ପ୍ରତିବାଦୀମାନେ

ନୋଟିସ୍ ଅର୍ଡର-୫ ରୁଲ୍- ୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୨୫।୦୭।୨୦୨୪, ୧୧ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ସୁନ୍ଦରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ସାବକ ଖାତା ନଂ.-୧୨୪, ପ୍ଲଟ୍ ନଂ.-୫୫୨, ରକବା: ଏ୦.୩୭୫ଡି. ସ୍ୱଧ ଏ୦.୦୩୬.୭୩ଡ଼ି., ସ୍ୱତ୍ୱ: ସ୍ଥିତିବାନ୍, କିସମ: ଶାରଦ-୨, ହାଲ୍ ଖାତା ନଂ.- ୫୦୭, ପ୍ଲଟ୍ ନଂ.- ୧୮୮୧, ରକବା: ଏ୦.୩୭୫ଡ଼ି. ସ୍ୱଧ ଏ୦.୦୩୬.୭୩ଡ଼ି., ସ୍ୱତ୍ୱ: ସ୍ଥିତିବାନ୍, କିସମ: ଶାରଦ-୨।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱରଙ୍କର ଆଦେଶ ଅନୁଯାୟୀ।

ଧ-୪୩୩

**ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର, ଆର୍.ପି. କେସ୍ ନଂ.-୯୪୬/୨୦୧୫**

ମନୋଜ କୁମାର ସାହୁ, ପିତା: ଜୟରାମ ସାହୁ, ସା/ପୋ: ଉମାପଦା ବାଇପାସ୍, ଥାନା: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର ...ବାଦୀ

ବନାମ

୧) ମିନୁ ରାଉତ, ସ୍ୱାମୀ: ମନମୋହନ ରାଉତ, ସା/ପୋ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୨) ସଂଗୀତା ଶତପଥୀ, ସ୍ୱାମୀ: ପୂର୍ଣ୍ଣଚନ୍ଦ୍ର ଶତପଥୀ, ସା/ପୋ: ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ....ପ୍ରତିବାଦୀମାନେ

ନୋଟିସ୍ ଅର୍ଡର-୫ ରୁଲ୍- ୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୨୫।୦୭।୨୦୨୪, ୧୧ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା: ସୁନ୍ଦରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ସାବକ ଖାତା ନଂ.-୧୨୪, ପ୍ଲଟ୍ ନଂ.-୫୫୨, ରକବା: ଏ୦.୩୭୫ଡି. ସ୍ୱଧ ଏ୦.୦୩୬.୭୩ଡ଼ି., ସ୍ୱତ୍ୱ: ସ୍ଥିତିବାନ୍, କିସମ: ଶାରଦ-୨, ହାଲ୍ ଖାତା ନଂ.- ୫୦୭, ପ୍ଲଟ୍ ନଂ.- ୧୮୮୧, ରକବା: ଏ୦.୩୭୫ଡ଼ି. ସ୍ୱଧ ଏ୦.୦୩୬.୭୩ଡ଼ି., ସ୍ୱତ୍ୱ: ସ୍ଥିତିବାନ୍, କିସମ: ଶାରଦ-୨।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ, କ୍ୟାମ୍ପ କୋର୍ଟ, ଭୁବନେଶ୍ୱରଙ୍କର ଆଦେଶ ଅନୁଯାୟୀ।

ଧ-୪୩୨


## ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଣୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ-୨୩।୦୭।୧୯୪୪
ତିରୋଧାନ- ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୬୦୧୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**୰ଦୁର୍ଗା ଚରଣ ନାୟକ**
ତିରୋଧାନ: ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ (୧୫।୦୫।୨୦୦୪)
DCN,
You had a rare pesonality with all good qualities. Your loss has put me in deep grief.
KUNI.
ଧ-୪୨୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଚାମ୍ପିୟନ୍ସ ଲିଗ୍: ରିୟଲ୍ ମାଡ୍ରିଡ୍ ଚାମ୍ପିୟନ


ଚାମ୍ପିୟନ ରିୟଲ ମାଡ୍ରିଡ ଦଳର ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

ଲଣ୍ଡନ,୨।୬(ପି.ଟି)

ୟୁରୋପିଆନ୍ ଚାମ୍ପିୟନ୍ସ ଲିଗ୍ ଫୁଟବଲରେ ରେକର୍ଡ ୧୫ ଥର ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ରିୟଲ ମାଡ୍ରିଡ୍। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ବୋରୁସିଆ ଡର୍ଟମୁଣ୍ଡକୁ ୨-୦ରେ ପରାସ୍ତ କରିବା ସହ ଟେବୁଲ ଶୀର୍ଷରେ ରହିଥିଲା ମାଡ୍ରିଡ୍। ମାଡ୍ରିଡ୍ ପକ୍ଷରୁ ଡାନି କାର୍ଭାଜାଲ(୭୪) ଓ ଭିନିସିୟସ୍ ଜୁନିୟର(୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୩୮ ମ୍ୟାଚ୍ ଖେଳି ସାରିଥିବା ମାଡ୍ରିଡ୍ ୯୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲା। ବାର୍ସେଲୋନା ୨୬ ବିଜୟ ସହ ୮୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟି ରେକର୍ଡ ପଞ୍ଚମ ଥର ପାଇଁ ଏହି ସଫଳତା ହାସଲ କରିଛନ୍ତି।

ମ୍ୟାଚ୍‌ର ପ୍ରଥମ ହାଫ୍‌ରେ ଡର୍ଟମୁଣ୍ଡ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ରିୟଲ ମାଡ୍ରିଡ୍ ଚମତ୍କାର ପ୍ରତି ଆକ୍ରମଣ କରି ବିଜୟୀ ହୋଇଥିଲା। ଆନ୍ସେଲୋଟିଙ୍କର ଏହା ପଞ୍ଚମ ଟାଇଟଲ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜିନେଡାଇନ୍ ଜିଡାନ୍, ପେପ୍ ଗାର୍ଡିଓଲା ଓ ବବ୍ ପେସ୍‌ଲେ ୩ ଥର ଲେଖାଏ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଆନ୍ସେଲୋଟି ଏସି ମିଲାନ୍ ସହ ୨ ଥର ଟାଇଟଲ ଜିତିଥିଲେ। ସେହିପରି ଖେଳାଳିଙ୍କ ମଧ୍ୟରେ ଡାନି କାର୍ଭାଜାଲ, ଲୁକା ମୋଡ୍ରିକ୍, ଟୋନି କ୍ରୁସ୍ ଓ ନାଚୋ ଷଷ୍ଠ ଥର ପାଇଁ ଚାମ୍ପିୟନ୍ସ ଲିଗ୍ ବିଜେତା ଦଳର ସଦସ୍ୟ ରହିଛନ୍ତି।

# ପଙ୍ଘାଲ, ଜସ୍ମିନଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ବ୍ୟାଙ୍କକ୍,୨।୬(ପି.ଟି.)

ଭାରତୀୟ ବକ୍ସର ଅମିତ ପଙ୍ଘାଲ ଓ ଜସ୍ମିନ ଲାମ୍ବୋରିଆ ଏଠାରେ ଚାଲିଥିବା ଦ୍ୱିତୀୟ ବିଶ୍ୱ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲ ଜିତିବା ପରେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏକ କୋଟା ହାସଲ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିବାରେ ପଙ୍ଘାଲ ହେଉଛନ୍ତି ଏକମାତ୍ର ଭାରତୀୟ ବକ୍ସର। ଏଠାରେ ସେ ଚାଇନାର ଚୁଆଙ୍ଗ ଲିୟୁଙ୍କୁ ହରାଇ ଦ୍ୱିତୀୟ ଥର ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଥିବା ଅନ୍ୟ ୪ ଭାରତୀୟ ବକ୍ସର ହେଲେ ନିଶାନ୍ତ ଦେବ (୭୧କେଜି), ନିଖତ ଜରିନ (୫୦କେଜି), ପ୍ରୀତି ପାୱାର (୫୪କେଜି) ଓ ଲଭଲିନା ବର୍ଗୋହେନ (୭୫କେଜି)। ଟୋକିଓ ଅଲିମ୍ପିକ୍ସ ବ୍ୟତୀତ ହରିୟାଣାର ଏହି ବକ୍ସର ଯେଉଁ ବଡ଼ ବଡ଼ ଇଭେଣ୍ଟରେ ଭାଗ ନେଇଛନ୍ତି ତନ୍ମଧ୍ୟରେ ତାଙ୍କର ୨୦୨୨ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଅନ୍ୟତମ। ଚଳିତ ବର୍ଷ ପ୍ରାରମ୍ଭରେ ସେ ମର୍ଯ୍ୟାଦାପୂର୍ଣ୍ଣ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ବିଜୟୀ ହୋଇଥିଲେ।

# ଗ୍ରେଟ୍ ବ୍ରିଟେନଠାରୁ ହାରିଲା ଭାରତ

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

ଲଣ୍ଡନ, ୨।୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ଏଣ୍ଟନ ଲେଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଏହାର ଦ୍ୱିତୀୟ ମ୍ୟାଚ ହାରିଯାଇଛି। ଶନିବାର ବିଶ୍ୱ ଚାମ୍ପିୟନ ଜର୍ମାନୀ ବିପକ୍ଷରେ ୩-୦ ଗୋଲରେ ବିଜୟ ହାସଲ କରିଥିବା ଭାରତକୁ ରବିବାର ୩-୧ ଗୋଲରେ ପରାସ୍ତ କରିଛି ଗ୍ରେଟ୍ ବ୍ରିଟେନ। ଗ୍ରେଟ୍ ବ୍ରିଟେନ ପକ୍ଷରୁ ବଣ୍ଟୁରାକ ନିକୋଲାସ ଦୁଇଟି ଗୋଲ (୨ୟ ଏବଂ ୧୧ଶ ମିନିଟ୍) ଏବଂ କାଲନାଲ ୱିଲ୍ ୪୭ତମ ମିନିଟ୍‌ରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଭାରତ ତରଫରୁ ଏକମାତ୍ର ଫିଲ୍ଡ ଗୋଲ ଅଭିଷେକ ଖେଳର ୩୫ତମ ମିନିଟ୍‌ରେ ସ୍କୋର କରିଥିଲେ। ଭାରତ ଏହି ମ୍ୟାଚରେ ୮ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲରେ ପରିଣତ କରିବାରେ ସମର୍ଥ ହୋଇପାରି ନ ଥିଲା। ସେହିପରି ଗ୍ରେଟ୍ ବ୍ରିଟେନକୁ ମଧ୍ୟ ୫ ପେନାଲ୍ଟି କର୍ନର ମିଳିଥିଲା। ସେମାନେ ମଧ୍ୟ ଗୋଟିଏ ହେଲେ ଗୋଲ୍‌ରେ ପରିଣତ କରିପାରି ନ ଥିଲେ। ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ ତାଲିକାରେ ବ୍ରିଟେନଠାରୁ ଗୋଟିଏ ସ୍ଥାନ ଉପରେ ଭାରତ ତୃତୀୟ ସ୍ଥାନରେ ରହିଛି। ଭାରତ ଜୁନ୍ ୮ରେ ଏହାର ପରବର୍ତ୍ତୀ ମ୍ୟାଚ ଜର୍ମାନୀ ବିପକ୍ଷରେ ଖେଳିବ।

# ଲଙ୍ଗ ଜମ୍ପର ନୟନାଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨।୬ (ପି.ଟି.)

ଭାରତର ଟପ୍ ଲଙ୍ଗ ଜମ୍ପର ନୟନା ଜେମ୍ସ ତାଙ୍କ ଫର୍ମ ଜାରି ରଖି ୬.୪୩ ମିଟର ପ୍ରୟାସ ସହ ତାଇପେରୁ ଅନୁଷ୍ଠିତ ତାଇୱାନ ଓପନ ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତ ବାହାରେ ଏହା ହେଉଛି ତାଙ୍କର ଶ୍ରେଷ୍ଠ ଜମ୍ପ। ଅନ୍ୟପକ୍ଷରେ ଭାରତର ଉଦୀୟମାନ ସ୍ପ୍ରିଣ୍ଟର ଅନିମେଶ କୁଜୁର ସ୍ପେନରେ ଅନୁଷ୍ଠିତ ଏକ ଆଥଲେଟିକ୍ସ ମିଟ୍‌ରେ ପୁରୁଷ ୨୦୦ମିଟର ଜିଜିତ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।


ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରସ୍ଥିତ ମୁଖ୍ୟ ଶାଖାର ବେଲ୍ଟ ଟେଷ୍ଟରେ ୩୮ କରାଟେକା ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆର ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ, ସେନ୍‌ସେଇ ଖାରବେଳ ମଲିକ, ଗୌରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁସ୍ଥ ରହିବାର ସହଜ ଉପାୟ



**ସ୍ୱା**ସ୍ଥ୍ୟ ହିଁ ସମ୍ପଦ- ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ଏହାର ଠିକ୍ ଭାବରେ ଯତ୍ନ ନେବା ହିଁ ବିଜ୍ଞତାର ପରିଚାୟକ। ଏଥିଲାଗି ଆମେ ଆମର ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାରେ ଭିଟାମିନ୍‌ଯୁକ୍ତ ଖାଦ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଠିକ୍ ସମୟରେ ଆବଶ୍ୟକ ମୁତାବକ ଖାଦ୍ୟ ଖାଆନ୍ତୁ। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। ଆଜିକାଲି ନିଜକୁ ସୁସ୍ଥ ରଖିବା ପଛରେ ଆଉ ଏକ କଥା ପ୍ରତି ନଜର ଦେବା ନିହାତି ଦରକାର। ତାହା ହେଲା ବ୍ୟାୟାମ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ନିଜର ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଯଦି କୌଣସି ରୋଗର ଲକ୍ଷଣ ବିଷୟରେ ଜାଣିପାରିଲେ ତାହେଲେ ବିଳମ୍ବ ନ କରି ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ସବୁବେଳେ ନିଜ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

## ଔଷଧ କିଣୁଥିଲେ...



**ସା**ଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକେ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ପ୍ରଥମେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରୋଗ ଦେଖି ସେଥିରୁ ଆରୋଗ୍ୟ ଲାଭ କରିବା ପାଇଁ ସେ ଔଷଧ ଲେଖିଥାଆନ୍ତି। ଯଦି ମେଡିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ, ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରି ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଖାରୁ ଫୁଲ




**କ**ଖାରୁ ଫୁଲରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଛି। ଏହାର ଉପକାରୀ ଗୁଣ ତାଲିକାରେ ନିକଟରେ ଆଉ ଏକ ବିଷୟ ସାମିଲ କରାଯାଇଛି। ଏହି ଫୁଲରେ ଏଭଳି ତତ୍ତ୍ୱ ରହିଛି, ଯାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ। କଖାରୁ ଫୁଲରେ ମଧ ଭିଟାମିନ୍-ଏ ଭରି ରହିଛି। ଏହି ଭିଟାମିନ୍ ଦୃଷ୍ଟିଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ଅନ୍ଧାରକଣା ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ବେଳେବେଳେ ବାହାର ଜୀବାଣୁ ଆମ ଶରୀରରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଆଉ ଏହି ଜୀବାଣୁଗୁଡ଼ିକୁ ପ୍ରତିହତ କରିବାର କ୍ଷମତା କଖାରୁ ଫୁଲର ରହିଛି। ଏହି ଫୁଲରେ କ୍ୟାଲସିୟମ୍ ମାତ୍ରା ପ୍ରଚୁର ପରିମାଣରେ ରହିଛି, ଯାହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଆଣ୍ଠୁ-ଗଣ୍ଠି ବାତରୁ ଏହା ଆମକୁ କେତେକାଂଶରେ ସୁରକ୍ଷା ଦେଇଥାଏ।

# ସୌରଜଗତର କ୍ଷୁଦ୍ର ଇତିହାସ




ତୁଷ୍ଟିତା ଜେନା

"ପୃଥିବୀ ସୃଷ୍ଟି ହେଲା ଦିନରୁ ସୌରଜଗତ ରହିଛି। ହେଲେ ଆମେ ଧୀରେ ଧୀରେ ସେଇ ଜଗତକୁ ଜାଣୁଛୁ। ଆଜି ସୌରଜଗତ ବିଷୟରେ ଯାହା ବି ଜଣାପଡ଼ିଛି, ସେଥିପାଇଁ ୫୦୦୦ ବର୍ଷ ଲାଗିଛି। ତଥାପି ସବୁ କଥା ଜଣାପଡ଼ିନାହିଁ। ଆଜି ଅଧିକ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ପୃଥିବୀଠାରୁ ବହୁ ଦୂରରେ ଥିବା ପିଣ୍ଡଗୁଡ଼ିକୁ ଆବିଷ୍କାର କରାଯାଉଛି। ସୌରଜଗତ ବାହାରେ ଥିବା ପରିବେଶ ଉପରେ ଅଧିକ ଗବେଷଣା ଚାଲିଛି। ତେଣୁ ଆମ ସୌରଜଗତର ଆହୁରି ସ୍ପଷ୍ଟ ପରିଚୟ ମିଳିପାରୁଛି।"



ଗାଲିଲିଓ



**ଆ**୦ଟି ଗ୍ରହ, ଗ୍ରହମାନଙ୍କର ଉପଗ୍ରହ, ବାମନଗ୍ରହ, ଗ୍ରହାଣୁପୁଞ୍ଜ, ଧୂମକେତୁ ଓ ଅଗଣିତ ପିଣ୍ଡକୁ ନେଇ ଆମ ସୌରଜଗତ ତିଆରି ହୋଇଛି। ଆଜି ଆମେ ବିନା ଦ୍ୱିଧା ଓ ବିନା ସନ୍ଦେହରେ ସୌରଜଗତର ପରିଚୟ ପ୍ରଦାନ କରିପାରୁଛୁ। ମାତ୍ର ଅଢ଼େଇ ହଜାର ବର୍ଷ ପୂର୍ବେ ଏହାର ଆଦିଅନ୍ତ ଜାଣିବା ଏତେ ସହଜ ନଥିଲା। କିଏ କହୁଥିଲା ପୃଥିବୀ ଚାରିପଟେ ସୂର୍ଯ୍ୟ ବୁଲୁଛି ତ ଆଉ କାହା ପାଇଁ ସୂର୍ଯ୍ୟ ଥିଲା ସମଗ୍ର ବିଶ୍ୱର କେନ୍ଦ୍ର। ଅନେକ ମତଭେଦ ପରେ ସୌରଜଗତର ପ୍ରକୃତ ପରିଚୟ ମିଳିପାରିଛି। ସୌରଜଗତ କଥା ଚିନ୍ତା କଲେ ଗ୍ରୀସ୍ ଦେଶର ମିଲେଟସ୍ ନିବାସୀ ଦାର୍ଶନିକ ଥାଏଲିସ୍ (ଖ୍ରୀଷ୍ଟପୂର୍ବ ୬୨୪-୫୩୭) ମନେପଡ଼ନ୍ତି। ସୂର୍ଯ୍ୟୋପରାଗ ଓ ପାଗ ଅନୁମାନ କରିବା କାମରେ ସେ ଧୂରନ୍ଧର ଥିଲେ ବୋଲି କୁହାଯାଏ। ସେ କହିଥିଲେ ଯେ ପୃଥିବୀଟା ଥାଳିପରି ଚଟକା ଓ ଏହା ପାଣିରେ ସୋଲପରି ଭାସୁଛି। କିନ୍ତୁ ଆରିଷ୍ଟାର୍କେସ୍ ଆଉ ଟିକିଏ ନୂଆ କଥା କହିଲେ। ଆରିଷ୍ଟାର୍କେସ୍ ହେଉଛନ୍ତି ଜଣେ ଜ୍ୟୋତିର୍ବିଜ୍ଞାନୀ, ଯିଏକି (ଖ୍ରୀଷ୍ଟପୂର୍ବ ୩୧୦-୨୩୦) ଗ୍ରୀକ୍‌ର ସାମିଓସ୍ ଅଞ୍ଚଳରେ ବାସ କରୁଥିଲେ। ସେ କହିଲେ ଯେ ସୂର୍ଯ୍ୟର ଆକାର ବିରାଟ ଓ ପୃଥିବୀ ଏକବର୍ଷରେ ଥରେ ସୂର୍ଯ୍ୟ ଚାରିପଟେ ବୁଲିଆସେ। ସେ କିନ୍ତୁ ତାଙ୍କ କଥାର ଉପଯୁକ୍ତ ପ୍ରମାଣ ଦେଇପାରି ନଥିଲେ। ପ୍ରମାଣ ଅଭାବରୁ ଆରିଷ୍ଟାର୍କେସ୍‌ଙ୍କର ଏହି ସତ୍ୟକୁ ଲୋକମାନେ ଗ୍ରହଣ କରି ନଥିଲେ।

ଆରବ ଦେଶର କ୍ଲୋଡିଅସ୍ ଟୋଲେମି (ଖ୍ରୀଷ୍ଟାବ୍ଦ ୦୧୫୦) ଆକାଶରେ ଦେଖାଯାଉଥିବା ପ୍ରାୟ ୧୦୨୨ ଗୋଟି ତାରାମାନଙ୍କର ଅବସ୍ଥିତି ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ସୌରଜଗତ ବିଷୟରେ ସେ କହିଥିଲେ ଯେ ପୃଥିବୀ ଚାରିପଟେ ସୂର୍ଯ୍ୟ ଓ ଅନ୍ୟାନ୍ୟ ଗ୍ରହମାନେ ବୁଲୁଛନ୍ତି। ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ତଥ୍ୟକୁ ଠିକ୍ ବୋଲି ଗ୍ରହଣ କରାଗଲା। ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୋଲାଣ୍ଡ ଜ୍ୟୋତିର୍ବିଜ୍ଞାନୀ ନିକୋଲାସ୍ କୋପରନିକସ୍ (୧୪୭୩-୧୫୪୩) ଟୋଲେମିଙ୍କ ତଥ୍ୟକୁ ମିଛ ବୋଲି ଦାବିକଲେ। ସେ ୧୫୩୦ ମସିହାରେ ପ୍ରକାଶିତ ତାଙ୍କର 'ଡି ରିଭୋଲୁଟନିଭସ୍ ଅର୍ବିୟମ୍ ସେଲେଷ୍ଟିଅମ' ପୁସ୍ତକରେ ଲେଖିଲେ ଯେ ପୃଥିବୀ ଓ ଅନ୍ୟ ଗ୍ରହମାନେ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରନ୍ତି, ଯାହାକୁ ଆମେ କହୁ ସୌର-କୈନ୍ଦ୍ରୀୟ ବ୍ୟବସ୍ଥା। ମାତ୍ର ଟୋଲେମିଙ୍କ ପରି ସେ ମଧ ଭୁଲ୍ ଲେଖିଥିଲେ ଯେ ଗ୍ରହଗୁଡ଼ିକର କକ୍ଷପଥ ସଂପୂର୍ଣ୍ଣ ଗୋଲ ବା ବୃତ୍ତାକାର। ହେଲେ ତାଙ୍କର ସୌର-କୈନ୍ଦ୍ରୀୟ ତଥ୍ୟପାଇଁ ମାର୍ଟିନ୍ ଲୁଥର ଓ ଚର୍ଚ୍ଚଗୁଡ଼ିକର ସେ ଶତ୍ରୁ ହେଲେ, କାରଣ ପୃଥିବୀକୁ ସୌରଜଗତର କେନ୍ଦ୍ର ବୋଲି ସମସ୍ତେ ବିଶ୍ୱାସ କରୁଥିଲେ। ଏହାପରେ ଆସିଲେ ଡେନ୍‌ମାର୍କର ବୈଜ୍ଞାନିକ ଟାଇକୋ ବ୍ରାହୀ (୧୫୪୬-୧୬୦୧)। ଏକଥା ସତ, ସେ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ନଥିଲେ, କିନ୍ତୁ ତାଙ୍କର ମାପଯନ୍ତ୍ରଗୁଡ଼ିକ ସେ ସମୟରେ ଉତ୍କୃଷ୍ଟ ମାନର ଥିଲା। ୧୫୭୬ରୁ ୧୫୯୬ ମଧ୍ୟରେ ସେ ଗ୍ରହନକ୍ଷତ୍ରମାନଙ୍କର ଏକ ଠିକ୍ ଗତି-ଚିତ୍ର ଉପସ୍ଥାପନ କରିଥିଲେ। ସୌରଜଗତ ସମ୍ପର୍କରେ ତାଙ୍କର ମତାମତ କିନ୍ତୁ ସମ୍ପୂର୍ଣ୍ଣ ଠିକ୍ ନଥିଲା। ସେ କହିଥିଲେ ଯେ ସୂର୍ଯ୍ୟକୁ ଗ୍ରହମାନେ ପ୍ରଦକ୍ଷିଣ କରନ୍ତି, ମାତ୍ର ସୂର୍ଯ୍ୟ ପ୍ରଦକ୍ଷିଣ କରେ ପୃଥିବୀକୁ, ଯିଏ କି ସ୍ଥିର। ୧୬୦୧ ମସିହାରେ ବ୍ରାହୀଙ୍କର ହଠାତ୍ ମୃତ୍ୟୁ ପରେ ଲୋକଲୋଚନକୁ ଆସିଲେ ତାଙ୍କର ପ୍ରଧାନ ସହଯୋଗୀ ଜର୍ମାନୀର ଜୋହାନ୍‌ସ କେପ୍ଲାର୍ (୧୫୭୧-୧୬୩୦)। ଗ୍ରହଗୁଡ଼ିକର ଗତି ଉପରେ କେପ୍ଲାର୍ ୧୬୦୯ରେ ଦୁଇଟି ଓ ୧୬୧୮ରେ ଗୋଟିଏ ନିୟମ ପ୍ରଦାନ କଲେ। ପ୍ରଥମ ନିୟମ ଦୁଇଟିରେ ଅଣ୍ଡାକୃତି କକ୍ଷପଥ ବିଷୟରେ ଓ ତୃତୀୟଟିରେ ପରିକ୍ରମଣ କାଳ ବିଷୟରେ ଉଲ୍ଲେଖ କରିଥିଲେ। ଆଧୁନିକ ପଦାର୍ଥ ବିଜ୍ଞାନ ତଥା ମହାକାଶ ବିଜ୍ଞାନରେ ନିୟମ ତିନୋଟିର ଯଥେଷ୍ଟ ଗୁରୁତ୍ୱ ରହିଛି। ଏବେ ବି ସ୍କୁଲ ଓ କଲେଜରେ ତାଙ୍କର ସେହି ନିୟମଗୁଡ଼ିକ ପଢ଼ାଯାଉଛି।

ଗ୍ରହଉପଗ୍ରହ ଉପରେ ଇଟାଲୀର ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ଗାଲିଲେଇ (୧୫୬୪-୧୬୪୨) ଉଲ୍ଲେଖଯୋଗ୍ୟ ଗବେଷଣା କରିଥିଲେ। କେପ୍ଲାର୍ ଓ ବ୍ରାହୀ ମଙ୍ଗଳଗ୍ରହକୁ ନେଇ ଗବେଷଣା କରିଥିଲେ, ମାତ୍ର ଗାଲିଲିଓ ଅଧିକ ମନୋନିବେଶ କରିଥିଲେ ବୃହସ୍ପତି ଗ୍ରହ ଉପରେ। ୧୬୦୮ ମସିହାରେ ସେ ପ୍ରଥମ ଦୂରବୀକ୍ଷଣ ଯନ୍ତ୍ର ଉଦ୍ଭାବନ କଲେ। ସୂର୍ଯ୍ୟକୁ ସୌରଜଗତର କେନ୍ଦ୍ର ବୋଲି ସେ ବିଶ୍ୱାସ କରୁଥିଲେ। ଗାଲିଲିଓ ପ୍ରଥମେ ଚନ୍ଦ୍ରପୃଷ୍ଠରେ ପର୍ବତ, ଶୁକ୍ରର ବିଭିନ୍ନ ଅବସ୍ଥା, ସୌରକଳଙ୍କ ଓ ବୃହସ୍ପତିର ଚାରୋଟି ଉପଗ୍ରହର ସନ୍ଧାନ ଦେଲେ। କିନ୍ତୁ ୧୬୩୨ ମସିହା ଫେବୃଆରୀ ମାସରେ ପ୍ରକାଶିତ ତାଙ୍କର ପୁସ୍ତକ ତାଙ୍କ ପାଇଁ କାଳ ହେଲା। ଏଥିରେ ସୂର୍ଯ୍ୟ ଚାରିପଟେ ପୃଥିବୀ ପରିକ୍ରମା କରେ ବୋଲି କୋପରନିକସ୍‌ଙ୍କ ମତକୁ ସେ ଠିକ୍ ମାନିଥିବାରୁ ରୋମ୍‌ର କ୍ୟାଥୋଲିକ୍ ଚର୍ଚ୍ଚଗୁଡ଼ିକ ତାଙ୍କୁ ଦୃଢ଼ ବିରୋଧ କଲେ। ଏଥିପାଇଁ ସେ ସର୍ବସମ୍ମୁଖରେ କ୍ଷମାଭିକ୍ଷା କଲେ ଓ ତାଙ୍କ ଜୀବନର ଶେଷ ଆଠବର୍ଷ ଜେଲ୍ ଭିତରେ ରହି ଛଟପଟ ହୋଇ ୧୬୪୨ରେ ପ୍ରାଣତ୍ୟାଗ କଲେ। ସେହିବର୍ଷ ଇଂଲଣ୍ଡରେ ଜନ୍ମଗ୍ରହଣ କଲେ ସାର୍ ଆଇଜାକ୍ ନିଉଟନ୍ (୧୬୪୨-୧୭୨୭)। ତାଙ୍କ ନିୟମଗୁଡ଼ିକ ପଦାର୍ଥ ବିଜ୍ଞାନ ପାଇଁ ଅପରିହାର୍ଯ୍ୟ। ସୂର୍ଯ୍ୟ ଓ ଗ୍ରହମାନଙ୍କ ଭିତରେ ମହାକର୍ଷଣ ବଳ ତଥା ପୃଥିବୀର ମାଧ୍ୟାକର୍ଷଣ ବଳ ରହିଛି ବୋଲି ସେଇ ମହାନ୍ ବୈଜ୍ଞାନିକ ଆବିଷ୍କାର କରିଥିଲେ। ସୌରଜଗତକୁ ବୁଝିବା ପାଇଁ ପ୍ରକୃତରେ ନିଉଟନ୍ ଓ କେପ୍ଲାରଙ୍କର ଅବଦାନ ଅତୁଳନୀୟ।

ପୃଥିବୀ ସୃଷ୍ଟି ହେଲା ଦିନରୁ ସୌରଜଗତ ରହିଛି। ହେଲେ ଆମେ ଧୀରେ ଧୀରେ ସେଇ ଜଗତକୁ ଜାଣୁଛୁ। ଆଜି ସୌରଜଗତ ବିଷୟରେ ଯାହା ବି ଜଣାପଡ଼ିଛି, ସେଥିପାଇଁ ୫୦୦୦ ବର୍ଷ ଲାଗିଛି। ତଥାପି ସବୁକଥା ଜଣାପଡ଼ିନାହିଁ। ଆଜି ଅଧିକ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ପୃଥିବୀଠାରୁ ବହୁ ଦୂରରେ ଥିବା ପିଣ୍ଡଗୁଡ଼ିକୁ ଆବିଷ୍କାର କରାଯାଉଛି। ସୌରଜଗତ ବାହାରେ ଥିବା ପରିବେଶ ଉପରେ ଅଧିକ ଗବେଷଣା ଚାଲିଛି। ତେଣୁ ଆମ ସୌରଜଗତର ଆହୁରି ସ୍ପଷ୍ଟ ପରିଚୟ ମିଳିପାରୁଛି।

-ପଦାର୍ଥ ବିଜ୍ଞାନ ବିଭାଗ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତେଜସ୍ୱିନୀ ହିଲ୍, ପେରିୟା, କଶରଗଡ଼, କେରଳ-୧୬

## ସକାରାତ୍ମକ ମାନସିକତା ଓ ହାର୍ଟ




**ଆ**ମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ହୃତ୍‌ପିଣ୍ଡ ବା ହାର୍ଟ। ଆମେ ସୁସ୍ଥ ରହିବା ପଛରେ ଏହାର ଭୂମିକା କେତେ ତାହା ପ୍ରାୟ ସମସ୍ତେ ଜାଣନ୍ତି। ଦୈନନ୍ଦିନ ଜୀବନରେ ଏହା ସୁସ୍ଥ ରହିଲେ ଆମେ ନୀରୋଗ ରହିବା। କେବଳ ଖାଦ୍ୟପେୟ କିମ୍ବା ବ୍ୟାୟାମ ନୁହେଁ, ହାର୍ଟକୁ ସୁସ୍ଥ ରଖିବାରେ ଆଉ ଏକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ତାହା କ'ଣ ଜାଣନ୍ତି? ସକାରାତ୍ମକ ମାନସିକତା। ଏ ବିଷୟରେ ଏକ ସର୍ଭେ କରି ୟୁନିଭର୍ସିଟି ଅଫ୍ ଟୋକିଓର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟର କାର୍ଯ୍ୟଧାରା ବେଶ୍ ସକ୍ରିୟ ରହିଥାଏ। ଉକ୍ତ ସର୍ଭେ ସମୟରେ ସେମାନେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏହା ସହ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ନିଜକୁ ଅବସାଦ ଏବଂ ଚିନ୍ତା ଠାରୁ ଦୂରେଇ ରଖନ୍ତୁ। ହାର୍ଟ ସମ୍ପର୍କିତ ଯଦି ମନରେ କିଛି ପ୍ରଶ୍ନ ରହିଛି ତେବେ ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

## ଜାଣି ରଖନ୍ତୁ



- ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମ ହାଡ଼ ଓ ମାଂସପେଶୀଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହୋଇଯାଏ। ତେଣୁ ଚଲାବୁଲା କରୁଥିଲେ ନିଜ ବେଗକୁ ନିୟନ୍ତ୍ରଣରେ ରଖନ୍ତୁ।
- ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।
- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଯଦି ବୟସ୍କ ବ୍ୟକ୍ତି ହୃଦ୍‌ରୋଗ, କ୍ୟାନ୍‌ସର ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ, ତେବେ ଠିକ୍ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଆମର ଓଜନ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ଏଥିପାଇଁ ବ୍ୟାୟାମ ବ୍ୟତୀତ ଯୋଗ କିମ୍ବା ପ୍ରାଣାୟାମକୁ ଆପଣେଇ ପାରନ୍ତି।

## ନିୟନ୍ତ୍ରଣରେ ରହିବ କୋଲେଷ୍ଟରଲ



**ଆ**ମ ଶରୀରରେ କୋଲେଷ୍ଟରଲ ପରିମାଣ ନିୟନ୍ତ୍ରଣରେ ରହିବା ଦରକାର। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତି ତେବେ ତାହା ଏଥିପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବାକୁ ଏକ ଅଭ୍ୟାସରେ ପରିଣତ କଲେ ସେଥିରୁ ଅନେକ ଉପକାର ମିଳିଥାଏ। କୋଲେଷ୍ଟରଲ ବ୍ୟତୀତ ଓଜନ ହ୍ରାସ କରିବାରେ ଏହାର ମଧ ଭୂମିକା ରହିଛି। ଅନ୍ୟପକ୍ଷରେ ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ଦୂର କରିଥାଏ। କୋଷ୍ଠକାଠିନ୍ୟ ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେଇଥାଏ। ଏହା ମଧ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। କେବଳ ସେତିକି ନୁହେଁ, ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଉଷୁମ ପାଣି ସହାୟକ ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଡାକ୍ତର ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥିବା ନମୂନା ପରୀକ୍ଷାଗୁଡ଼ିକ ନାମୀ ପ୍ୟାଥୋଲୋଜିରେ କରାନ୍ତୁ। କାରଣ ଏଗୁଡ଼ିକର ଆଧାରରେ ଡାକ୍ତର ରୋଗ ନିର୍ଣ୍ଣୟ କରିଥାଆନ୍ତି।
- ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସାମିଲ କରନ୍ତୁ। ଏହାବ୍ୟତୀତ ସାଲାଡ ଖାଆନ୍ତୁ ଏବଂ ଜୁସ୍ ପିଅନ୍ତୁ।
- ଯଦି ବ୍ୟାୟାମ କରିବା ସମୟରେ କ୍ଲାନ୍ତ ଲାଗୁଛି, ତେବେ ଏଥିରୁ କିଛି ସମୟ ବିରତି ନିଅନ୍ତୁ। ତଥାପି ଯଦି ଅସୁସ୍ଥ ଲାଗୁଛି ତେବେ ସମ୍ପୂର୍ଣ୍ଣ ସୁସ୍ଥ ନ ଲାଗିବା ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ ନାହିଁ।
- ଆମେ କେବଳ ଖାଦ୍ୟ ଖାଇଲେ ହେବ ନାହିଁ। ଏହାସହ ଆବଶ୍ୟକ ମୁତାବକ ପାଣି ପିଇବା ନିହାତି ଦରକାର। ଏକ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ୬-୮ ଗ୍ଲାସ ପାଣି ପିଇବା ନିହାତି ଜରୁରୀ।
- ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ। ଏହା ମନରେ ନକାରାତ୍ମକ ଭାବନାକୁ ଦୂର କରି ସକାରାତ୍ମକ ଭାବନା ସୃଷ୍ଟି କରିଥାଏ।
- ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ। ଏହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ତା' ସହ କୋଲେଷ୍ଟରଲ୍ ପରିମାଣକୁ ମଧ ସନ୍ତୁଳିତ ରଖିଥାଏ।
- ଶରୀରରେ ସୁଗାର ପରିମାଣକୁ କେତେକାଂଶରେ ଆଖୁରସ ନିୟନ୍ତ୍ରଣ କରିଥାଏ। ତା'ସହ ଏଥିରେ ଥିବା ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍ ତତ୍ତ୍ୱ ଦାନ୍ତ ଓ ମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ।



# ଅଂଶୁଘାତର ପ୍ରତିକାର

(ଶେଷ ଭାଗ)

**ଚି**କିତ୍ସା ଶାସ୍ତ୍ର ମତାନୁଯାୟୀ ଛୋଟ ପିଲାମାନଙ୍କ ଶରୀରରେ ହାରାହାରି ତାପମାତ୍ରା ୯୭.୯ ଡିଗ୍ରୀ ଫାରେନାଇଟ(୩୬.୬ଡିଗ୍ରୀ ସେଲସିୟସ୍)ରୁ ୯୯ ଡିଗ୍ରୀ ଫାରେନାଇଟ (୩୭.୨ଡିଗ୍ରୀ ସେଲସିୟସ୍) ଏବଂ ପ୍ରାପ୍ତ ବୟସ୍କ (୬୫ ବର୍ଷରୁ ଅଧିକ) ଲୋକଙ୍କଠାରେ ହାରାହାରି ତାପମାତ୍ରା ୯୮.୭ ଡିଗ୍ରୀ ଫାରେନାଇଟ(୩୭ ଡିଗ୍ରୀ ସେଲସିୟସ୍) ରହିବା ଉଚିତ। ଜଳବାୟୁର ପରିବର୍ତ୍ତନ ହେତୁ ତାପମାତ୍ରା ବୃଦ୍ଧି ପାଇବା ସହ ଶରୀରରେ ସ୍ୱାଭାବିକ ସ୍ଥିତି ବିଗିଡ଼ି ଯାଇ ବେଳେବେଳେ ସୁସ୍ଥ ବ୍ୟକ୍ତି ନିମ୍ନ ରକ୍ତଚାପ, ନିଃଶ୍ୱାସ ପ୍ରଶ୍ୱାସରେ ପ୍ରଖରତା, ନାଡ଼ିର ଗତି ବୃଦ୍ଧି ପାଇବା, ପରିସ୍ରାର ପରିମାଣ କମି ହଳଦିଆ ବର୍ଣ୍ଣ ହେବା ସହ ଶରୀରର ମାଂସପେଶୀ ଅକୁଞ୍ଚନ ହେବା ସହ ଯନ୍ତ୍ରଣା ଅନୁଭବ ହେବା, ମୁଣ୍ଡ ବିନ୍ଧିବା, ଦୁର୍ବଳ ଲାଗିବା ଆଦି ଅଂଶୁଘାତର ଲକ୍ଷଣ ଦେଖାଦେଇଥାଏ। ରୋଗୀର ପରିସ୍ଥିତିକୁ ନିୟନ୍ତ୍ରଣ ନିମନ୍ତେ ତୁରନ୍ତ ଚିକିତ୍ସା କେନ୍ଦ୍ରକୁ ନେଇ ଡାକ୍ତରଙ୍କ ପରାମର୍ଶରେ ରୋଗୀର ଉପଶମ କରାଇବା ଆବଶ୍ୟକ।

ସାଧାରଣତଃ ନିମ୍ନ ରକ୍ତଚାପ ଓ ଉଚ୍ଚ ରକ୍ତଚାପରେ ପୀଡ଼ିତ ବ୍ୟକ୍ତି, ମଧୁମେହ, ଯକ୍ଷ୍ମାରେ ସଂକ୍ରମିତ ରୋଗୀ, ଦୁର୍ବଳ ବ୍ୟକ୍ତି, ଛୋଟ ପିଲା, ବୃଦ୍ଧ ବୃଦ୍ଧା, ଗର୍ଭବତୀ, ଖରାରେ ଅଧିକ ସମୟ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି, ଅଧିକ ମୋଟା ଥିବା ବ୍ୟକ୍ତି, ଦୀର୍ଘଦିନ ଧରି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଗ୍ରୀଷ୍ମ ଋତୁରେ ଅଧିକ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ। ନଚେତ ଅଂଶୁଘାତ ହେବାର ଅଧିକ ଆଶଙ୍କା ରହିଥାଏ।



ସାମ୍ପ୍ରତିକ ପରିସ୍ଥିତିରେ ଦିନକୁ ଦିନ ପ୍ରତିବର୍ଷ ସୂର୍ଯ୍ୟଙ୍କ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାର ପରିଲକ୍ଷିତ ହେଉଛି। ଜଙ୍ଗଲରୁ ବୃକ୍ଷ ହ୍ରାସ ପାଇବା, କଳକାରଖାନା ଏବଂ ଗାଁ ଆଦିରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ଜଳବାୟୁରେ ଉତ୍ତାପ ବୃଦ୍ଧି ଘଟିଥାଏ। ଯଦ୍ୱାରା ଜଳବାୟୁରେ ଅସ୍ୱାଭାବିକ ଗରମ ଅନୁଭୂତ ହୋଇ ମନୁଷ୍ୟ ଅଂଶୁଘାତର ଶିକାର ହେବାର ଆଶଙ୍କା ଅଧିକ ରହିଥାଏ। ଏହି ସମସ୍ତ ବିଷୟକୁ ଆମେ ଅନୁଭବ କରି ଅଂଶୁଘାତଠାରୁ ଦୂରେଇ ରହିବା ପାଇଁ ନିଜେ ସତର୍କତା ଅବଲମ୍ବନ କରିବା ସହ ନିଜ ପରିବାର ତଥା ସମାଜର ସବୁ ସ୍ତରରେ 'ଅଂଶୁଘାତ' ସତର୍କତା ଓ ସଚେତନତାର ବାର୍ତ୍ତା ଜାରି ରଖିବା ଆବଶ୍ୟକ ଅଟେ। ଆସନ୍ତୁ ଆମେ ସମସ୍ତେ ଏକ ହୋଇ ହାତକୁ ହାତ ମିଶାଇ ଆମ ପରିବେଶକୁ ସବୁଜ ବନାନୀ କରିବା।

-ଡା. ବସନ୍ତ କୁମାର ଷଡ଼ଙ୍ଗୀ
ମୋ: ୭୮୯୪୧୧୨୪୮୭

# ପ୍ରି-କ୍ୱାର୍ଟରରେ ଜୋକୋଭିଚ୍, ସ୍ୱିଟେକ୍

## ଫ୍ରେଞ୍ଚ୍ ଓପନ୍


ନୋଭାକ୍ ଜୋକୋଭିଚ୍

**ପ୍ୟାରିସ୍,୨।୬(ପି.ଟି)**

ଟେନିସ୍ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନର ଚତୁର୍ଥ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ସର୍ବିଆର ନୋଭାକ୍ ଜୋକୋଭିଚ୍ ଓ ପୋଲାଣ୍ଡର ଇଗା ସ୍ୱିଟେକ୍। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଉଭୟ ଖେଳାଳି ବର୍ତ୍ତମାନ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ କାସ୍ପର ରୁଡ୍, ଷ୍ଟିଫାନୋସ୍ ସିତ୍ସିପାସ, କାର୍ଲୋସ୍ ଅଲକାରାଜ ଗାର୍ଫିଆ, କୋକୋ ଗଫ୍ ଓ ମାର୍କେଟା ଭୋନ୍ଦ୍ରୋସୌଭା ମଧ୍ୟ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

ବିଶ୍ୱ ମାନ୍ୟତାର ୧ ନମ୍ବର ସ୍ଥାନରେ ଥିବା ଜୋକୋଭିଚ୍ ଇଟାଲୀର ଲରେଞ୍ଜୋ ମୁସେଟ୍ଟିଙ୍କୁ ୫ ସେଟ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ହରାଇଥିଲେ। ୭-୫, ୬-୭(୬/୮), ୨-୬, ୬-୩ ଓ ୬-୦ରେ ଜୋକୋଭିଚ୍ ଏହି ମ୍ୟାଚ୍ ଜିତି ନେଇଥିଲେ। ପ୍ରଥମ ସେଟ୍‌କୁ ଜିତିଥିଲେ ମଧ୍ୟ ପରବର୍ତ୍ତୀ ୨ ସେଟରେ ଜୋକୋଭିଚ୍ ପରାଜିତ ହୋଇଥିଲେ। ତେବେ ଅଭିଜ୍ଞତାର ଉପଯୋଗ କରି ଅନ୍ତିମ ୨ ସେଟ୍‌କୁ ଜିତିଥିଲେ ଜୋକୋଭିଚ୍। ବିଶ୍ୱ ମାନ୍ୟତାର ସପ୍ତମ ସ୍ଥାନରେ ଥିବା କାସ୍ପର ରୁଡ୍ ୪-୬, ୬-୧, ୬-୨, ୬-୨ ସେଟ୍‌ରେ ଥୋମାସ ମାର୍ଟିନ୍ ଏଚେଭରୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ନବମ ସ୍ଥାନରେ ଥିବା ଷ୍ଟିଫାନୋସ୍ ସିତ୍ସିପାସ ୩-୬, ୭-୬(୭/୪), ୬-୨, ୬-୨ ସେଟରେ ଇଟାଲୀର ମାଟ୍ଟେଓ ଅରନାଲ୍ଡିଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ୩ ସେଟକୁ ଜିତି ନେଇଥିଲେ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ସ୍ପେନର କାର୍ଲୋସ ଅଲକାରାଜ ଗାର୍ଫିଆ ସିଧାସଳଖ ୬-୩, ୬-୩,୬-୧ ସେଟରେ କାନାଡାର ଫେଲିକ୍ସ ଅଗର ଆଲିଆସିମେଙ୍କୁ ହରାଇଥିଲେ।

ସେହିପରି ମହିଳା ସିଙ୍ଗଲ୍ସରେ ଏକ ନମ୍ବର ସିଡ୍ ଇଗା ସ୍ୱିଟେକ୍ ୬-୦, ୬-୦ରେ ରୁଷିଆର ଅଣ ସିଡେଡ୍ ଖେଳାଳି ଆନାସ୍ତାସିଆ ପୋଟାପୋଭାଙ୍କୁ ପରାସ୍ତ କରିଥିଲେ। ପ୍ରତିପକ୍ଷ ଖେଳାଳିଙ୍କୁ ଗୋଟିଏ ବି ସେଟ୍ ଜିତିବାର ସୁଯୋଗ ନ ଦେଇ ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିଲେ ସ୍ୱିଟେକ୍। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଆମେରିକାର କୋକୋ ଗଫ୍ ୬-୧, ୬-୨ ସେଟ୍‌ରେ ଇଟାଲୀର ଏଲିଜାବେଥ୍ କୋସିଆରେଟ୍ଟୋଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋନ୍ଦ୍ରୋସୌଭା ୬-୪, ୬-୨ରେ ସର୍ବିଆର ଅଣ ସିଡେଡ୍ ଖେଳାଳି ଓଲଗା ଡାନିଲୋଭିକ୍‌ଙ୍କୁ ପରାସ୍ତ କରିଥିଲେ।

### ଦ୍ୱିତୀୟ ରାଉଣ୍ଡରେ ବୋପାନ୍ନା-ଏବଡେନ୍

**ପ୍ୟାରିସ୍,୨।୬(ପି.ଟି):** ଫ୍ରେଞ୍ଚ ଓପନ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଭାରତର ରୋହନ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍। ବ୍ରାଜିଲର ଓରଲାଣ୍ଡୋ ଲୁଜ୍ ଓ ମାର୍ସେଲୋ ଜୋରମାନଙ୍କୁ ୭-୫, ୪-୬ ଓ ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ବୋପାନ୍ନା-ଏବଡେନ୍ ୨ ଘଣ୍ଟା ୭ ମିନିଟ ସମୟ ନେଇ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ।


ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡ ମ୍ୟାଚରେ ରିଟର୍ନ ଶଟ୍ ଖେଳୁଛନ୍ତି କୋକୋ ଗଫ୍।

# ରାଜ୍ୟ ଓପନ୍ ଚେସ୍: ସୃଜନ ଚାମ୍ପିୟନ

**ଭୁବନେଶ୍ୱର, ୨।୬ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩ୟ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ଓପନ ଚେସ୍ ଚାମ୍ପିୟନଶିପ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଯାଜପୁରର ସୃଜନ ପ୍ରଣୟୀ ରାୟ ପୂରା ୫ ପଏଣ୍ଟ ସହିତ ଚାମ୍ପିୟନ ହୋଇଛନ୍ତି। ପୁରୀର ମହେଶ ପ୍ରସାଦ ସେଠୀ ୪.୫ ପଏଣ୍ଟ ପାଇ ରନରଅପ୍ ହୋଇଛନ୍ତି। ରବୀନ୍ଦ୍ର କୁମାର ଓଝା, ଅବିନାଶ ବଳିୟାରସିଂ, ସାଇ ରଞ୍ଜନ ମିଶ୍ର ୪ ପଏଣ୍ଟ ଲେଖାଏ ଏବଂ ଭିନିତ ନାୟକ ଓ ସୂରଜ କୁମାର ମହାରଣା ୩.୫ ପଏଣ୍ଟ ସହ ପରବର୍ତ୍ତୀ ୫ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସିଡ୍ରିମ୍‌ଜ୍ ଇ-କମର୍ସର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା, ଆୟୋଜକ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ମୃତି ଦେବତା, ଦ୍ୱିତୀକାଂଶ ଓ ଦକ୍ଷିତାଂଶ ଦେବତା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।


ପୁରସ୍କାର ସହ ସୃଜନ ପ୍ରଣୟୀ ରାୟ ଓ ମହେଶ ପ୍ରସାଦ ସେଠୀ।

# ମାରାଡୋନାଙ୍କ ଟ୍ରଫିର ନିଲାମି ସ୍ଥଗିତ

**ପ୍ୟାରିସ, ୨।୬(ଏପି)**

ସ୍ୱର୍ଗତ ଫୁଟ୍‌ବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କୁ ମିଳିଥିବା ଏକ ଟ୍ରଫି (ଗୋଲ୍ଡେନ ବଲ୍)ର ନିଲାମିକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଥିବା ଫ୍ରେଞ୍ଚ୍ ଅକ୍ସନ ହାଉସ୍ ଅଗଟେସ ରବିବାର ପ୍ରକାଶ କରିଛି। ଟ୍ରଫିଟି ପ୍ରଥମେ ଚୋରି ହୋଇଯିବା ଏବଂ ପରେ ବିକ୍ରି ପାଉଁ ଉଦ୍ୟମ ଚାଲିଥିବା ଏହାର ଉତ୍ତରାଧିକାରୀମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗରେ କେତେଦୂର ସତ୍ୟତା ଅଛି ତାହାର ବିଚାର ବିଭାଗୀୟ ତଦନ୍ତ ହେଉଛି। ୧୯୮୬ ବିଶ୍ୱକପ୍‌ରେ ଶ୍ରେଷ୍ଠ ଖେଳାଳି ମାରାଡୋନାଙ୍କୁ ଏହି ଗୋଲ୍ଡେନ ବଲ୍ ଟ୍ରଫି ମିଳିଥିଲା। ନିଲାମିକୁ ରୋକିବା ଲାଗି ମାରାଡୋନାଙ୍କ ଉତ୍ତରାଧିକାରୀମାନେ ଏହିସପ୍ତାହରେ ଏକ ଫ୍ରେଞ୍ଚ କୋର୍ଟର ଆଶ୍ରୟ ନେଇ ପ୍ରଥମେ ବିଫଳ ହୋଇଥିଲେ। କିନ୍ତୁ ପରେ ସେମାନଙ୍କ ଓକିଲ କୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ।

# କାରୁଆନାଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

**ଷ୍ଟାଭେଞ୍ଜର (ନରୱେ), ୨।୬ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ନରୱେ ଚେସ୍ ଟୁର୍ନାମେଣ୍ଟରେ ବିଶ୍ୱର ଦୁଇ ନମ୍ବର ତଥା ଆମେରିକାର ଫାବିଆନୋ କାରୁଆନାଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଟୁର୍ନାମେଣ୍ଟର ୫ମ ରାଉଣ୍ଡ ପରେ ସେ ବିଶ୍ୱ ର୍ୟାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ଗେମ୍‌ରେ ଆମେରିକାର ହିକାରୁ ନାକାମୁରା ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଛନ୍ତି। ଏଥିସହ ସେ ନରୱେର ମାଗ୍ନସ କାର୍ଲସେନଙ୍କଠାରୁ ପୂରା ଗୋଟିଏ ପଏଣ୍ଟ ଆଗୁଆ ରହିଛନ୍ତି। ୧,୬୧,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ଆଉ ୫ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ନାକାମୁରା ୧୦ ପଏଣ୍ଟ ଅର୍ଜନ କରିବା ସହ କାର୍ଲସେନଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଛନ୍ତି। କାର୍ଲସେନ ଫ୍ରାନ୍ସର ଫିରୋଝା ଅଲିରେଜାଙ୍କୁ ହରାଇ ଦେଇଛନ୍ତି। ୯ ପଏଣ୍ଟ ସହ ସେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତାଙ୍କ ପଛକୁ ପ୍ରଜ୍ଞାନନ୍ଦ (୮.୫ପଏଣ୍ଟ) ଓ ଅଲିରେଜା (୬.୫) ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି। ସେହିପରି କାରୁଆନା ୫ ପଏଣ୍ଟ ସହ ୫ମ ସ୍ଥାନରେ ରହିଥିବା ବେଳେ ଡିଙ୍ଗ୍ ଲିରେନ ମାତ୍ର ୨.୫ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ମହିଳା ଇଭେଣ୍ଟରେ ଭାରତର ଆର. ବୈଶାଳୀ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଆର୍ମାଗେଡନ ଗେମ୍‌ରେ ସେ ଚାଇନାର ଟିଙ୍ଗ୍‌ଜି ଲେଇଙ୍କୁ ପରାସ୍ତ କରି ୧୦ ପଏଣ୍ଟ ସହ ଏକକ ଅଗ୍ରଣୀ ଲାଭ କରିଛନ୍ତି। ଭାରତୀୟଙ୍କ ନିକଟତର ଖେଳାଳି ହେଉଛନ୍ତି ଆନ୍ନା ମୁଜିଚୁକ୍। ସେ କ୍ଲାସିକାଲ ଗେମ୍‌ରେ ସୁଇଡେନର ପିଆ କ୍ରାମଲିଙ୍ଗଙ୍କୁ ପରାସ୍ତ କରିବା ପରେ ବୈଶାଳୀଙ୍କଠାରୁ ଗୋଟିଏ ପଏଣ୍ଟ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମହିଳା ବିଶ୍ୱ ଚାମ୍ପିୟନ ୱେନଜୁନ୍ ଜୁ ଆର୍ମାଗେଡନରେ କୋନେରୁ ହମ୍ପିଙ୍କ ବିପକ୍ଷରେ କ୍ରମାଗତ ୫ମ ବିଜୟ ସହ ୭.୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛନ୍ତି। ହମ୍ପିଙ୍କଠାରୁ ଲେଇ ଦୁଇ ପଏଣ୍ଟ ବ୍ୟବଧାନରେ ପଛରେ ରହି ୬ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ଅଛନ୍ତି।


ଆର୍. ପ୍ରଜ୍ଞାନନ୍ଦ

# ପଦାର୍ପଣରେ ଆମେରିକାର ଚମତ୍କାର ବିଜୟ

## ଟି୨୦ ବିଶ୍ୱକପ୍ ଉଦ୍‌ଘାଟିତ

**ଡାଲାସ୍,୨।୬(ପି.ଟି)**

ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସମ୍ପୂର୍ଣ୍ଣ ଷ୍ଟାଇଲରେ ନିଜର ପଦାର୍ପଣ କରିଛି ଆମେରିକା। ପ୍ରଥମ ମ୍ୟାଚ୍‌ରେ କାନାଡାକୁ ୭ ଉଇକେଟରେ ପରାସ୍ତ କରି ଚମତ୍କାର ବିଜୟ ହାସଲ କରିଛି ଆମେରିକା। କାନାଡା ପ୍ରଥମେ ବ୍ୟାଟିଂ କରି ୫ ଉଇକେଟରେ ୧୯୪ ରନ୍ କରିଥିଲା। ଜବାବରେ ଆରୋନ୍ ଜୋନ୍ସଙ୍କ ବିସ୍ଫୋରକ ୯୪ ରନ୍ ବଳରେ ଆମେରିକା ୧୪ ବଲ୍ ବାକିଥାଇ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା।

ଉଭୟ ଦଳ ବିଶ୍ୱକପ୍ ପଦାର୍ପଣ କରିଥିବା ବେଳେ ଆମେରିକା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। କାନାଡା ପକ୍ଷରୁ ଆରୋନ୍ ଜନ୍‌ସନ(୨୩) ଓ ନବନୀତ ଧାଲିୱାଲ(୬୧) ଇନିଂସ ଓପନ କରିଥିଲେ। ପ୍ରଥମ ଉଇକେଟରେ ୪୩ ରନ୍ ଯୋଡି ଜନସନ ଆଉଟ ହୋଇଥିଲେ। ପର୍ଗତ ସିଂ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ। ତେବେ ନିକୋଲାସ୍ କିର୍ଟନ(୫୧) ଓ ନବନୀତ ଚମତ୍କାର ଢଙ୍ଗରେ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ନବନୀତ ୪୪ ବଲ୍ ଖେଳି ୬ ଚୌକା ଓ ୩ ଛକା ସହ ୬୧ ରନ୍ କରିଥିଲେ। ଅନ୍ୟ ପକ୍ଷରେ କିର୍ଟନ ୩୧ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ଶେଷ ଆଡକୁ ଉଇକେଟ କିପର ଶ୍ରେୟସ୍ ମୋୱା ୧୬ ବଲ୍‌ରୁ ୨ଟି ଲେଖାଏ ଛକା ଓ ଚୌକା ସହ ୩୨ ରନ୍ କରିଥିଲେ। ଆମେରିକା ପକ୍ଷରୁ ଅଲୀ ଖାନ୍, ହରମିତ୍ ସିଂ ଓ କୋରି ଆଣ୍ଡରସନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୯୫ ରନ୍‌ର ଲକ୍ଷ୍ୟ ଆମେରିକା ପାଇଁ କଷ୍ଟସାଧ ହେବା ନେଇ ଅନୁମାନ କରାଯାଉଥିଲା। ଏପରିକି ଖାତା ଖୋଲିବା ଆଗରୁ ଷ୍ଟିଭେନ୍ ଟେଲର ଓ ମାତ୍ର ୧୬ ରନ୍ କରି ଅଧିନାୟକ ମୋନାଙ୍କ ପଟେଲ ଆଉଟ ହୋଇଥିଲେ। ୪୨ ରନ୍‌ରେ ୨ ଉଇକେଟ ହରାଇବା ପରେ ଆଣ୍ଡ୍ରିସ୍ ଗୌସ୍ (୬୫) ଓ ଆରୋନ୍ ଜୋନ୍ସ(୯୪*) ଧମାକାଦାର ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ତୃତୀୟ ଉଇକେଟରେ ୧୩୧ ରନ୍ ଯୋଡିଥିଲେ। ଗୌସ୍ ୪୬ ବଲ୍ ଖେଳି ୭ ଚୌକା ଓ ୩ ଛକା ସହ ୬୫ ରନ୍ କରିଥିଲେ। ଅନ୍ୟପକ୍ଷରେ ଜୋନ୍ସ ୪୦ ବଲ୍ ଖେଳି ୪ ଚୌକା ଓ ୧୦ ଛକା ସହ ୯୪ ରନ୍‌ରେ ଅପରାଜିତ ରହି ଆମେରିକାକୁ ବିଶ୍ୱକପ ପଦାର୍ପଣରେ ପ୍ରଥମ ବିଜୟ ପ୍ରଦାନ କରିଥିଲେ। କାନାଡା ପକ୍ଷରୁ ନିଖିଲ ଦତ୍ତ, ଡିଲନ ହେଇଲଗର ଓ କଲିମ୍ ସାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** କାନାଡା ୨୦ ଓଭରରେ ୧୯୪/୫(ନବନୀତ ଧାଲିୱାଲ-୬୧, ନିକୋଲାସ କିର୍ଟନ-୫୧, ଶ୍ରେୟସ୍ ମୋୱା-୩୨*, ଅଲୀ ଖାନ୍-୧/୪୧, ହରମିତ୍‌ସିଂ-୧/୨୭, କୋରି ଆଣ୍ଡରସନ-୧/୨୯)। ଆମେରିକା ୧୭.୪ ଓଭରରେ ୧୯୭/୩ (ଆରୋନ୍ ଜୋନ୍ସ-୯୪*, ଆଣ୍ଡ୍ରିସ୍ ଗୌସ୍-୬୫, ମୋନାଙ୍କ ପଟେଲ୍-୧୬, ନିଖିଲ ଦତ୍ତ-୧/୪୧, ଡିଲନ ହେଇଲଗର-୧/୧୯, କଲିମ୍ ସାନା-୧/୩୪)।


ଶଟ୍ ଖେଳିବା ଅବସରରେ ଆରୋନ୍ ଜୋନ୍ସ।

# କୋଚ୍ ହେବାକୁ ଗମ୍ଭୀର ଆଗ୍ରହୀ

**ଦୁବାଇ, ୨।୬ (ପି.ଟି.)**

ପୂର୍ବତନ ଭାରତୀୟ ବ୍ୟାଟର ଗୌତମ ଗମ୍ଭୀର ଶନିବାର ଜାତୀୟ କ୍ରିକେଟ ଦଳର କୋଚ୍ ହେବା ଲାଗି ଆଗ୍ରହୀ ଥିବା ବିଷୟ ଶନିବାର ପ୍ରକାଶ କରିଛନ୍ତି। ଏହି ହାଇ-ପ୍ରୋଫାଇଲ ପଦବୀ ପାଇଁ ସେ ସର୍ବାଗ୍ରେ ରହିଥିବା ନେଇ ଖୁବ୍ କଳ୍ପନାଜଳ୍ପନା ଚାଲିଛି। ନିକଟରେ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ତୃତୀୟ ଥର ଆଇପିଏଲ୍ ଟାଇଟଲ ଜିତିଥିଲା। ଚଳିତ ଟି୨୦ ବିଶ୍ୱକପ୍ ପରେ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଗମ୍ଭୀରଙ୍କୁ ତାଙ୍କର ପ୍ରକୃଷ୍ଟ ଉତ୍ତରାଧିକାରୀ ଭାବେ ଅନେକେ ଦେଖୁଛନ୍ତି। ମୁଖ୍ୟ କୋଚ୍ ପଦବୀ ପାଇଁ ଆବେଦନପତ୍ର ଦାଖଲ କରିବା ଅବଧି ମେ ୨୭ ରଖାଯାଇଥିଲା। ଆବୁଧାବିରେ ଏକ ଇଭେଣ୍ଟରେ ଯୋଗଦାନ ପୂର୍ବକ ଏକ ସାକ୍ଷାତ୍‌କାରରେ ୪୨ ବର୍ଷୀୟ ଗମ୍ଭୀର କହିଛନ୍ତି, ନିଜ ଜାତୀୟ ଦଳକୁ କୋଚିଂ ଦେବାଠାରୁ ଆଉ ବଡ଼ ସମ୍ମାନ ଅବା କ'ଣ ଥାଇପାରେ। ଦେଶ ଓ ବିଦେଶରେ ରହିଥିବା ୧୪୦ କୋଟି ଭାରତୀୟଙ୍କୁ ତୁମେ ପ୍ରତିନିଧିତ୍ୱ କରୁଛ। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଭାରତର ମୁଖ୍ୟ କୋଚ୍ ଭୂମିକା ପାଇଁ ଗମ୍ଭୀରଙ୍କୁ ଜଣେ ଉପଯୁକ୍ତ ପ୍ରାର୍ଥୀ ବୋଲି ଅଭିହିତ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ